**ଆମର ପ୍ରତିବଦ୍ଧତା**

**ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ ନିଷ୍କର୍ଷ**

RNI REGD. No. : ODIODI/2020/78909

# ନିଷ୍କର୍ଷ
# NISHKARSHA

Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Nishkarsha Media
www.nishkarsha.com
www.nishkarsha.in

NISHKARSHA MEDIA ENTERTAINMENT & PUBLICATION

♦ VOLUME - 05 ♦ ISSUE- 08 ♦ CUTTACK ♦ WEEKLY ♦ 19 TO 25 -FEBRUARY- 2024♦ 8 PAGE ♦ RATE- 5/- ■ ବର୍ଷ - ୦୫ ♦ ସଂଖ୍ୟା -୦୮ ♦ କଟକ♦ ସାପ୍ତାହିକ ♦ ୧୯ ରୁ ୨୫ - ଫେବୃୟାରୀ - ୨୦୨୪ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା


## ବିଶ୍ୱ ପ୍ରସିଦ୍ଧ ବୟନଶିଳ୍ପ କମ୍ପାନୀ ଓ୍ୱେଲସ୍ପନର ଟେକ୍ସଟାଇଲ କମ୍ପ୍ଲେକ୍ସ ପାଇଁ ଚୌଦ୍ୱାରରେ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

### ୩୦୦୦୦ କୋଟି ଟଙ୍କା ପୁଞ୍ଜିନିବେଶ, ପ୍ରତ୍ୟେକ୍ଷ ୧୦ ହଜାର ଓ ପରୋକ୍ଷ ୨୦ହଜାର ନିଯୁକ୍ତି ସୁଯୋଗ

### ପୁଞ୍ଜି ଆକର୍ଷଣରେ ଓଡିଶା ଶ୍ରେଷ୍ଠ ରାଜ୍ୟ- ଓ୍ୱେଲସ୍ପନ ଗ୍ରୁପ ଅଧ୍ୟକ୍ଷ ଶ୍ରୀ ଗୋଏଙ୍କା

### ୫୦ ଦଶକରେ ବିଜୁ ବାବୁ ଚୌଦ୍ୱାରରେ ଶିଳ୍ପ ବିକାଶରେ ଭିତ୍ତି ରଖିଥିଲେ, ଆଜି ଚୌଦ୍ୱାର ତା'ର ହୃତଗୌରବ ଫେରି ପାଇବାକୁ ଯାଉଛି- ମୁଖ୍ୟମନ୍ତ୍ରୀ



**କଟକ (ଏନ୍.ଏମ୍.):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚୌଦ୍ୱାରରେ ବିଶ୍ୱ ପ୍ରସିଦ୍ଧ ବୟନଶିଳ୍ପ କମ୍ପାନୀ ଓ୍ୱେଲସ୍ପନର ଟେକ୍ସଟାଇଲ କମ୍ପ୍ଲେକ୍ସ ପାଇଁ ଶିଳାନ୍ୟାସ କରିଛନ୍ତି। ଏହା ସହିତ ଚୌଦ୍ୱାରରେ ଆରମ୍ଭ ହୋଇଛି ଶିଳ୍ପାୟନ ପୁର୍ନବିକାଶର ଏକ ଗୌରବମୟ ଅଧ୍ୟାୟ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜି ଚୌଦ୍ୱାର ପାଇଁ ବହୁତ ଖୁସିର ଦିନ। ଚୌଦ୍ୱାର ଆଜି ତାର ଗୌରବ ଫେରି ପାଇବାକୁ ଯାଉଛି। ୫୦ ଦଶକର ଆରମ୍ଭରେ ବିଜୁ ବାବୁ ଚୌଦ୍ୱାରରେ ଶିଳ୍ପ ବିକାଶର ଭିତ୍ତି ରଖିଥିଲେ। ଆଜି ପୁଣି ଥରେ ଚୌଦ୍ୱାର ପାଇଁ, କଟକ ଜିଲ୍ଲା ପାଇଁ, ସାରା ଓଡିଶା ପାଇଁ ଶିଳ୍ପ କ୍ଷେତ୍ରରେ ନୂଆ ଇତିହାସ ଲେଖାଗଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ ଯେ ଓ୍ୱେଲସ୍ପନ ଗ୍ରୁପ ବିଶ୍ୱର ଏକ ପ୍ରସିଦ୍ଧ ବୟନ ସାମଗ୍ରୀ ଉତ୍ପାଦନ କମ୍ପାନୀ। ଚୌଦ୍ୱାରରେ ଏହା ଏକ ଇଣ୍ଟିଗ୍ରେଟେଡ୍ ଟେକ୍ସଟାଇଲ ମାନୁଫାକ୍‌ଚରିଂ ଫାସିଲିଟି ଏବଂ ଓ୍ୱେୟାରହାଉସିଂ କମ୍ପ୍ଲେକ୍ସ ନିର୍ମାଣ କରୁଛି। ଏଥିପାଇଁ କମ୍ପାନୀ ୩,୦୫୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରୁଛି। ଏହା ଦ୍ୱାରା ୧୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହା ସହିତ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡିକୁ ବ୍ୟାପାର କ୍ଷେତ୍ରରେ ବିପୁଳ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ମୁଖ୍ୟମନ୍ତ୍ରୀ କଲେ ଉଦ୍‌ଘାଟନ




**ଭୁବନେଶ୍ୱର(ଏନ୍.ଏମ୍.):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଆମ ବସଷ୍ଟାଣ୍ଡ' ଯୋଜନାରେ ୧୩ଟି ଜିଲ୍ଲାରେ ୨୦ଟି ନବନିର୍ମିତ ବସଷ୍ଟାଣ୍ଡ ଉଦ୍ଘାଟନ କରିଛନ୍ତି। ଏହି ଜିଲ୍ଲାଗୁଡିକ ହେଲା- ଅନୁଗୋଳ, ବାଲେଶ୍ୱର, ବୌଦ୍ଧ, ଢେଙ୍କାନାଳ, ଗଜପତି, କେନ୍ଦ୍ରାପଡା, କେନ୍ଦୁଝର, କୋରାପୁଟ, ନୟାଗଡ, ନୂଆପଡା, ରାୟଗଡା, ସମ୍ବଲପୁର ଓ ସୁବର୍ଣ୍ଣପୁର। ଉଦ୍ଘାଟନ ଅବସରରେ ଉଦ୍ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯୋଗାଯୋଗ ହେଉଛି ବିକାଶର ଆଧାର। ଏହା ହେଉଛି ଆମ ଅର୍ଥନୀତିର ମୁଖ୍ୟ ଶକ୍ତି। ଗାଁଠୁ ସହର ସବୁଆଡେ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ କରିବା ଆମର ଲକ୍ଷ୍ୟ ରହିଛି। ୫-ଟି ଉପକ୍ରମରେ ଆମର ଯୋଗାଯୋଗ ଭିତ୍ତିଭୂମି ଓ ସାଧାରଣ ପରିବହନର ବ୍ୟବସ୍ଥାର ବିକାଶ କରାଯାଉଛି। ଗାଁକୁ ଲକ୍ଷ୍ମୀ ଯୋଜନାରେ ବ୍ଲକ ସହ ଯୋଡା ଯାଉଛି। ଭୁବନେଶ୍ୱରରେ ମେଟ୍ରୋ ରେଳ ଯୋଜନା ଆରମ୍ଭ ହୋଇଛି ବୋଲି କହି ଯୋଗାଯୋଗରେ ଉନ୍ନତି ହେଲେ ଲୋକଙ୍କ ରୋଜଗାର ବଢିବା ସହ ଚାଷୀ ଭାଇଭଉଣୀମାନେ ଲାଭବାନ ହେବେ ଓ ପିଲାଙ୍କ ପାଠପଢାରେ ସୁବିଧା ହେବ ବୋଲି ସେ କହିଥିଲେ। 'ଆମ ବସଷ୍ଟାଣ୍ଡ' ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ନୂଆ ବସ୍ ଷ୍ଟାଣ୍ଡଗୁଡିକ ବ୍ୟବସାୟ କେନ୍ଦ୍ର ଭାବେ ଧିରେ ଧିରେ ବିକଶିତ ହେବ ଏବଂ ଏହା ଦ୍ୱାରା ଅର୍ଥନୈତିକ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## 'ନଟି ବଏ' ଲଞ୍ଚ କରିବ ଇସ୍ରୋ; ସରଳ ହେବ ପ୍ରାକୃତିକ ବିପର୍ଯ୍ୟୟର ପୂର୍ବାନୁମାନ



**ନୂଆଦିଲ୍ଲୀ(ଏଜେନ୍ସି):** ଚନ୍ଦ୍ରଯାନ-୩ ଏବଂ ଆଦିତ୍ୟ ଏଲ-୧ ପରେ ଆଉ ଏକ ମିଶନ ପାଇଁ ପ୍ରସ୍ତୁତ ହେଉଛି ଇସ୍ରୋ। ଆସନ୍ତାକାଲି ଇସ୍ରୋ ପାଣିପାଗ ଉପଗ୍ରହ (weather satellite) INSAT-3DS ଉତକ୍ଷେପଣ କରିବ। ଏହି ସାଟେଲାଇଟକୁ ସ୍ପେସ୍ ଏଜେନ୍ସିର 'ନଟି ବଏ' ବୋଲି କୁହାଯାଏ। ଇସ୍ରୋର ଜଣେ ପୂର୍ବତନ ଅଧ୍ୟକ୍ଷ ସାଟେଲାଇଟକୁ ନଟି ବଏ ବୋଲି କହିଥିଲେ। ବାସ୍ତବରେ, ଏହି ରକେଟ୍ ଏପର୍ଯ୍ୟନ୍ତ ୧୫ଟି ଲଞ୍ଚରେ ଭାଗ ନେଇଛି, କିନ୍ତୁ ୬ ଥର ସଠିକ୍ ଫଳାଫଳ ଦେଇନାହିଁ। ଅର୍ଥାତ୍ ଏହାର ବିଫଳତା ହାର ୪୦ ପ୍ରତିଶତ। ଶେଷ ଥର ପାଇଁ ଜିଏସଏଲଭି ୨୯ ମଇ ୨୦୨୩ରେ ଉତକ୍ଷେପଣ ହୋଇଥିଲା, ଯାହା ସଫଳ ହୋଇଥିଲା। କିନ୍ତୁ ପୂର୍ବ ଲଞ୍ଚ ଅଗଷ୍ଟ ୧୨, ୨୦୨୧ରେ ବିଫଳ ହୋଇଥିଲା। ଆସନ୍ତାକାଲି ଇସ୍ରୋ ଏହାର ଏକ ନୂଆ ଭର୍ସନ ଲଞ୍ଚ କରିବ। ଜିଓସିଙ୍କ୍ରୋନସ୍ ସାଟେଲାଇଟ୍ ଲଞ୍ଚ ଭେଇକିଲ୍ ଜିଏସଏଲଭି ମାଧ୍ୟମରେ INSAT-3DS ମହାକାଶକୁ ଉତକ୍ଷେପଣ ହେବ। ଆସନ୍ତାକାଲି ସନ୍ଧ୍ୟା ୫.୩୫ ସମୟରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ଶତୀଶ ଧାଓ୍ୱନ ସ୍ପେସ୍ ସେଣ୍ଟରରୁ ଉତକ୍ଷେପଣ ହେବ 'ନଟି ବଏ'।

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଘରେ ଇଡିର ଚଢ଼ାଉ




**ଭଦ୍ରକ(ଏନ୍.ଏମ୍.):** ଇଡିର ସ୍କାନରରେ ଏବେ ରାଜନେତା। ସାଧାରଣ ନିର୍ବାଚନ ପାଇଁ ରାଜନୈତିକ ସରଗରମ ଆରମ୍ଭ ହୋଇଥିବାବେଳେ ରାଜନେତାଙ୍କ ଘରେ ଏଭଳି ଚଢ଼ାଉକୁ ନେଇ ସମସ୍ତେ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ଏହାର ଫଳାଫଳକୁ ଜନତା ଚାହିଁ ରହିଛନ୍ତି। ଜମି କାରବାରରେ ଦୁର୍ନୀତି ହୋଇଥିବା ଅଭିଯୋଗରେ ଆଜି ଭଦ୍ରକ ଭଣ୍ଡାରିପୋଖରୀ ବିଧାୟକ ତଥା ବିଜେଡିର ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ଘରେ ଇଡି ବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଚଢ଼ାଉ କରିଛି। ଭୁବନେଶ୍ୱରର ୪ଟି ସ୍ଥାନ ସାଙ୍ଗକୁ ଭଦ୍ରକର ୬ଟି ସ୍ଥାନରେ ଏକକାଳୀନ ଭାବେ ଇଡି ଚଢ଼ାଉ କରିଛି। ପ୍ରଫୁଲ୍ଲ ସାମଲଙ୍କ ସମେତ ବରପଦା ଇଂଜିନିୟରିଂ କଲେଜର ପୂର୍ବତନ ଅଧ୍ୟକ୍ଷଙ୍କ ଘରେ ମଧ୍ୟ ଇଡି ପକ୍ଷରୁ ଚଢ଼ାଉ କରାଯାଇଛି। ମିଳିଥିବା ସୂଚନା ମୁତାବକ ଆଜି ସକାଳୁ ସକାଳୁ ଇଡିର ସ୍ୱତନ୍ତ୍ର ଟିମ ଆସି ଭଦ୍ରକରେ ପହଞ୍ଚିଥିଲା। ଇଡି ଟିମ ଭଦ୍ରକରେ ପହଞ୍ଚିବା ପରେ ସହରର ନୂଆ ବଜାରରେ ଥିବା ଭଣ୍ଡାରିପୋଖରୀ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ ସାମଲଙ୍କ ବାସଭବନ ଭିତରକୁ ପଶିଥିଲେ। କେନ୍ଦ୍ରୀୟ ସୁରକ୍ଷା ବଳର କଡା ସୁରକ୍ଷା ଭିତରେ ଇଡି ଟିମ୍ ଭଦ୍ରକରେ ପହଞ୍ଚିଥିଲା। ସୂଚନା ଅନୁଯାୟୀ, ଭଦ୍ରକର ବରପଦା ଇଞ୍ଜିନିୟରିଂ କଲେଜରେ ବହୁ ଦିନ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଭୟଙ୍କର: ସ୍ତ୍ରୀର କଟା ମୁଣ୍ଡ ଧରି ରାସ୍ତାରେ ବୁଲିଲା ସ୍ୱାମୀ



**କୋଲକାତା(ଏଜେନ୍ସି):** ନୃଶଂସର ସବୁ ସୀମା ପାର କରାଯାଇଛି ଜଣେ ବ୍ୟକ୍ତି। ସେ ନିଜ ପତ୍ନୀଙ୍କୁ ଅତ୍ୟନ୍ତ ନିର୍ମମ ଭାବେ ମୁଣ୍ଡ କାଟି ହତ୍ୟା କରିଛି। ଖାଲି ସେତିକି ନୁହେଁ, ପତ୍ନୀର କଟାମୁଣ୍ଡକୁ ବେଧଡ଼କ ଅନ୍ଦାଜରେ ରାସ୍ତାରେ ଧରି ଦୀର୍ଘ ସମୟ ଧରି ବୁଲିଛି। ଏମିତି ଏକ ଲୋମଟାଙ୍କୁରି ଉଠିବା ଭଳି ଘଟଣା ପଶ୍ଚିମବଙ୍ଗର ପୂର୍ବ ମେଦିନାପୁରା ଅଞ୍ଚଳରେ ଘଟିଛି। ଏହାକୁ ନେଇ ପୂରା ଅଞ୍ଚଳରେ କିଛି ସମୟ ପାଇଁ ଭୟର ବାତାବରଣ ସୃଷ୍ଟି ହୋଇଥିବା ବେଳେ ପୁଲିସ୍ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି। ଗିରଫ ବ୍ୟକ୍ତି ଜଣକ ହେଲା ୪୦ ବର୍ଷୀୟ ଗୌତମ। ସେ ଚିତ୍ତିପୁର ବସ୍ ଷ୍ଟାଣ୍ଡ ନିକଟରେ ବୁଲୁଥିଲା। ତା' ଦେହ ସାରା ରକ୍ତ ଲାଗିଥିବା ବେଳେ ହାତରେ ସ୍ତ୍ରୀର କଟାମୁଣ୍ଡ ରହିଥିଲା। ଲୋକମାନେ ଏପରି ଭୟଙ୍କର ଦୃଶ୍ୟ ଦେଖି ତୁରନ୍ତ ପୁଲିସ୍କୁ ଖବର ଦେଇଥିଲେ। ପୁଲିସ୍କୁ ଦେଖି ମଧ ଗୌତମ ଡରି ନଥିଲା। ବରଂ ପୁଲିସ୍ ହାତରେ ଆପେଆପେ ଧରା ଦେଇଥିଲା। ପୁଲିସ୍ ତାକୁ ଗିରଫ କରିବା ସହ କଟା ମୁଣ୍ଡକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ପୁଲିସ୍ କହିଛି ଯେ ଗୌତମ ଜଣେ ମାନସିକ ରୋଗୀ। ସେ ଘରୋଇ କଳି ଯୋଗୁ ନିଜ ପତ୍ନୀଙ୍କୁ ହତ୍ୟା କରିଥିଲା। ଏହାପରେ ମୁଣ୍ଡରୁ ଗଣ୍ଡିକୁ ଅଲଗା କରି ଦେଇଥିଲା। ଶେଷରେ କଟା ମୁଣ୍ଡକୁ ଧରି ରାସ୍ତାରେ ବୁଲିଥିଲା। ପୁଲିସ୍ ଗୌତମକୁ ଗିରଫ କରିବା ପରେ ତା' ଘରେ ପହଞ୍ଚିଥିଲା। ସେଠାରେ ପଡ଼ିଥିବା ମୁଣ୍ଡ ବିହୀନ ମୃତଦେହକୁ ମଧ୍ୟ ପୁଲିସ୍ ଜବତ କରିଛି।

## ପୁଲିସକୁ ବାନ୍ଧିଲା ପୁଲିସ ...

### ଧାର ଟଙ୍କା ପାଇଁ ବାପ, ଝିଅଙ୍କୁ କ୍ୱାର୍ଟର୍ସକୁ ନେଇ ପିଟିଲେ କନଷ୍ଟେବଲ



**ବାରିପଦା(ଏନ୍.ଏମ୍.):** ପୁଲିସକୁ ବାନ୍ଧିଲା ପୁଲିସ। ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନାର ଜଣେ କନଷ୍ଟେବଲଙ୍କୁ ମୟୂରଭଞ୍ଜ ପୁଲିସ ଗିରଫ କରିଛି। ଗିରଫ କନଷ୍ଟେବଲଙ୍କ ନାଁ ଅନନ୍ତ କୁମାର ବିଶ୍ୱାଳ। ମିଳିଥିବା ସୂଚନା ଅନୁଯାୟୀ, ଧାର ଟଙ୍କା ଫେରିନପାଇବାରୁ ବାପ, ଝିଅଙ୍କୁ ମାଡ଼ ମାରି ସଂପୃକ୍ତ କନଷ୍ଟେବଲ ଗିରଫ ହୋଇଛନ୍ତି। ଝିଅର ଏତଲା ଆଧାରରେ ଶୁଳିଆପଦା ପୁଲିସ କନଷ୍ଟେବଲଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ବାପ, ଝିଅଙ୍କୁ ଥାନାକୁ ନେଉଛି କହି କ୍ୱାର୍ଟର୍ସରେ କନେଷ୍ଟବଲ ଜଣକ ଅଟକ ରଖିଥିବା ଅଭିଯୋଗ ହୋଇଥିଲା। ବାରିପଦା ଟାଉନ ଥାନା କାଳିକାପୁରର ରଘୁନାଥ ପାଢୀଙ୍କୁ ୧୦ ବର୍ଷ ପୂର୍ବେ କନଷ୍ଟେବଲ ଅନନ୍ତ କୁମାର ବିଶ୍ୱାଳ ୩୨ ହଜାର ଟଙ୍କା ଦୋକାନ କରିବା ପାଇଁ ଦେଇଥିଲେ। ପର୍ଯ୍ୟାୟ କ୍ରମେ ବ୍ୟକ୍ତି ଜଣଙ୍କ ୧୬ ହଜାର ଟଙ୍କା ଫେରାଇଥିଲେ। କିନ୍ତୁ ଅବଶିଷ୍ଟ ଟଙ୍କା ପାଇଁ କନଷ୍ଟେବଲ ଅନନ୍ତ ବିଶ୍ୱାଳ ରଘୁନାଥଙ୍କ ଜଳଖିଆ ଦୋକାନରେ ପହଞ୍ଚି ସର୍ବସମ୍ମୁଖରେ ତାଙ୍କୁ ଗାଳିଗୁଲଜ କରିବା ସହ ବିଧା ଗୋଇଠା ମାରିଥିଲେ। ଏହାପରେ ଜୋର ଜବରଦସ୍ତି ରଘୁନାଥ ଏବଂ ତାଙ୍କ ଝିଅଙ୍କୁ ବାଇକରେ ବସାଇ ଟାଉନ୍ ଥାନାକୁ ନେବି କହି, ଶୁଳିଆପଦା ଥାନାରେ ନିଜ କ୍ୱାର୍ଟର୍ସକୁ ନେଇ ଯାଇଥିଲେ। ସେଠାରେ ସେ ବନ୍ଦୀ କରି ବାପ ଝିଅକୁ ନିର୍ଦ୍ଧୁମ ମାଡ ମାରିଥିବା ଅଭିଯୋଗ ହୋଇଛି। ଏପରିକି ସେ ଝିଅକୁ ବେକକୁ ଟିପି ଅଶ୍ଳୀଳ ବ୍ୟବହାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। କୌଶଳ କ୍ରମେ ବାପ ଝିଅ ଦୁହେଁ ସେଠାରୁ ଖସି ଆସି ଶୁଳିଆପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ପୁଲିସ୍ ମାମଲା ରୁଜୁ କରି କନେଷ୍ଟବଲ ସମ୍ପୃକ୍ତ କନଷ୍ଟେବଲ ଅନନ୍ତ ବିଶ୍ୱାଳଙ୍କୁ ଗିରଫ କରିଛି। ପୂର୍ବରୁ ମଧ ଏହି କନଷ୍ଟେବଲଙ୍କ ନାମରେ ବିଭିନ୍ନ ଅଭିଯୋଗ ରହିଥିବା ଜଣା ପଡିଛି। ଏନେଇ ଅଭିଯୋଗକାରୀ ରଘୁନାଥ ପାଢୀ କହିଛନ୍ତି, ଥାନାକୁ ନେବେ ବୋଲି କହି ଆମକୁ ନିଜ କ୍ୱାର୍ଟର୍ସକୁ ନେଇ ସେଠାରେ ବନ୍ଦୀ କରି ଦେଇଥିଲେ। ସେଠାରେ ଆମକୁ ଖୁବ୍ ମାରପିଟ କଲେ। ମୋ' ଝିଅ ତଣ୍ଟି ବି ଚିପି ଦେଲେ।

## ନିର୍ବାଚନ ପୂର୍ବରୁ କର୍ମୀଙ୍କୁ ବିଜୟ ମନ୍ତ୍ର ଦେଲେ ମୋଦି



**ନୂଆଦିଲ୍ଲୀ(ଏଜେନ୍ସି):** ପାଖେଇ ଆସିଲାଣି ଲୋକସଭା ନିର୍ବାଚନ। ଏଥିପାଇଁ ନିର୍ବାଚନ ପୂର୍ବରୁ ବିଜେପି କର୍ମୀଙ୍କୁ ବିଜୟ ମନ୍ତ୍ର ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ବିଜେପି ରାଷ୍ଟ୍ରୀୟ ଅଧିବେଶନରେ ଯୋଗଦେଇ ଏଠାରେ ଉପସ୍ଥିତ ନେତାମାନଙ୍କୁ ସମ୍ବୋଧିତ କରି ରଣହୁଙ୍କାର ଦେଇଛନ୍ତି ପ୍ରଧାନମନ୍ତ୍ରୀ। ବିଜେପି କାର୍ଯ୍ୟକର୍ତ୍ତାମାନେ ୨୪ ଘଣ୍ଟା ଦେଶ ସେବା କରୁଛନ୍ତି। ଏଥର କେବଳ ବିଜେପି ୩୭୦ରୁ ଅଧିକ ଆସନ ଜିତିବ। ବିଜେପି କର୍ମୀଙ୍କ ବିଶ୍ୱସ୍ତତା ଏବଂ ନିଷ୍ଠା ଯୋଗୁଁ ଆମେ ଜନସାଧାରଣଙ୍କଠାରୁ ଆଶୀର୍ବାଦ ପ୍ରାପ୍ତ କରୁଛୁ ବୋଲି ମୋଦି କହିଛନ୍ତି। ୨୦୨୪ରେ ତୃତୀୟ ଥର ପାଇଁ ସରକାର ଗଠନ କରି ଆମେ ଜନସେବା ଏବଂ ଜାତୀୟ ସେବାର ଏକ ଇତିହାସ ସୃଷ୍ଟି କରିବାକୁ ଯାଉଛୁ। ବିଜେପି ସରକାରର ତୃତୀୟ କାର୍ଯ୍ୟକାଳ କ୍ଷମତାକୁ ଉପଭୋଗ କରିବାକୁ ମାଗୁନାହାଁନ୍ତି। ଏହା ଆମର ସ୍ୱପ୍ନ ଏବଂ ଆମର ସଂକଳ୍ପ ଯେ ଆମକୁ ଭାରତର ବିକାଶ କରିବାକୁ ପଡିବ। ଆଗାମୀ ୫ ବର୍ଷରେ ଭାରତକୁ ପୂର୍ବ ଅପେକ୍ଷା ଅନେକ ଦ୍ରୁତ ଗତିରେ କାମ କରିବାକୁ ପଡ଼ିବ। ଆଗାମୀ ୫ ବର୍ଷରେ ଆମକୁ ବିକଶିତ ଭାରତ ଆଡକୁ ଏକ ବଡ଼ ଲମ୍ଫ ଡିଆଁ ମାରିବାକୁ ପଡିବ ବୋଲି କର୍ମୀମାନଙ୍କୁ କହିଛନ୍ତି ମୋଦି। ବିଜେପିର କର୍ମୀମାନେ ପ୍ରତିଦିନ ୨୪ ଘଣ୍ଟା ଦେଶର ସେବା କରିବା ପାଇଁ କିଛି ନା କିଛି କାର୍ଯ୍ୟ ଜାରି ରଖିଛନ୍ତି। କିନ୍ତୁ ବର୍ତ୍ତମାନ ଆଗାମୀ ୧୦୦ ଦିନ ହେଉଛି ନୂତନ ଶକ୍ତି, ନୂତନ ଉତ୍ସାହ, ନୂତନ ଆତ୍ମବିଶ୍ୱାସ ଏବଂ ନୂତନ ଉତ୍ସାହ ସହିତ କାମ କରିବାକୁ ପଡିବ ବୋଲି ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଆଜି ହେଉଛି ୧୮ ଫେବ୍ରୁଆରୀ ଏବଂ ଏହି ସମୟ ମଧ୍ୟରେ ୧୮ ବର୍ଷ ବୟସ ହୋଇଥିବା ଯୁବକମାନେ ଦେଶର ୧୮ ତମ ଲୋକସଭା ନିର୍ବାଚନ କରିବାକୁ ଯାଉଛନ୍ତି। ଆମ ସମସ୍ତଙ୍କୁ ଆଗାମୀ ୧୦୦ ଦିନ ପାଇଁ ଏକାଠି କାମ କରିବାକୁ ପଡିବ। ପ୍ରତ୍ୟେକ ନୂତନ ଭୋଟର, ପ୍ରତ୍ୟେକ ହିତାଧିକାରୀ, ପ୍ରତ୍ୟେକ ଶ୍ରେଣୀ, ସମାଜ, ଧର୍ମ, ପରମ୍ପରା ଆଦି ସମସ୍ତଙ୍କ ନିକଟରେ ପହଞ୍ଚିବାକୁ ପଡ଼ିବ ବୋଲି ସେ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଘର ଉଚ୍ଛେଦ କରିବାକୁ ଯାଇ ହଟହଟା ପ୍ରଶାସନ

## ନେହୁରା ହେବା ପରେ ସୁଫଳ ନମିଳିବାରୁ ନେଲେ ଏଭଳି ପଦକ୍ଷେପ !




**ଖୋର୍ଦ୍ଧା(ଏନ୍.ଏମ୍.):** କୋର୍ଟଙ୍କ ଆଦେଶ ପାଇଁ ଏକ ଘର ଉଚ୍ଛେଦ ପାଇଁ ପ୍ରଶାସନ ଯାଇଥିବାବେଳେ ହଟହଟା ହୋଇଥିବା ଦେଖିବାକୁ ମିଳିଛି। ଘର ମାଲିକ ଏ ନେଇ ପ୍ରଶାସନକୁ ବାରମ୍ବାର ନେହୁରା ହେବା ଫରେ ମଧ କୌଣସି ସୁଫଳ ନମିଳିବାରୁ ବାଧ ହୋଇ ଚରମ ନିଷ୍ପତ୍ତି ନେଇଥିଲେ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଖୋର୍ଦ୍ଧା ଅଞ୍ଚଳରେ। ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା କୋଟିଆଖାଲ ଗାଁରେ ସରକାରୀ ଜମି ଉପରେ ନିର୍ମିତ ଏକ ଘରକୁ ଆଜି ପ୍ରଶାସନ ଭାଙ୍ଗିବା ବେଳେ ଜଣେ ମହିଳା ବିଷ ପିଇ ଦେଇଛନ୍ତି। ତାଙ୍କ ଅବସ୍ଥା ଗୁରୁତର ରହିଛି। ତାଙ୍କ ନାଁ ମିତା ପାଟଶାଣୀ। ତାଙ୍କୁ ପ୍ରଥମେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟ ଓ ପରେ ପରେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି। ବେଗୁନିଆ ତହସିଲ ଅଧୀନ ଦେଉଳି ପଞ୍ଚାୟତର କୋଟିଆଖାଲ ଗାଁରେ କୃଷ୍ଣଚନ୍ଦ୍ର ପାଟଶାଣୀ ବସବାସ କରନ୍ତି। ନିଜ ଘରପାର୍ଶ୍ୱକୁ ଲାଗି ସରକାରୀ ଜମି ରହିଛି। ଏଥିରେ ସେ ଦୁଇ ବଖରା ଘର କରିଥିଲେ ଓ ସପରିବାର ରହୁଥିଲେ। କୃଷ୍ଣଚନ୍ଦ୍ରଙ୍କ କହିବା ଅନୁସାରେ ଦୁଇ ମାସ ପୂର୍ବରୁ ତହସିଲଦାର ଆସି ଏକ ବଖରା ଘର ଭାଙ୍ଗି ଦେଇଥିଲେ। ପୁଲିସ ଉପସ୍ଥିତିରେ ତହସିଲଦାର ବଞ୍ଚିଥିବା ଅନ୍ୟ ଏକ ଦୋକାନ ଘର ଆଜି ପୁଣି ଜେସିବି ଲଗାଇ ଭାଙ୍ଗିବାକୁ ଯାଉଥିଲେ। ବହୁ ଅନୁରୋଧ କଲା ପରେ ମଧ ସେ ଶୁଣି ନଥିଲେ। ତେଣୁ ତାଙ୍କ ସ୍ତ୍ରୀ ମିତା ପାଟଶାଣୀ ବାଇଗଣ ଚାଷ ପାଇଁ ରଖାଯାଇଥିବା କୀଟନାଶକ ପିଇଦେଇଥିଲେ। କୀଟନାଶକ ପିଇ ମିତା ଛଟପଟ ହେଉଥିବା ବେଳେ ପୁଲିସ ଓ ତହସିଲଦାର ମାନବିକତା ଦେଖାଇଥିଲେ। ମହିଳାଙ୍କୁ ତୁରନ୍ତ ଉଦ୍ଧାର କରି ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତରିତ କରିଦେଇଛନ୍ତି। ପ୍ରାୟ ଦୁଇ ମାସ ତଳେ ପ୍ରଶାସନିକ ଅଧିକାରୀମାନେ ଘର ଭାଙ୍ଗିବାକୁ ଆସିଥିଲା। ସେତେବେଳେ ଘରର କିଛି ଅଂଶ ଭାଙ୍ଗି ଦିଆଯାଇଥିଲା। ଆଜି ପୁଣି ଥରେ ପୁଲିସ୍ ଧରି ପ୍ରଶାସନିକ ଅଧିକାରୀମାନେ କୃଷ୍ଣଚନ୍ଦ୍ରଙ୍କ ଘର ଭାଙ୍ଗିବାକୁ ପହଞ୍ଚିଥିଲେ। ନିଜେ ବେଗୁନିଆ ତହସିଲଦାର ତାପସ ବିଶି ଆସିଥିଲେ। ତେବେ ଘର ନଭାଙ୍ଗିବାକୁ କୃଷ୍ଣଚନ୍ଦ୍ର ଓ ତାଙ୍କ ପତ୍ନୀ ମିତା ସେମାନଙ୍କୁ ଅନୁରୋଧ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଥିବାରୁ ଘର ଭାଙ୍ଗିବାକୁ ପଡ଼ିବ ବୋଲି ପ୍ରଶାସନିକ ଅଧିକାରୀ ଓ ଉପସ୍ଥିତ ପୁଲିସ୍ ଅଧିକାରୀମାନେ କୃଷ୍ଣଚନ୍ଦ୍ର ଓ ମିତା ପାଟଶାଣୀଙ୍କୁ କହିଥିଲେ। ଅନୁରୋଧ କରିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ ଘର ଭାଙ୍ଗିବାକୁ ଉଦ୍ୟମ କରାଯିବା ମାତ୍ରେ ମିତା ପାଟଶାଣୀ ଘର ଭିତରୁ ଏକ ବିଷ ବୋତଲ ଆଣି ସମସ୍ତଙ୍କ ସମ୍ମୁଖରେ ପିଇ ଦେଇଥିଲେ। ଏ ନେଇ ମିତାଙ୍କ ସ୍ୱାମୀ କୃଷ୍ଣଚନ୍ଦ୍ର ପାଟଶାଣୀ କହିଛନ୍ତି, ସରକାରୀ ଜମିରେ ଆହୁରି ଅନେକ ଲୋକ ଘର କରି ରହୁଛନ୍ତି। କିନ୍ତୁ ପ୍ରଶାସନ ଆମ ଉପରେ କାହିଁକି ଦାଉ ସାଧୁଛି, ଆମେ ବୁଝିପାରୁନୁ। ଆମେ ଗରିବ ଲୋକ। ଘର ଭାଙ୍ଗି ଦେଲେ କେଉଁଠି ରହିବୁ। ବେଗୁନିଆ ତହସିଲଦାର ତାପସ ବିଶି କହିଛନ୍ତି, ଆଜିର ଘଟଣା ପରେ ଉଚ୍ଛେଦ କାର୍ଯ୍ୟକୁ ସ୍ଥଗିତ ରଖାଯାଇଛି। ଏବେ ସେମାନଙ୍କ ଘର ଭଙ୍ଗା ଯିବ ନାହିଁ। ମିତା ପାଟଶାଣୀଙ୍କ ଚିକିତ୍ସା ଶେଷ ହେବା ପରେ ପରବର୍ତ୍ତୀ ପଦକ୍ଷେପ ସଂପର୍କରେ ନିଷ୍ପତ୍ତି ନିଆଯିବ।

## ପୁରୀରେ ହେବ ଗ୍ରୀନ ଫିଲ୍ଡ ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ବିମାନବନ୍ଦର, ୧୦୯୫ ଦିନରେ ସରିବ କାମ



**ପୁରୀ(ଏନ୍.ଏମ୍.):** ପୁରୀରେ ହେବାକୁ ଯାଉଛି ଗ୍ରୀନ ଫିଲ୍ଡ ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ବିମାନବନ୍ଦର। ଏହାର ନିର୍ମାଣ କାମ ପିପିପି ମୋଡରେ କରାଯିବ। ଏଥିପାଇଁ ୨୨୦୩ କୋଟି ଟଙ୍କାର ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଛି। ୧୦୯୫ ଦିନ ବା ୩ବର୍ଷ ଭିତରେ ବିମାନବନ୍ଦର କାର୍ଯ୍ୟ ଶେଷ ହେବ ବୋଲି ଲକ୍ଷ୍ୟ ରଖାଯାଇଛି। ଏୟାରପୋର୍ଟ ଜମି ଅଧିଗ୍ରହଣ ପାଇଁ ପରିବେଶ ମଞ୍ଜୁରୀ ମିଳିଥିବା ବେଳେ ବିମାନ ଚଳାଚଳ କରିବା ପାଇଁ ଆବଶ୍ୟକ ପରିବେଶ ଆସେସେମେଣ୍ଟ କ୍ଲିୟରାନ୍ସ ଓ ସିଆରଜେଡ କ୍ଲିୟରାନ୍ସ ସହ ପ୍ରଦୂଷଣ କ୍ଲିୟରାନ୍ସ ସାର୍ଟିଫିକେଟର ଆବଶ୍ୟକତା ରହିଛି ବୋଲି କହିଛନ୍ତି ପରିବେଶବିତ। ବାଣିଜ୍ୟ ଓ ପରିବହନ ବିଭାଗ ତରଫରୁ ପୁରୀରେ ଗ୍ରୀନ ଫିଲ୍ଡ ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ବିମାନବନ୍ଦର ନିର୍ମାଣ କରିବାକୁ ଯୋଜନା ହୋଇଛି। ପିପିପି ମୋଡରେ ମୋଟ ୨୨୦୩ କୋଟି ଟଙ୍କାରେ ଏହାକୁ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►




# ଶିକ୍ଷକଙ୍କ ଚାପୁଡ଼ାରେ ଫାଟିଗଲା ଛାତ୍ରର କାନ ପରଦା

**କାନପୁର(ଏଜେନ୍ସି):** ଶିକ୍ଷକଙ୍କ ଚାପୁଡ଼ାରେ ଫାଟିଗଲା ଛାତ୍ରର କାନ ପରଦା। ସ୍କୁଲ ଏକ ଦଣ୍ଡମୁକ୍ତ ଅଞ୍ଚଳ ହୋଇଥିବା ବେଳେ ଏପରି ନିର୍ଯାତନାର ଶିକାର ହୋଇଛି ଜଣେ ନିରୀହ ଛାତ୍ର। ଏପରି ଏକ ଅଭାବନୀୟ ଘଟଣା ଉତ୍ତରପ୍ରଦେଶର କାନପୁରରେ ଘଟିଛି। ପୀଡ଼ିତ ଛାତ୍ରଜଣକ କାନପୁରର ଏକ ଘରୋଇ ସ୍କୁଲରେ ଷଷ୍ଠ ଶ୍ରେଣୀରେ ପଢ଼ନ୍ତି। ତାଙ୍କୁ ମାଡ଼ ମାରିଥିବା ଅଭିଯୋଗରେ ସ୍କୁଲର କମ୍ପ୍ୟୁଟର ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ତାଙ୍କ ନାଁରେ ଥାନାରେ ମାମଲା ରୁଜୁ ହୋଇଛି। ଛାତ୍ରଙ୍କ ବାପାଙ୍କ କହିବାନୁଯାୟୀ, ମୋ' ପୁଅ ଗତକାଲି ସ୍କୁଲ ଯାଇଥିଲା। ସେଠାରେ ପାଠପଢ଼ାକୁ ନେଇ କମ୍ପ୍ୟୁଟର ଶିକ୍ଷକ ବିକ୍ରାନ୍ତ ଥାମସ୍ ତାକୁ ପ୍ରବଳ ପିଟିଥିଲେ। ଶିକ୍ଷକଙ୍କ ମାଡ଼ରେ ମୋ' ପୁଅ ଶରୀରର ବିଭିନ୍ନ ସ୍ଥାନରେ ଚିହ୍ନ ହୋଇଥିବା ବେଳେ ତା' କାନ ପରଦା ଫାଟି ଯାଇଛି। ପିଲାଟି ଘରକୁ ଫେରିବା ବେଳକୁ ତା' ଅବସ୍ଥା ଗୁରୁତର ହୋଇ ଯାଇଥିଲା। ତୁରନ୍ତ ପରିବାର ଲୋକେ ତାକୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପିଲାଟିର ଅବସ୍ଥା ଗମ୍ଭୀର ଥିବା ଡାକ୍ତର କହିଛନ୍ତି। ପିଲାଟି ଏବେ କିଛି ଖାଇ ପାରୁ ନ ଥିବା ବେଳେ ଯନ୍ତ୍ରଣାରେ ଛଟପଟ ହେଉଥିବା ତା' ବାପା କହିଛନ୍ତି। ଏନେଇ ସେ ସ୍କୁଲ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିବା ସହ ଥାନାରେ ବିଲିଖିତ ଅଭିଯୋଗ କରିଛନ୍ତି। ସ୍କୁଲ ପକ୍ଷରୁ ତୁରନ୍ତ ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି।

# ୟୁଏଇରେ ଖୋଲିଲା ପ୍ରଥମ ହିନ୍ଦୁ ମନ୍ଦିର, ଉଦ୍ଘାଟନ କଲେ ମୋଦି

**ଆବୁଧାବି(ଏଜେନ୍ସି):** ଲୋକାର୍ପିତ ହେଲା ଅବୁଧାବି ସ୍ଥିତ ବାପ୍ସ ସ୍ୱାମୀ ନାରାୟଣ ମନ୍ଦିର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଲୋକାର୍ପଣ କରିଛନ୍ତି। ଏହି ସମୟରେ ସେ ୪୨ଟି ଦେଶର ପ୍ରତିନିଧୀଙ୍କୁ ସମ୍ବୋଧିତ କରିଛନ୍ତି। ଏହି ଉଦ୍ଘାଟନୀ ଉତ୍ସବରେ ବଲିଉଡ ଅଭିନେତା ଅକ୍ଷୟ କୁମାର ମଧ୍ୟ ସାମିଲ ହୋଇଛନ୍ତି। ଏଥିସହ ଅନେକ ଭାରତୀୟ ମଧ୍ୟ ଦେଶର କୋଣ ଅନୁକୋଣରୁ ଆସି ଏହି ମନ୍ଦିରର ଉଦ୍ଘାଟନୀ ଉତ୍ସବରେ ସାମିଲ ହୋଇଛନ୍ତି। ମନ୍ଦିରର କୋଣ ଅନୁକୋଣରେ ଭାରତୀୟ କଳା ସଂସ୍କୃତିର ଝଲକ ଦେଖିବାକୁ ମିଳିଛି। ନାଗର ଶୈଳୀରେ ନିର୍ମାଣ ହୋଇଥିବା ଏହି ମନ୍ଦିର ଗୁଜରାଟର ସୋମନାଥ, କାଶୀ ବିଶ୍ୱନାଥଙ୍କ ମନ୍ଦିରର ଭ୍ରମ ସୃଷ୍ଟି କରୁଛି। ୨୭ ଏକର ଜମିରେ ନିର୍ମିତ ଏହି ମନ୍ଦିରରେ ଖର୍ଚ୍ଚ ହୋଇଛି ପ୍ରାୟ ୭୦୦ କୋଟି ଟଙ୍କା। ଏହି ମନ୍ଦିରରେ ସାତୋଟି ଶିଖର ନିର୍ମାଣ କରାଯାଇଛି ଯେଉଁଥିରେ ପ୍ରଭୁ ରାମ, ଭଗବାନ ଶିବ, ଜଗନ୍ନାଥ, କୃଷ୍ଣ, ସ୍ୱାମୀନାରାୟଣ, ତିରୁପତି ବାଲାଜୀ ଏବଂ ଭଗବାନ ଆୟାପ୍ପାଙ୍କ ମୂର୍ତ୍ତି ରହିଛି। ୟୁନାଇଟେଡ୍ ଆରବ ଏମିରେଟ୍ସରେ ଏହା ହେଉଛି ପ୍ରଥମ ମନ୍ଦିର ଯାହା ସଂପୂର୍ଣ୍ଣ ଭାବେ ପଥରରେ ନିର୍ମିତ ହୋଇଛି। ମନ୍ଦିରରେ ବ୍ୟବହାର ହୋଇଥିବା ଗୋଲାପି ପଥର ରାଜସ୍ଥାନରୁ ଆସିଥିବା ବେଳେ ଧଳା ଇଟାଲିଆନ୍ ମାର୍ବଲ ଇଟାଲୀରୁ ଆସିଛି। ଗ୍ରାନାଇଟ୍ ଓ ଧଳା ମାର୍ବଲରେ ନିର୍ମାଣ ଏହି ମନ୍ଦିର ବେଶ୍ ମନମୁଗ୍ଧକର। ମନ୍ଦିରରେ ପାର୍ଶ୍ୱ ଦେବାଦେବୀଙ୍କ ମୂର୍ତ୍ତି ବି ନିଖୁଣ ଭାବେ ନିର୍ମାଣ କରାଯାଇଛି। ବାପ୍ସ ସ୍ୱାମୀ ନିନାରାୟଣ ମନ୍ଦିରର ଉଚ୍ଚତା ୧୦୮ ଫୁଟ, ୨୬୨ ଫୁଟ ଲମ୍ବ ଏବଂ ଚଉଡା ୧୮୦ ଫୁଟ ରହିଛି। କୁହାଯାଉଛି ଯେ ମନ୍ଦିର ନିର୍ମାଣ ପାଇଁ ୨୦,୦୦୦ ଟନରୁ ଅଧିକ ପଥର ଏବଂ ମାର୍ବଲ ୭୦୦ କଣ୍ଟେନରରେ ଭର୍ତ୍ତି କରି ଅବୁଧାବିକୁ ଅଣାଯାଇଥିଲା। ଦୁଇ ଦିନିଆ ୟୁଏଇ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆବୁଧାବିରେ ପହଞ୍ଚିଥିଲେ। ବିମାନବନ୍ଦରରେ ମୋଦିଙ୍କୁ ଆଲିଙ୍ଗନ କରି ସ୍ୱାଗତ କରିଥିଲେ ୟୁଏଇ ରାଷ୍ଟ୍ରପତି ଜାୟେଦ୍। ଏହି ଅବସରରେ ଭାରତ ଓ ୟୁଏଇ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହେବା ସହ ଅନେକ ନିବେଶ ରାଜିନାମା ସ୍ୱାକ୍ଷରିତ ହୋଇଛି। ଏଥିସହ ଆବୁଧାବିରେ ୟୁପିଆଇ ରୁପେ କାର୍ଡ ପ୍ରଚଳନ ଶୁଭାରମ୍ଭ କରିଛନ୍ତି ଉଭୟ ରାଷ୍ଟ୍ର ନେତା।

# ବିଲକୁ ଖସି ପଡ଼ିଲା ବାୟୁସେନାର ଲଢୁଆ ବିମାନ

**ଖଡ଼ଗପୁର(ଏଜେନ୍ସି):** ଦୁର୍ଘଟଣାଗ୍ରସ୍ତ ହେଲା ଭାରତୀୟ ବାୟୁସେନାର ଲଢୁଆ ବିମାନ। ଦୁର୍ଘଟଣାଗ୍ରସ୍ତ ହୋଇ ଏହା ଏକ ବିଲକୁ ଖସି ପଡିଛି। ପଶ୍ଚିମବଙ୍ଗର ମିଦନାପୁର ସ୍ଥିତ କଲାଇକୁଣ୍ଡା ଏୟାରବେସ୍ ନିକଟରେ ଦୁର୍ଘଟଣା ଘଟିଛି। ସୂଚନା ମୁତାବକ, ଟ୍ରେନିଂ ବେଳେ ଖଡ଼ଗପୁର ଥାନା ଦିଆସା ଅଞ୍ଚଳରେ ବାୟୁସେନାର ଏକ ଲଢୁଆ ବିମାନଟି ବିଲକୁ ଖସି ପଡ଼ିଛି। ଦୁର୍ଘଟଣାଗ୍ରସ୍ତ ବିମାନଟି କଲେଇକୁଣ୍ଡା ଏୟାରବେସ୍ରୁ ଉଡ଼ାଣ ଭରିଥିଲା। ତେବେ ଏଥିରେ ଥିବା ଦୁଇ ଜଣ ପାଇଲଟ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଉଭୟ ପାଇଲଟ ପରାସୁଟ୍ ଯୋଗେ ସୁରକ୍ଷିତ ଅବତରଣ କରିଛନ୍ତି। ସେପଟେ



ବିମାନଟି ବିଲକୁ ଖସିପଡିବା ପରେ ପୂରା ଅଞ୍ଚଳରେ ଆତଙ୍କ ଖେଳି ଯାଇଛି। ବିଲରେ ଖସିପଡ଼ିଥିବା ବିମାନଟି ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ସୂଚନା ମିଳିଛି। ଗତବର୍ଷ ଡିସେମ୍ବରରେ ମଧ ଭାରତୀୟ ବାୟୁସେନାର ଏକ ପ୍ରଶିକ୍ଷକ ବିମାନ ତେଲେଙ୍ଗାନାର ମେଡାକ ଜିଲ୍ଲାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ଦୁଇ ପାଇଲଟଙ୍କ ମୃତ୍ୟୁ ହୋଇଥିଲା। ଡିଣ୍ଡିଗୁଲରେ ଅବସ୍ଥିତ ବାୟୁସେନା ଏକାଡେମୀ ନିକଟରେ ଏହି ଦୁର୍ଘଟଣା ଘଟିଥିଲେ। ଏଥିରେ ଜଣେ କ୍ୟାଡେଟ୍ ପାଇଲଟ୍ ଏବଂ ଜଣେ ଟ୍ରେନର୍ ଥିଲେ।

# ଦେବୀ ସରସ୍ୱତୀଙ୍କ ଶାଢ଼ୀ ପିନ୍ଧି ନଥିବା ମୂର୍ତ୍ତିକୁ ନେଇ ହଙ୍ଗାମା



**ଅଗରତାଲା(ଏଜେନ୍ସି):** ଦେବୀ ସରସ୍ୱତୀଙ୍କ ମୂର୍ତ୍ତିକୁ ନେଇ ବିବାଦ। ଶାଢ଼ୀ ପିନ୍ଧାଇ ନଥିବାରୁ ଜୋରଦାର ହଙ୍ଗାମା। ବସନ୍ତ ପଞ୍ଚମୀ ଦିନ ସରସ୍ୱତୀଙ୍କ ବିନା ଶାଢ଼ୀ ଯୁକ୍ତ ମୂର୍ତ୍ତିକୁ ପୂଜା କରିବାକୁ ନେଇ ଉତ୍ତେଜନା ଦେଖାଦେଇଛି। ତ୍ରିପୁରାର ଅଗରତାଲାର ଏକ ସରକାରୀ କଲେଜରେ ଘଟିଛି ଏଭଳି କିଛି ଘଟଣା। ଅଗରତାଲାର ଏକ ସରକାରୀ କଲେଜରେ ସରସ୍ୱତୀ ପୂଜା ଦିନ ମା' ସରସ୍ୱତୀଙ୍କ ବିନା ଶାଢ଼ୀଯୁକ୍ତ ପ୍ରତିମାକୁ ପୂଜା କରାଯାଇଥିଲା। ଏହାର ଫଟୋ ଓ ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହୋଇଥିଲା। ଏହାକୁ ନେଇ ଏବିଭିପି ଓ ବଜରଙ୍ଗ ଦଳର କର୍ମୀମାନେ ଆପତ୍ତି ଉଠାଇଛନ୍ତି। ଜୋରଦାର ବିରୋଧ ପ୍ରଦର୍ଶନ କରିବା ସହ ପ୍ରବଳ ହଙ୍ଗାମା ହୋଇଛି। ଏବିଭିପି ପାରମ୍ପରିକ ଭାରତୀୟ ପୋଷାକ ପିନ୍ଧି ନଥିବା ମୂର୍ତ୍ତିକୁ କଥିତ ରୂପେ ଅଶ୍ଳୀଳ ବୋଲି କହିଛି। ଆୟୋଜକଙ୍କ ବିରୋଧରେ ଆନ୍ଦୋଳନ କରିଛନ୍ତି ଉଭୟ ଏବିଭିପି ଓ ବଜରଙ୍ଗ ଦଳ। ଏହାପରେ ଏବିଭିପିର କିଛି କର୍ମୀମାନେ ଦେବୀ ସରସ୍ୱତୀଙ୍କ ମୂର୍ତ୍ତିରେ ଶାଢ଼ୀ ପିନ୍ଧାଇଛନ୍ତି। ତ୍ରିପୁରାର ଏବିଭିପି ମହାସଚିବ ଦିବାକର ଆଚାର୍ଯ୍ୟ ଦେବୀ ସରସ୍ୱତରଙ୍କ ଭୁଲ୍ ଚିତ୍ରଣକୁ ନେଇ କଡା ବିରୋଧ କରିବା ସହ ଆପତ୍ତି ଉଠାଇଛନ୍ତି। ଏହି ରୂପରେ ଦେବୀ ସରସ୍ୱତୀଙ୍କୁ ପୂଜା କରିବା ବେଶ୍ ଅଶ୍ଳୀଳ। ସାରା ଦେଶରେ ଦେବୀ ସରସ୍ୱତୀଙ୍କ ମାନ୍ୟତା ରହିଛି ଓ ତାଙ୍କୁ ଆମେ ପୂଜା କରୁ। ବିଶେଷ ରୂପେ ବସନ୍ତ ପଞ୍ଚମୀ ଦିନ ମା' ସରସ୍ୱତୀଙ୍କୁ ପୂଜା କରାଯାଏ। ସରକାରୀ ଆର୍ଟ ଆଣ୍ଡ କ୍ରାଫ୍ଟ କଲେଜରେ ଦେବୀ ସରସ୍ୱତୀଙ୍କ ଯେଉଁ ମୂର୍ତ୍ତି ଲଗାଯାଇଛି ତାହା ବେଶ ଆପତ୍ତିଜନକ। ଏହାକୁ ଅଶ୍ଳୀଳ ରୂପେ ତିଆରି କରାଯାଇଛି ବୋଲି ସେ କହିଛନ୍ତି। ବିକ୍ଷୋଭକାରୀମାନେ କଲେଜ ପରିସରରେ ଥିବା ସରସ୍ୱତୀ ଦେବୀଙ୍କ ମୂର୍ତ୍ତିରେ ଶାଢ଼ୀ ପିନ୍ଧାଇବାକୁ ଦାବି କରିଛନ୍ତି। ଏଥିସହ ଛାତ୍ର ସଙ୍ଗଠନ ଏବିଭିପି କଲେଜ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି। ଏହି ମାମଲାରେ ତ୍ରିପୁରା ମୁଖ୍ୟମନ୍ତ୍ରୀ ମାଣିକ ଶାହ ହସ୍ତକ୍ଷେପ କରନ୍ତୁ ବୋଲି ସେମାନେ ନିବେଦନ କରିଛନ୍ତି। ସେପଟେ ବିବାଦ ବଢ଼ିବା ପରେ କଲେଜ କର୍ତ୍ତୃପକ୍ଷ ଉକ୍ତ ସରସ୍ୱତୀଙ୍କ ମୂର୍ତ୍ତିକୁ ହଟାଇ ଦେଇଛି। ସେହି ସ୍ଥାନରେ ଆଉ ଏକ ମୂର୍ତ୍ତିକୁ ସ୍ଥାପନ କରାଯାଇଛି। ପୂଜା ପେଣ୍ଡାଲ ପଛପଟେ ବିବାଦୀୟ ମୂର୍ତ୍ତିରେ ପ୍ଲାଷ୍ଟିକ ଢ଼ାଙ୍କି ଘୋଡାଇ ଦିଆଯାଇଛି। ସୂଚନା ମିଳିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛି। ଏନେଇ କଲେଜ ପ୍ରଶାସନ, ଏବିଭିପି କିମ୍ବା ବଜରଙ୍ଗ ଦଳ ପକ୍ଷରୁ କୌଣସି ମାମଲା ରୁଜୁ କରାଯାଇ ନାହିଁ।

# ୧୦ଥର ପ୍ରତ୍ୟାଖାନ ହେବା ପରେ ବର ସାଜିଲେ ୩.୭ ଫୁଟ ଉଚ୍ଚର ଯୁବକ; ପାଇଗଲେ ସ୍ୱପ୍ନର ନାୟିକା

**ବୁଲେନ୍ଦରସହର(ଏଜେନ୍ସି):** ବିବାହ ଏକ ପବିତ୍ର ବନ୍ଧନ। କୁହାଯାଏ, ରବ ନେ ବନାଦି ଯୋଡ଼ି। ଯୋଡ଼ି ସ୍ୱର୍ଗରେ ହିଁ ସ୍ଥିର ହୋଇଥାଏ। ନଚେତ ଦୀର୍ଘ ୧୫ ବର୍ଷର ଅପେକ୍ଷା ପରେ ୧୦ ଥର ପ୍ରତ୍ୟାଖାନର ଅପମାନ ସହିବା ପରେ ବି ଜଣେ ୩.୭ ଫୁଟ ଉଚ୍ଚତା ବିଶିଷ୍ଟ ବରକୁ ନିଜ ମନ ପସନ୍ଦର କନିଆ ମିଳି ନ ଥାନ୍ତା। ତାଙ୍କ କନିଆଙ୍କ ଉଚ୍ଚତା ମଧ ୪ ଫୁଟ। ଏପରି ଏକ ଘଟଣା ଉତ୍ତରପ୍ରଦେଶର ବୁଲେନ୍ଦସହର ଜିଲ୍ଲାରେ ଘଟିଛି। ବୁଲେନ୍ଦସହର ଜିଲ୍ଲାର ଅର୍ସଦ ବହୁ ପୂର୍ବରୁ ବିବାହ ପାଇଁ ମନ ବଳାଇଥିଲେ ବି କମ୍ ଉଚ୍ଚତା ଯୋଗୁ ତାଙ୍କ ଆଶା ପାଣି ଫୋଟକା ପରି ମିଳାଇ ଯାଉଥିଲା। କେବଳ କମ୍ ଉଚ୍ଚତା ଯୋଗୁ ତାଙ୍କୁ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଥର ପ୍ରତ୍ୟାଖାନର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏପରିକି ଅର୍ସଦ କେବେ ବର ସାଜି ପାରିବେ କି ନାହିଁ ତାହାକୁ ନେଇ ତାଙ୍କ ଘର ଲୋକେ ବି



ସନ୍ଦେହରେ ପଡ଼ି ଯାଇଥିଲେ। ମାତ୍ର ଭାଗ୍ୟ ତାଙ୍କ ପାଇଁ ଆଉ କିଛି ଚମତ୍କାର ରଖିଥିଲା। ନଚେତ ୧୦ ଥର ପ୍ରତ୍ୟାଖାତ ହେବା ପରେ ବି ଅର୍ସଦଙ୍କୁ ମିଳିଗଲା ନିଜ ମନର ମାନସୀ। ମୋ' ଉଚ୍ଚତା ପାଇଁ ଲୋକଙ୍କଠାରୁ ବହୁ ଟାହିଟାପରା ଶୁଣିବା ପରେ ବି ମୋ' ସ୍ୱପ୍ନର ନାୟିକା ସହ ନିଶ୍ଚିତ ରୂପେ ଦେଖାହେବ ବୋଲି ବିଶ୍ୱାସ ଥିଲା ବୋଲି କହିଛନ୍ତି ଅର୍ସଦ। ଏଥିସହ ତାଙ୍କ କହିବାନୁଯାୟୀ, ୪ ମାସ ପୂର୍ବେ ଜଣେ ନିକଟ ସମ୍ପର୍କୀୟ ଏହି ପ୍ରସ୍ତାବ ସମ୍ପର୍କରେ କହିଥିଲେ। ମାତ୍ର ଝିଅ ଉଚ୍ଚତାଠୁ ମୋ' ଉଚ୍ଚତା କମ୍ ଥିବାରୁ ଝିଅ ଘର ମୋ' ସହ ବିବାହ ନିମନ୍ତେ ମନା କରି ଦେଇଥିଲେ। ତେଣୁ ସେଠି ମଧ ବିବାହ ଆଶା ମୋର ମଉଳି ଯାଇଥିଲା। ମାତ୍ର ପରେ ଉଭୟଙ୍କ ପରିବାର ମଧ୍ୟରେ ଆଲୋଚନା ହେବା ପରେ ଏହି ବିବାହ ନିମନ୍ତେ ସମ୍ମତି ପ୍ରକାଶ ପାଇଥିଲା। ଶେଷରେ ଶରୱାନି ପିନ୍ଧି ମୁଣ୍ଡରେ ପଗଡ଼ି ବାନ୍ଧି ଅର୍ସଦ ସାଜିଲେ ବର। ଆଉ ନିଜ ନାୟିକାଙ୍କ ପାଇଁ ବ୍ୟାଣ୍ଡ ବାଜା ବଜାଇ ବରଯାତ୍ରୀ ଧରି ତାଙ୍କ ଘର ସମ୍ମୁଖରେ ପହଞ୍ଚିଗଲେ। ବିବାହ ଶେଷରେ ନିଜ ମନର ମାନସୀଙ୍କୁ ସବୁ ଦିନ ପାଇଁ ନିଜର କରି ଘରକୁ ନେଇ ଆସିଲେ। ଏବେ ଉଭୟ ବେଶ୍ ହସଖୁସିରେ ଦିନ କାଟୁଥିବା ଜଣାଯାଇଛି।

## ଆଇନ ଅଦାଲତ

# ଓଡିଶାରେ ଆୟୁଷ୍ମାନ ଯୋଜନା ଲାଗୁ ପ୍ରସଙ୍ଗ ମାମଲାକୁ ଖାରଜ କଲେ ହାଇକୋର୍ଟ

**କଟକ(ଏନ୍.ଏମ୍.):** ଓଡିଶାରେ ଆୟୁଷ୍ମାନ ଯୋଜନା ଲାଗୁ କରିବାକୁ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାକୁ ଅଦାଲତ ଖାରଜ କରିଛନ୍ତି। ବରିଷ୍ଠ ବିଜେପି ନେତା ସମୀର ମହାନ୍ତିଙ୍କ ପକ୍ଷରୁ ରୁଜୁ ମାମଲାକୁ ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ ଖାରଜ କରିଛନ୍ତି। ସୂଚନାଥାଉକି ରାଜ୍ୟରେ ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନା ଭଳି ଉକ୍ତ ଯୋଜନାକୁ ଲାଗୁ କରିବାକୁ ଆବେଦନକାରୀ ଶ୍ରୀ ମହାନ୍ତି ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ରୁଜୁ ମାମଲାରେ ଦର୍ଶାଯାଇଥିଲା ଯେ ରାଜ୍ୟ ସରକାର ଜାଣିଶୁଣି ଓଡିଶାରେ ଏପରି ଯୋଜନାକୁ ଲାଗୁ କରାଇ ଦେଉନାହାଁନ୍ତି। ଫଳରେ ଓଡିଶାର ଲୋକମାନେ ଏହି ଯୋଜନାର ସୁଫଳ ପାଇପାରୁନାହାଁନ୍ତି। ଭାରତର ବିଭିନ୍ନ ରାଜ୍ୟ ଓ



କେନ୍ଦ୍ରଶାସିତ ଅଞ୍ଚଳରେ ଥିବା ୨୮ ହଜାରରୁ ଅଧିକ ଡାକ୍ତରଖାନା ଏହି ଯୋଜନା ସହିତ ଅନୁବନ୍ଧିତ ହୋଇଛନ୍ତି। ତେବେ ଦିଲ୍ଲୀ ଓ ପଶ୍ଚିମବଙ୍ଗ ଭଳି ହାତ ଗଣତି ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳକୁ ଛାଡି ଦେଲେ ପ୍ରାୟ ସମସ୍ତ ରାଜ୍ୟରେ ଏହି ଯୋଜନା ଲାଗୁ କରାଯାଇ ଥିବାବେଳେ ରାଜ୍ୟ ସରକାର ଓଡିଶାରେ ଏହି ଯୋଜନାକୁ ଉଦ୍ଦେଶ୍ୟମୂଳକ ଭାବେ ଲାଗୁ କରୁନାହାଁନ୍ତି। ଅନ୍ୟପକ୍ଷରେ ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନା ଲାଗୁ କରିଛନ୍ତି। ଏହି ଯୋଜନାରେ ପୁରୁଷ ହିତାଧିକାରୀଙ୍କ ପାଇଁ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟସେବା ଦେୟମୁକ୍ତ ହୋଇଥିବାବେଳେ ମହିଳାଙ୍କ ନିମନ୍ତେ ଏହାର ପରିମାଣ ରହିଛି ୧୦ଲକ୍ଷ। ତେବେ ବେଳେବେଳେ ଅନେକ ଜଟିଳ ରୋଗ ପାଇଁ ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଉପଲବ୍ଧ ଅର୍ଥ ପର୍ଯ୍ୟାପ୍ତ ହେଉନାହିଁ ବୋଲି ଆବେଦନକାରୀ ଅଭିଯୋଗ କରିଥିଲେ। ଏପରି କ୍ଷେତ୍ରରେ ହିତାଧିକାରୀମାନେ ଆୟୁଷ୍ମାନ ଯୋଜନାର ସୁଫଳ ପାଇପାରନ୍ତେ ବୋଲି ସେ ଦର୍ଶାଇଥିଲେ। ତେବେ ଆଗତ ମାମଲାରେ ଜନସ୍ୱାର୍ଥ ସମ୍ବଳିତ ନିୟମ ପାଳନ କରାଯାଇନଥିବାରୁ ହାଇକୋର୍ଟ ଏହାକୁ ଖାରଜ କରିଛନ୍ତି।

# କାହିଁକି ନିର୍ବାଚନୀ ବଣ୍ଡକୁ ଅସାମ୍ବିଧାନିକ କହିଲେ ସୁପ୍ରିମକୋର୍ଟ?

**ନୂଆଦିଲ୍ଲୀ(ଏଜେନ୍ସି):** ୨୦୧୮ରେ କେନ୍ଦ୍ର ସରକାର ଆଣିଥିବା ନିର୍ବାଚନୀ ବଣ୍ଡ ସ୍କିମକୁ ସୁପ୍ରିମକୋର୍ଟ ଖଣ୍ଡନ କରିଛନ୍ତି। ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ ଏକ ପାଞ୍ଚ ଜଣିଆ ଖଣ୍ଡପୀଠ ଏହାକୁ ଅସାମ୍ବିଧାନିକ ଦର୍ଶାଇ ତୁରନ୍ତ ସ୍କିମକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ ବଣ୍ଡ ଉପରେ ସୁପ୍ରିମକୋର୍ଟ ଦେଇଥିବା କେତେକ ପ୍ରମୁଖ ଟିପ୍ପଣୀ ମଧ୍ୟରେ ନିର୍ବାଚନୀ ବଣ୍ଡ ସ୍କିମ୍ ଅସାମ୍ବିଧାନିକ, ଏହା ନାଗରିକଙ୍କ ସୂଚନା ଅଧିକାରକୁ ଉଲ୍ଲଂଘନ କରୁଛି। କଳା ଟଙ୍କାକୁ ରୋକିବା ପାଇଁ ନିର୍ବାଚନ ବଣ୍ଡ ସ୍କିମ୍ ଏକମାତ୍ର ଉପାୟ ନୁହେଁ। ଏଥିପାଇଁ ଅନ୍ୟାନ୍ୟ ବିକଳ୍ପ ଅଛି। ରାଜନୈତିକ ଦଳଗୁଡିକୁ କରାଯାଉଥିବା ଆର୍ଥିକ ସହାୟତା ଦୁଇଟି କାରଣରୁ କରାଯାଏ। ଗୋଟିଏ ରାଜନୈତିକ ଦଳକୁ ସମର୍ଥନ ପାଇଁ କିମ୍ବା ପ୍ରତିଦାନ ପାଇଁ ଅନୁଦାନ ଏକ ଉପାୟ ହୋଇପାରେ। ଏହା ଦ୍ୱାରା ବ୍ୟକ୍ତିବିଶେଷଙ୍କ ଅବଦାନ ଅପେକ୍ଷା ଏକ କମ୍ପାନୀର ରାଜନୈତିକ ପ୍ରକ୍ରିୟାରେ ଅଧିକ ଗୁରୁତର ପ୍ରଭାବ ରହିଛି। କମ୍ପାନୀଗୁଡିକର ଅବଦାନ କେବଳ ବ୍ୟବସାୟିକ କାରବାର। ଏହା କମ୍ପାନୀ ଏବଂ ବ୍ୟକ୍ତିବିଶେଷଙ୍କ ସହ ସମାନ ବ୍ୟବହାର କରିବା ପାଇଁ ଧାରା ୧୮୨ କମ୍ପାନୀ ଅଧିନିୟମରେ ସଂଶୋଧନ ସ୍ପଷ୍ଟ ଭାବରେ ମନମୁଖୀ ଅଟେ। କେନ୍ଦ୍ର ସରକାରଙ୍କ ଇଲେକ୍ଟୋରାଲ ବଣ୍ଡ ସ୍କିମର ଆଇନଗତ ବୈଧତାକୁ ଚ୍ୟାଲେଞ୍ଜ କରୁଥିବା ଏକାଧିକ ଆବେଦନ ଉପରେ ଶୁଣାଣି କରି ଖଣ୍ଡପୀଠ ଏହି ରାୟ ଶୁଣାଇଛନ୍ତି। ଏଥିସହ ସୁପ୍ରିମକୋର୍ଟ ୧୫ ଦିନର ବୈଧତା ଅବଧି ମଧ୍ୟରେ ଇଲେକ୍ଟୋରାଲ ବଣ୍ଡ ପ୍ରସଙ୍ଗର ମଧ ସମାଧାନ କରିଛନ୍ତି; ଯାହା ଏଯାବତ୍ ରାଜନୈତିକ ଦଳମାନଙ୍କ ଦ୍ୱାରା ନଗଦ ହୋଇନାହିଁ। ଏଥିରେ ବାଧ୍ୟତାମୂଳକ କରାଯାଇଛି ଯେ, ଏହି ବଣ୍ଡଗୁଡ଼ିକୁ ଫେରସ୍ତ କରାଯିବା ସହ କ୍ରେତାଙ୍କୁ ଫେରସ୍ତ କରାଯାଉ। ଏହି ପ୍ରକ୍ରିୟାରେ ଅଣକ୍ୟାସ୍ ହୋଇଥିବା ବଣ୍ଡଫେରସ୍ତ ହେବା ପରେ କ୍ରୟକାରୀ ପକ୍ଷକୁ ବ୍ୟାଙ୍କ ବଣ୍ଡ ଅର୍ଥ ଫେରସ୍ତ ଆରମ୍ଭ କରିବା ଅନ୍ତର୍ଭୁକ୍ତ ରହିଛି। ୨୦୨୪ ମାର୍ଚ୍ଚ ୬ ସୁଦ୍ଧା ଭାରତୀୟ ଷ୍ଟେଟ ବ୍ୟାଙ୍କ୍ (ଏସବିଆଇ) ନିର୍ବାଚନ କମିଶନଙ୍କ ନିକଟରେ ଇଲେକ୍ଟୋରାଲ ବଣ୍ଡ ସମ୍ପର୍କିତ ତଥ୍ୟ ଦାଖଲ କରିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏସବିଆଇକୁ ରାଜନୈତିକ ଦଳଗୁଡିକ ଦ୍ୱାରା ଏନକାଉଣ୍ଟର କରାଯାଇଥିବା ପ୍ରତ୍ୟେକ ଇଲେକ୍ଟୋରାଲ ବଣ୍ଡର ବିବରଣୀ ପ୍ରକାଶ କରିବାକୁ ପଡିବ; ଯେଉଁଥିରେ ନଗଦ ରାଶି, ମୂଲ୍ୟର ମୂଲ୍ୟ ମଧ ସାମିଲ ଅଛି। ମାର୍ଚ୍ଚ ୧୩ ତାରିଖ ସୁଦ୍ଧା ନିର୍ବାଚନ କମିଶନ ନିଜର ଅଫିସିଆଲ ୱେବସାଇଟରେ ଏସବିଆଇ ଦ୍ୱାରା ଦିଆଯାଇଥିବା ସୂଚନା ପ୍ରକାଶ କରିବେ।

# ମାହାଙ୍ଗା ଡବଲ ମର୍ଡର ମାମଲା: ଶୁଣାଣିରୁ ଓହରିଲେ ବିଚାରପତି, ବୃଦ୍ଧି ପାଇଲା ବିଧାୟକ ପ୍ରତାପ ଜେନାଙ୍କ ଅନ୍ତରୀଣ ସୁରକ୍ଷା

**କଟକ(ଏନ୍.ଏମ୍.):** ମାହାଙ୍ଗା ଡବଲ ମର୍ଡର ମାମଲା ଶୁଣାଣିରୁ ଓହରିଛନ୍ତି ବିଚାରପତି। ବିଚାରପତି ଜଷ୍ଟିସ୍ ବି.ପି ରାଉତରାୟ ଶୁଣାଣିରୁ ଓହରି ଯାଇଛନ୍ତି। ଏବେ ମାମଲାର ଶୁଣାଣି ଅନ୍ୟ ଜଣେ ବିଚାରପତି କରିବେ। ସପ୍ତାହକ ମଧ୍ୟରେ ମୁଖ୍ୟ ବିଚାରପତିଙ୍କ ଅନୁମତି ପରେ ମାମଲାର ପରିବର୍ତ୍ତୀ ଶୁଣାଣି ହେବ। ମାମଲାର ଶୁଣାଣିରୁ ଜଷ୍ଟିସ୍ ବି.ପି ରାଉତରାୟ କାହିଁକି ଓହରି ଯାଇଛନ୍ତି, ତାହା ଜଣାପଡ଼ିନାହିଁ। ସେପଟେ ମାହାଙ୍ଗା ଡବଲ ମର୍ଡର ମାମଲାରେ ବିଧାୟକ ପ୍ରତାପ ଜେନାଙ୍କ ଅନ୍ତରୀଣ ସୁରକ୍ଷା ବୃଦ୍ଧି ହୋଇଛି। ଏହି ଅବଧି ମଧ୍ୟରେ ବିଧାୟକଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇପାରିବ ନାହିଁ ପୁଲିସ। ୨୦୨୧ ଜାନୁଆରୀ ୩ ତାରିଖରେ ବିଜେପି ନେତା ତଥା ପୂର୍ବତନ ମାହାଙ୍ଗା ବ୍ଲକ ଅଧ୍ୟକ୍ଷ କୁଳମଣି ବରାଳ ଏବଂ ତାଙ୍କର ଘନିଷ୍ଠ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ପରେ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଥିବା ପ୍ରଫୁଲ୍ଲ ବିଶ୍ୱାଳଙ୍କ ଟାଙ୍ଗି-କଟକ ରାସ୍ତାରେ ସନ୍ଦେହଜନକ ଭାବେ ଟ୍ରକ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଏହି ମାମଲାରେ ୧୩ ଜଣଙ୍କ ନାଁରେ ଅଭିଯୋଗ ହୋଇଥିଲା।

# ରତ୍ନଭଣ୍ଡାର ଖୋଲିବା ପାଇଁ ଫିଟିଲା ବାଟ, ୪ ସପ୍ତାହ ସମୟ ଦେଲେ ହାଇକୋର୍ଟ

**କଟକ(ଏନ୍.ଏମ୍.):** ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ପାଇଁ ଫିଟିଲା ବାଟ। ରତ୍ନଭଣ୍ଡାର ଖୋଲି ଏଥିରେ ଗଚ୍ଛିତ ଥିବା ରତ୍ନ ଅଳଙ୍କାର ହିସାବ ପାଇଁ କମିଟି ଅଧ୍ୟକ୍ଷ ନିଯୁକ୍ତି ପାଇଁ ୪ ସପ୍ତାହର ସମୟ ଦେଲେ ହାଇକୋର୍ଟ। ସୁପ୍ରିମକୋର୍ଟ କିମ୍ବା ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କୁ କମିଟିର ଅଧ୍ୟକ୍ଷ ନିଯୁକ୍ତି କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଆଡଭୋକେଟ୍ ଜେନେରାଲ କୋର୍ଟଙ୍କୁ ଅବଗତ କରିବା ପରେ ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ସମୀର ମହାନ୍ତିଙ୍କ ଅନ୍ତରୀଣ ଆବେଦନର ଶୁଣାଣି କରି ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ସମୀର ମହାନ୍ତିଙ୍କ ମୂଳ ଆବେଦନର ଶୁଣାଣି କରି ୮ ସପ୍ତାହ ମଧ୍ୟରେ ରତ୍ନଭଣ୍ଡାର ପାଇଁ ଏକ ଉଚ୍ଚ ସ୍ତରୀୟ କମିଟି ଗଠନ କରିବାକୁ ଗତବର୍ଷ ସେପ୍ଟେମ୍ବର ମାସରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ୮ ସପ୍ତାହ ହେବା ପରେ ମଧ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ସମୀର ମହାନ୍ତି ଏହି ଅନ୍ତରୀଣ ଆବେଦନ କରିଥିଲେ। ଏହା ସହ ଏକ ଅଦାଲତ ଅବମାନନା ମାମଲା ମଧ୍ୟ ରୁଜୁ କରିଥିଲେ। ଏନେଇ ଅନ୍ତରୀଣ ଆବେଦନ ଉପରେ ଶୁଣାଣି କରାଯାଇଥିଲା। ତେବେ ଏହି ଶୁଣାଣି ଅବସରରେ ହାଇକୋର୍ଟଙ୍କ ନିର୍ଦ୍ଦେଶ କାହିଁକି ପାଳନ କରାଯାଇ ନାହିଁ ବୋଲି ସରକାରଙ୍କୁ ପଚାରିଥିଲେ ମୁଖ୍ୟ ବିଚାରପତିଙ୍କ ଖଣ୍ଡପିଠ। ପ୍ରାଥମିକ ପର୍ଯ୍ୟାୟରେ କମିଟିର ଅଧ୍ୟକ୍ଷ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଅଧ୍ୟକ୍ଷ ନିଯୁକ୍ତି ହେବା ପରେ ତାଙ୍କ ସହମତିରେ ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯିବ ବୋଲି ଆଡଭୋକେଟ ଜେନେରାଲ କୋର୍ଟଙ୍କୁ ଅବଗତ କରିଥିଲେ। ଏହାକୁ ଶୁଣିବା ପରେ ଚାରି ସପ୍ତାହ ମଧ୍ୟରେ କମିଟି ଅଧ୍ୟକ୍ଷ ନିଯୁକ୍ତି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ୪ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

# ହାଇକୋର୍ଟରେ ସରକାରଙ୍କ ସତ୍ୟପାଠ: ଜାଲ ଡାକ୍ତରଙ୍କୁ ଚିହ୍ନଟ ପାଇଁ ପଦକ୍ଷେପ ନିଆଯାଉଛି

**କଟକ (ଏନ୍.ଏମ୍.):** ନକଲି ଡାକ୍ତରଙ୍କୁ ଚିହ୍ନଟ ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ରାଜ୍ୟରେ ସମସ୍ତ ପଞ୍ଜୀକୃତ ଡାକ୍ତରଙ୍କୁ ସେମାନଙ୍କ ତଥ୍ୟ ଦାଖଲ କରିବାକୁ କୁହାଯାଇଛି। ସେମାନଙ୍କ ଠାରୁ ମିଳିଥିବା ତଥ୍ୟକୁ କର୍ତ୍ତୃପକ୍ଷ ଯାଞ୍ଚ କରୁଛନ୍ତି ବୋଲି ରାଜ୍ୟ ସରକାରଙ୍କ ତରଫରୁ ହାଇକୋର୍ଟରେ ଦାଖଲ ସତ୍ୟପାଠରେ ଉଲ୍ଲେଖ କରାଯାଇଛି। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଅରିନ୍ଦମ ସିହ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣିକରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ରୋଗୀ ଚିକିତ୍ସା କରୁଥିବା ଡାକ୍ତରଙ୍କ ମଧ୍ୟରୁ ୫୧ ପ୍ରତିଶତଙ୍କର ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ନଥିବା ବିଶ୍ୱବ୍ୟାଙ୍କ ସର୍ଭେ ରିପୋର୍ଟରୁ ଜଣାପଡ଼ିଥିଲା। ଫଳରେ, ରାଜ୍ୟରେ ଡାକ୍ତରୀ ପେସାରେ ଥିବା ସବୁ ଡାକ୍ତରଙ୍କ ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ରହିଛି କି ନାହିଁ ତାହା ଯାଞ୍ଚ କରିବାକୁ ହାଇକୋର୍ଟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ୨୦୨୨ ଡିସେମ୍ବର ୨୧ରେ ନିର୍ଦ୍ଦେଶ ଦେଇଥିଲେ। ୨୦୨୩ ଜାନୁଆରୀ ୨୫ରେ ସରକାରଙ୍କ ତରଫରୁ ଦାଖଲ ସତ୍ୟପାଠରେ ଉଲ୍ଲେଖ କରାଯାଇଥିଲା ଯେ ସରକାରୀ ମେଡିକାଲ କଲେଜ ଓ ସରକାରୀ ଡାକ୍ତରଖାନା ଗୁଡ଼ିକରେ କାର୍ଯ୍ୟରତ ସମସ୍ତ ଡାକ୍ତରଙ୍କ ପଞ୍ଜୀକରଣର ସ୍ଥିତି ଓ ନବୀକରଣ ପ୍ରସଙ୍ଗ ଯାଞ୍ଚ ପାଇଁ ଓଡ଼ିଶା କାଉନସିଲ ଅଫ ମେଡିକାଲ ରେଜିଷ୍ଟ୍ରେସନ ପକ୍ଷରୁ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ, ଡିଏମଇଟି, କ୍ୟାପିଟାଲ ହସ୍ପିଟାଲ, ରାଉରକେଲା ଆରଜିଏଚ ନିର୍ଦ୍ଦେଶକଙ୍କୁ ଅନୁରୋଧ କରାଯାଇଥିଲା। ସେହିଭଳି ଘରୋଇ ଡାକ୍ତରଖାନା ଗୁଡିକରେ କାର୍ଯ୍ୟରତ ଡାକ୍ତରଙ୍କ ପଞ୍ଜୀକରଣ ଯାଞ୍ଚ ପ୍ରସଙ୍ଗରେ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ, ସମସ୍ତ ସିଡିଏମଓ, ଡିଏମଇଟିଙ୍କୁ ୨୦୨୨, ଡିସେମ୍ବର ୨୬ରେ ଚିଠି ଲେଖା ଯାଇଥିଲା। ଏଥିସହିତ କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ଆଇନ ଅନୁସାରେ ରାଜ୍ୟରେ ଡାକ୍ତରୀ ପେସାରେ ଥିବା ସବୁ ଏଲୋପାଥିକ ଡାକ୍ତରଙ୍କ ଶିକ୍ଷାଗତ ଯୋଗ୍ୟତା ଓ ଅନ୍ୟ ପ୍ରମାଣପତ୍ର ଯାଞ୍ଚ ସବୁ ଜିଲ୍ଲା ସିଡିଏମଓ କରିବେ ବୋଲି ସତ୍ୟପାଠରେ ଦର୍ଶାଯାଇଥିଲା।

# ଓଡ଼ିଶା ପୁଲିସର କମାଣ୍ଡାଣ୍ଟ ପଦବୀକୁ ପଦୋନ୍ନତି ମାମଲା

# ପଦୋନ୍ନତି ଡିପିସି ଉପରେ ହାଇକୋର୍ଟଙ୍କ ରୋକ

**କଟକ(ଏନ୍.ଏମ୍.):** ଓଡ଼ିଶା ପୁଲିସର ବିଭିନ୍ନ ବାଟାଲିୟନରେ ଥିବା କମାଣ୍ଡାଣ୍ଟ ପଦବୀକୁ ପଦୋନ୍ନତି ଡିପିସି ଉପରେ ହାଇକୋର୍ଟ ରୋକ ଲଗାଇବା ସହ ଅନ୍ୟାଦେଶ ପର୍ଯ୍ୟନ୍ତ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ମାମଲାର ପରବର୍ତ୍ତି ଶୁଣାଣି ନିମନ୍ତେ ଆସନ୍ତା ୨୦ ତାରିଖକୁ ଧାର୍ଯ୍ୟ ହୋଇଛି। ମାମଲାର ବିବରଣୀ ଅନୁସାରେ, ରାଜ୍ୟ ଗୃହ ବିଭାଗ ପକ୍ଷରୁ ଓଡ଼ିଶା ପୁଲିସର ବିଭିନ୍ନ ବାଟାଲିୟନରେ କମାଣ୍ଡା ପଦବୀକୁ ପଦୋନ୍ନତି ନିମନ୍ତେ ୨୦୨୨ ଡିସେମ୍ବର ୨୦ ତାରିଖରେ ଚୂଡ଼ାନ୍ତ ଗ୍ରେଡେସନ ତାଲିକା ପ୍ରକାଶ ପାଇଥିଲା। କମାଣ୍ଡା ପଦବୀକୁ ପଦୋନ୍ନତି ପାଇଁ ଉଭୟ ବାଟାଲିୟନ ଅଫିସର ସୁବେଦାର ଓ ରିଜର୍ଭ ପୁଲିସର ରିଜର୍ଭ



ଇନ୍ସପେକ୍ଟରମାନଙ୍କୁ ସୁଯୋଗ ମିଳିଥାଏ। ଉଭୟ ବର୍ଗ ମଧ୍ୟରୁ ବାଟାଲିୟନ ଅଫିସରଙ୍କ ସଂଖ୍ୟା ଅଧିକ ଥିବା କାରଣରୁ ୨:୧ ଅନୁପାତରେ ପଦୋନ୍ନତି ଦେବାକୁ ଆଇନରେ ବ୍ୟବସ୍ଥା ରହିଛି। ତେବେ ଏହି ଚୂଡାନ୍ତ ତାଲିକା ପ୍ରସ୍ତୁତି ସମୟରେ ବାଟାଲିୟନ ଅଫିସର ସୁବେଦାରମାନଙ୍କ ବରିଷ୍ଠତାକୁ ଅଣଦେଖା କରାଯାଇଛି ବୋଲି ଆବେଦନକାରୀ ଡେପୁଟି କମାଣ୍ଡୋ ବିଭୁତି ଭୂଷଣ ମହାରଣା ଓ ଅନ୍ୟମାନଙ୍କ ପକ୍ଷରୁ ହାଇକୋର୍ଟରେ ରୁଜୁ ମାମଲାରେ ଅଭିଯୋଗ କରାଯାଇଛି। ଗୁରୁବାର ମାମଲାର ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଜବାବ ଦାଖଲ କରାଯାଇଛି।



## ସମ୍ପାଦକୀୟ

## ବିବିଧତା ମଧ୍ୟରେ ସଦ୍‌ଭାବନା ରକ୍ଷା ପାଇଁ ଭାରତରେ ସମାନ ନାଗରିକ ସଂହିତାର ମହତ୍ତ୍ୱ

ଭାରତରେ ପାଖାପାଖୀ ଗୋଟିଏ ଶତାବ୍ଦୀ ହେବ, ସମାନ ନାଗରିକ ସଂହିତା (Uniform Civil Code), ଅନେକ ତର୍କ-ବିର୍ତକର ବିଷୟ ହୋଇ ରହିଛି । ସମାନ ନାଗରିକ ସଂହିତାର ଲକ୍ଷ୍ୟ ହେଲା, ଏପରି ଏକ ସମାନ ବ୍ୟକ୍ତିଗତ ଆଇନର ପ୍ରଣୟନ କରିବା, ଯାହା ଧର୍ମ ନିର୍ବିଶେଷରେ ସମସ୍ତ ନାଗରିକ ମାନଙ୍କ ପାଇଁ ଲାଗୁ ହେବ । ବିବାହ, ଛାଡପତ୍ର, ପୋଷ୍ୟ ସନ୍ତାନ ଗ୍ରହଣ ଓ ଉତ୍ତରାଧୀକାର ସମ୍ବନ୍ଧୀୟ ବ୍ୟକ୍ତିଗତ ଆଇନ ସାଧାରଣତଃ ଧାର୍ମିକ ପ୍ରଥା ଓ ରୀତି-ନୀତି ଉପରେ ଆଧାରିତ ହୋଇଥିବା ବେଳେ, ସମାନ ନାଗରିକ ସଂହିତ ସମସ୍ତ ଧାର୍ମିକ ପରୀସୀମା ଉର୍ଦ୍ଧରେ, ଏକ ସର୍ବ ସାଧାରଣ ସଂହିତା ପ୍ରଣୟନ କରିବା ପାଇଁ ବିଚାର କରୁଛି । ଇସଲାମ୍ ଧର୍ମରେ ଦେଶର ଆଇନକୁ ମାନିବା ଏକ ଧାର୍ମିକ କର୍ତ୍ତବ୍ୟ ବୋଲି ଉଲ୍ଲେଖ କରାଯାଇଛି । ନା କେବଳ ଆଲ୍‌ହା ଓ ପୈଗମ୍ବର ମହମ୍ମଦ ବରଂ ଯେଉଁଠାରେ ରହୁଛନ୍ତି ସେଠାକାର କର୍ତ୍ତୃପକ୍ଷଙ୍କୁ ସମ୍ମାନ ଜଣାଇବା ପାଇଁ ପବିତ୍ର କୋରାନ୍‌ରେ ମୁସଲମାନମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପବିତ୍ର କୋରାନ୍‌ରେ (ଅଧ୍ୟାୟ-୪ : ୫୯) ଉଲ୍ଲେଖ କରାଯାଇଛି ଯେ "ହେ ବିଶ୍ୱାସୀ ଗଣ, ଆଲ୍‌ହା, ପୈଗମ୍ବର ଓ ଯେଉଁ କର୍ତ୍ତୃପକ୍ଷଙ୍କ ଅଧୀନରେ ତୁମେ ଅଛ, ତାଙ୍କର ଆଜ୍ଞା ପାଳନ କର" । ଏହା ବିଷୟରେ ପୈଗମ୍ବର ମହମ୍ମଦ ନିଜେ ଗୁରୁତ୍ୱାରୋପ କରି କହିଥିଲେ, ଯେ "ଯିଏ ନିଜର କର୍ତ୍ତୃପକ୍ଷଙ୍କ ଆଦେଶ ପାଳନ କରେ, ସେ ମୋର ଆଦେଶ ପାଳନ କରେ ଓ ଯିଏ ନିଜର କର୍ତ୍ତୃପକ୍ଷଙ୍କୁ ଅମାନ୍ୟ କରେ, ସେ ମୋର ଅମାନ୍ୟ କରେ" । ଦେଶର ଆଇନକୁ ମାନିବା ନିଜର ଧର୍ମର ଏକ ଅଙ୍ଗ ବୋଲି ଏହି ଉକ୍ତି ଗୁରୁତ୍ୱାରୋପ କରେ । ସମାନ ନାଗରିକ ସଂହିତା କାର୍ଯ୍ୟକାରୀ ହେବା ଇସଲାମ୍‌ର ଶିକ୍ଷାର ବିରୋଧୀ ନୁହେଁ ବରଂ ଏହାର ପରିପୂରକ ଅଟେ । କାରଣ ସମାନ ନାଗରିକ ସଂହିତା, ସମସ୍ତ ନାଗରିକ, ଯାହାଙ୍କ ମଧ୍ୟରେ ମୁସଲମାନ ସମୁଦାୟ ମଧ୍ୟ ଅର୍ନ୍ତଭୁକ୍ତ ସେମାନଙ୍କ ସମାନ ଅଧୀକାର ଓ ସୁରକ୍ଷାକୁ ସୁନିଶ୍ଚିତ କରେ । ବ୍ୟକ୍ତିର ଧାର୍ମିକ ବିଶ୍ୱାସ ଓ ରୀତି-ନୀତିକୁ ସମ୍ମାନ କରିବା ସହ, ସମାନ ନାଗରିକ ସଂହିତା ଭେଦଭାବକୁ ଦୂରକରି, ସାରା ଦେଶର ବିବିଧ ସଂସ୍କୃତି ମଧ୍ୟରେ ସଦ୍‌ଭାବନା ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ । ସାଧାରଣ ଅବଧାରଣାର ବିପରୀତ, ସମାନ ନାଗରିକ ସଂହିତା ମୁସଲମାନ ମାନଙ୍କ ଅଧୀକାରକୁ ଅସମ୍ମାନ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ । ନ୍ୟାୟ, ନିରପେକ୍ଷତା ଓ ଧାର୍ମିକ ସାଧୀନତାକୁ ରକ୍ଷା କରି, ବ୍ୟକ୍ତିଗତ ଆଇନରେ ଥିବା କେତକ ଭେଦଭାବ ପୂର୍ଣ୍ଣ ପ୍ରଥାକୁ ଦୂରକରିବା ପାଇଁ ଏହା ଚେଷ୍ଟିତ । ଉତ୍ତମ ଭାବରେ ପ୍ରସ୍ତୁତ, ସମାନ ନାଗରିକ ସଂହିତା, ଅନେକ ଉପେକ୍ଷିତ ଗୋଷ୍ଠୀ ଯାହାଙ୍କ ମଧ୍ୟରେ ମହିଳା ଓ ଧାର୍ମିକ ସଂଖ୍ୟାଲଘୁ ସମୁଦାୟ ମଧ୍ୟ ଅର୍ନ୍ତଭୁକ୍ତ ତାଙ୍କର ଅଧୀକାରକୁ ସୁରକ୍ଷିତ ରଖିବାରେ ସହାୟକ ହେବ । ସହିତ ଜାତୀୟ ଏକତାକୁ ଦୃଢ଼ିଭୂତ କରିବ । ସମ୍ବିଧାନର ରଚୟିତା ଡକ୍ଟର ଭିମରାଓ ଆମ୍ବେଦକର, ସମାନ ନାଗରିକ ସଂହିତାର ପରିକଳ୍ପନା କରି ଏହାକୁ ବାନୀୟ ବୋଲି କହିଥିଲେ । କିନ୍ତୁ ଉକ୍ତ ସମୟରେ ସେ ଏହାକୁ ସେଚ୍ଛାକୃତ ରଖିଥିଲେ, ଓ ଯେତେବେଳେ, ଦେଶ ଏହାକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ହୋଇଯିବ, ସେତେବେଳେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ମତପୋଷଣ କରିଥିଲେ । କାରଣ ସେ ସମୟରେ ମୁସଲିମ୍ ଖ୍ରୀଷ୍ଟିଆନ ଓ ଅନ୍ୟ ସମୁଦାୟଙ୍କ ଉପରେ ଅପ୍ରୀତିକର ଭାବରେ ଏହାକୁ ଲଦିବାକୁ ସେ ଚାହୁଁ ନଥିଲେ । ସମାନ ନାଗରିକ ସଂହିତାର ସାମାଜିକ ଗ୍ରହଣୀୟତା ଓ ବୁଝାମଣା ଏହାର ସଫଳ କାର୍ଯ୍ୟକାରୀତା ପାଇଁ ଏକାନ୍ତ ଜରୁରୀ ଅଟେ । ସମାନ ନାଗରିକ ସଂହିତାର ସଫଳତାର ବିଷୟରେ ଗୋଆ ରାଜ୍ୟ ଏକ ଉଦାହରଣ ସୃଷ୍ଟିକରେ । ଧର୍ମ, ଜାତି ଓ ଲିଙ୍ଗ ନିର୍ବିଶେଷରେ ଗୋଆର ସମସ୍ତ ଅଧୀବାସୀ କେବଳ ଗୋଟିଏ ପାରିବାରିକ ଆଇନରେ ବନ୍ଧା । ୧୯୬୧ ମସିହାରେ ଯେତେବେଳେ ଗୋଆ ଭାରତରେ ସମ୍ମିଳିତ ହେଲା ସେବେ ଠାରୁ କେତେକ ସଂଶୋଧନ ଦ୍ୱାରା ପର୍ତ୍ତୁଗୀଜ୍ ସିଭିଲ୍ କୋଡ୍-୧୮୬୭ ଲାଗୁ ହୋଇ ଆସିଛି । ଏହି ନିୟମ ଗୋଆର ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିଆନ ମାନଙ୍କ ବିବାହ, ଛାଡପତ୍ର ଓ ଉତ୍ତରାଧୀକାର ସମ୍ବନ୍ଧୀୟ ମାମଲାକୁ ନିର୍ଦ୍ଧାରିତ କରିଥାଏ । ଭାରତରେ ସମାନତା, ଅନଗ୍ରସର ବର୍ଗର ସୁରକ୍ଷା ଓ ଦେଶର ଏକତାକୁ ବଜାୟ ରଖିବା ଦିଗରେ ସମାନ ନାଗରିକ ସଂହିତା ନିଶ୍ଚୟ ସହାୟକ ହେବ । ଏହା ସମ୍ବିଧାନର ଅନୁଚ୍ଛେଦ ୪୪ରେ ଥିବା ସମ୍ବିଧାନ ପ୍ରଣେତାମାନଙ୍କର ଉଦ୍ଦେଶ୍ୟକୁ ସାକାର କରିବ । କିନ୍ତୁ ଏହି ବିଷୟକୁ ପରସ୍ପର ଆଲୋଚନା, ବୁଝାମଣା ଓ ବିଜ୍ଞତାର ସହ ଆଗକୁ ନେବାକୁ ହେବ । ସମାନ ନାଗରିକ ସଂହିତାର ସକରାତ୍ମକ ପକ୍ଷ ଉପରେ ଧ୍ୟାନ କେନ୍ଦ୍ରିତ କରାଗଲେ ଏକ ନ୍ୟାୟସଙ୍ଗତ ଓ ସୌହାର୍ଦ୍ଦ୍ୟ ପୂର୍ଣ୍ଣ ସମାଜ ଗଠନ ସଫଳ ହେବ, ଯେଉଁଠି ସମସ୍ତ ନାଗରିକଙ୍କ ଅଧିକାର ଓ ସ୍ୱାର୍ଥର ସୁରକ୍ଷା କରାଯାଇ ପାରିବ ।

- ଇନସା ଦ୍ୱାରସୀ
ଜର୍ଣ୍ଣାଲିଜମ୍ ଓ ଫ୍ରାଙ୍କାଫୋନ୍ ଅଧ୍ୟୟନ ବିଭାଗ,
ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟ

## କବିତା ଗୁଚ୍ଛ

### ବୀଣାପାଣି ମା ବାଗ୍ଦେବୀ

ଶୁଭରାହଂସ ବାହିନୀ ଶୁଭ୍ରା ବସ୍ତ୍ରାବୃତା
ଶ୍ୱେତ ପଦ୍ମାସନା ମାତା
ବସନ୍ତ ପଞ୍ଚମୀ ଜନ୍ମ ଦିନେ ତ୍ୱ
ଶୁଭ୍ରମନେ କରେ ଚିନ୍ତା ।
ଜୟ ମା ବାଗ୍ଦେବୀ ଜୟ ବୀଣାପାଣି
ମୂର୍ଖ କରାଉ ପଣ୍ଡିତ
ଜ୍ଞାନଦାତ୍ରୀ ବିଦ୍ୟାଦାତ୍ରୀ ବିଷ୍ଣୁପତ୍ନୀ
ତୋ ପାଦରେ ପ୍ରଣିପାତ ।
ଜ୍ଞାନାଲୋକ ଦିଅ ଏ ବିଶ୍ୱ ବାସୀଙ୍କୁ
ଅଜ୍ଞାନ ମୁର୍ଖତା ଯାଉ
ତୋ ପୟରେ ସଦା ଧ୍ୟାନ ରହିଥାଉ
ବିଶ୍ୱ ଅଗ୍ରଗାମୀ ହେଉ ।
ଆଶିଷର ଧାରା ବରସି ଦେଏ ମା
ଜ୍ଞାନ ବିଚ୍ଛୁରିତ ହେଉ
କୁଟ କପଟତା ଭ୍ରଷ୍ଟ ରାଜନୀତି
ଏ ଦେଶୁ ଦୁରେଇ ଯାଉ ।

ଭରିଦେ ଜ୍ଞାନ ଅଜ୍ଞାନ ଶିଶୁଙ୍କୁ
ଶିକ୍ଷା ଦୀକ୍ଷା ଅର୍ଜନରେ
ଅଗ୍ରଗଣ୍ୟ ହେବା ପାଇଁ ମାନସରେ
ଚିନ୍ତନ୍ତୁ ତୋର ପୟରେ ।
କୁଟ କପଟତା ହିଂସା ଦ୍ୱେଷ କ୍ରୋଧ
ଉପରେ ଅଙ୍କୁଶ ଲଗା
ବିଦ୍ୟା ସାଗରରେ ଡୁବାଇ ସଭିଙ୍କୁ
ପାଉଥା ସର୍ବଦା ପୂଜା ।
ଯୋଡ ହସ୍ତେ ମାତା କରୁଛି ଦୟିନୀ
ମୋ ଗୁହାରି ଘେନା କର
ବିଦ୍ୟା ବୁଦ୍ଧିରେତୁ କାର୍ପଣ୍ୟ ହୋଇଲେ
ରାଜ୍ୟ ହେବ ନାରଖାର ।

- ବିଷ୍ଣୁପ୍ରିୟା ପଣ୍ଡା
ପହଙ୍ଗା, ନିଆଳୀ, କଟକ

# ଓଡ଼ିଶାର ପଶ୍ଚିମାଞ୍ଚଳ ହେବ କାହାର ?

ଓଡ଼ିଶାରେ ଏବେ ନିର୍ବାଚନୀ ତାତି ଦେଖିବାକୁ ମିଳୁଛି । କିଛି ଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ବଲପୁରଠାରୁ ସାଧାରଣ ନିର୍ବାଚନ ପାଇଁ ପ୍ରଚାରର ଶ୍ରୀଗଣେଶ କରି ସାରିଛନ୍ତି । ପରେ ପରେ କଂଗ୍ରେସ ଦଳ ପକ୍ଷରୁ ରାହୁଲ ଗାନ୍ଧୀ ଭାରତ ଯୋଡ଼ ନ୍ୟାୟ ଯାତ୍ରାରେ ପଶ୍ଚିମ ଓଡ଼ିଶାରେ ନିଜ ଦଳ ସପକ୍ଷରେ ପ୍ରଚାର ଆରମ୍ଭ କରି ସାରିଛନ୍ତି । ଓଡ଼ିଶାରେ ବିଗତ ୨୪ ବର୍ଷ ଧରି କ୍ଷମତାସୀନ ବିଜୁ ଜନତା ଦଳ ଅବିରତ ଭାବେ ନିର୍ବାଚନ ମନସ୍କ ହୋଇ ବିଭିନ୍ନ ଯୋଜନା ପ୍ରଣୟନ କରି ଚାଲିଛି । ଯଦିଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନ ପ୍ରଚାରକୁ ଆସିନାହାନ୍ତି, କିନ୍ତୁ ତାଙ୍କର ନିର୍ଦ୍ଦେଶରେ ସରକାରୀ କାର୍ଯ୍ୟକ୍ରମ ମାଧ୍ୟମରେ ନିର୍ବାଚନ ପ୍ରଚାର ହିଁ ଚାଲିଛି ବୋଲି କୁହାଯାଇପାରିବ । ବିଗତ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ବିଧାନସଭାର ୧୪୭ ଆସନରୁ ୧୧୨ଟି ହାତେଇ ନେଇ ଲଗାତାର ପଞ୍ଚମ ଥର ପାଇଁ ଶାସନ କ୍ଷମତା-ସିଂହାସନ ଦଖଲ କରିଥିଲା । ସେତେବେଳେ ଭାରତୀୟ ଜନତା ପାର୍ଟି ବା ଭାଜପା ୨୩ଟି ଓ କଂଗ୍ରେସ ମାତ୍ର ୯ଟି ଆସନରେ ସନ୍ତୁଷ୍ଟ ହେବାକୁ ବାଧ ହୋଇଥିଲେ । ଆଶ୍ଚର୍ଯ୍ୟଜନକ ଭାବେ, ଓଡ଼ିଶାର ମତଦାତା କିନ୍ତୁ ସଂସଦୀୟ କ୍ଷେତ୍ର ପାଇଁ ଭାଜପାକୁ ୮ଟି ଆସନ, କଂଗ୍ରେସକୁ ମାତ୍ର ଗୋଟିଏ ଆସନ ଓ ବିଜେଡିକୁ ୧୨ଟି ଆସନ ଦେଇଥିଲେ । ୨୦୧୪ ନିର୍ବାଚନରେ ୨୦ଟି ଆସନ ପାଇଥିବା ବିଜେଡି ଆଠଟି ଆସନ ହରାଇଥିଲା । ଅଧିକ ଆଶ୍ଚର୍ଯ୍ୟଜନକ ଭାବେ ୨୦୧୯ ସଂସଦୀୟ ନିର୍ବାଚନରେ କଂଗ୍ରେସ ଦଳ ମାତ୍ର ଗୋଟିଏ ଆସନ ହାତେଇ ପାରିଥିଲା । ୨୦୧୯ ସଂସଦୀୟ ନିର୍ବାଚନରେ ଭାଜପା ମୁଣିକୁ ଯେଉଁ ଆଠଟି ଆସନ ଆସିଥିଲା ତହିଁରୁ ପାଞ୍ଚଟି ଥିଲା ଓଡ଼ିଶାର ପଶ୍ଚିମାଞ୍ଚଳରୁ । ମା' ସମଲେଶ୍ୱରୀଙ୍କ ପୀଠ ସମ୍ବଲପୁର ଅଞ୍ଚଳ ଭାଜପାର ଗେରୁଆ ରଙ୍ଗରେ ରଙ୍ଗୀନ ହୋଇ ଉଠିଥିଲା । ଗେରୁଆ ରଙ୍ଗକୁ ଲିଭାଇ ସବୁଜ ରଙ୍ଗରେ ପରିଣତ କରିବା ପାଇଁ ବିଜେଡି ଯେତେସବୁ କାର୍ଯ୍ୟକ୍ରମ ହାତକୁ ନେଲା ତାହାର ଅନ୍ୟତମ ଉତ୍ତୁଙ୍ଗ ଉଦାହରଣ ଥିଲା ଗତ ଫେବୃଆରୀ ୨୭ ତାରିଖରେ ଲୋକାର୍ପିତ ମା ସମଲେଶ୍ୱରୀ ପ୍ରକଳ୍ପ । ବିଜେଡିର ସଘନ କାର୍ଯ୍ୟପ୍ରଣାଳୀ କାରଣରୁ ୨୦୧୯ ପରେ ଅନୁଷ୍ଠିତ ସମସ୍ତ ଉପନିର୍ବାଚନ, ପଞ୍ଚାୟତ ଓ ସହରାଞ୍ଚଳ ନିର୍ବାଚନରେ ଭାଜପା ନୈରାଶ୍ୟଜନକ ପ୍ରଦର୍ଶନ କରିଚାଲିଲା ଓ ବିଜେଡି ନିଜକୁ ସୁଦୃଢ଼ କରୁଥିଲା ଓଡ଼ିଶାର ପଶ୍ଚିମାଞ୍ଚଳରେ । ଅଧିକ କ୍ଷତିକୁ ରୋକିବା ପାଇଁ ଓ ନିଜର ପାଦ ତଳର ମାଟିକୁ ଦୃଢ଼ଭାବେ ବାନ୍ଧି ରଖିବା ପାଇଁ ଭାଜପା ପକ୍ଷରୁ ସମ୍ଭବତଃ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ସାଧାରଣ ସଭା ସମ୍ବଲପୁରରେ କରାଗଲା । ଓଡ଼ିଶାରେ ଭାଜପା ନିଜର କାୟାବୃଦ୍ଧି ପାଇଁ ସାଙ୍ଗଠନିକ ଶକ୍ତିକୁ ସୁଦୃଢ଼ କରିବାରେ ଲାଗିଛି । ଉଦ୍ଦେଶ୍ୟ ରହିଛି ୨୦୨୪ ସାଧାରଣ ନିର୍ବାଚନରେ ନିଜ ସପକ୍ଷରେ ମତହାର ବୃଦ୍ଧି, ଦଳର ବିଜୟ ଓ କେନ୍ଦ୍ରରେ ତୃତୀୟ ଥର କ୍ଷମତା ଦଖଲ । ଏଥି ପାଇଁ ଭାଜପା ନିର୍ବାଚନ ଖସଡ଼ା ପ୍ରସ୍ତୁତ କରିଛି, ଯାହା ମଧ୍ୟରେ ଅଛି ସାଙ୍ଗଠନିକ ପଦ ପଦବୀରେ ପରିବର୍ତ୍ତନ ସହିତ ବିଜେଡି ସହ ମୁହାଁମୁହିଁ ଲଢ଼େଇ କରିବା ପାଇଁ ବିଭିନ୍ନ କୌଶଳ ଓ କାର୍ଯ୍ୟକ୍ରମ । ଗତଥର ଭଳି 'ନିଶ୍ଚିତ-ବିଜୟ' ଭାବିନେଇ ଆତ୍ମସନ୍ତୋଷ ଭରା ନିଷ୍କ୍ରିୟତା ନୁହେଁ, ଏଥର ପ୍ରତ୍ୟେକ ବୁଥରେ ମୁହାଁମୁହିଁ ଲଢ଼େଇ କରିବାକୁ ଭାଜପାର ତୃଣମୂଳ କର୍ମୀ ଓ ନେତାଏ ପ୍ରସ୍ତୁତ ବୋଲି ଦଳର କୃଷକ ମୋର୍ଚ୍ଚାର ଜଣେ ସଦସ୍ୟ ପ୍ରକାଶ କରିଛନ୍ତି । ଭାଜପାର ଛାମୁଆ ସଙ୍ଗଠନର କର୍ମୀମାନେ ଏଥର ଉତ୍ସାହିତ ଥିବାର ଜଣାଯାଉଥିଲା ବେଳେ ରାଜ୍ୟବାସୀ ବିଜେଡ଼ିକୁ ଭାଜପାର ପରମ ବନ୍ଧୁ ଭାବେ ଦେଖୁଛନ୍ତି । ଏହାର ଅନେକ କାରଣ ଭିତରେ ଭାଜପାର ରାଜ୍ୟସଭା ପ୍ରାର୍ଥୀଙ୍କୁ ବିଜେଡିର ସମର୍ଥନ, ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ସଂସଦରେ ସମର୍ଥନ, ଏପରିକି ବିବାଦୀୟ ତିନ ତଲାକ ଓ କଶ୍ମୀରରେ ୩୭୦ ଧାରା ଉଚ୍ଛେଦ ଅଧିନିୟମକୁ ଆଖିବୁଜା ସମର୍ଥନ ଭଳି ପ୍ରସଙ୍ଗ ଅନ୍ୟତମ । ଏଥର କିନ୍ତୁ, କୁଆଡ଼େ ଭାଜପାର କେନ୍ଦ୍ରୀୟ ନେତୃତ୍ୱ ସ୍ପଷ୍ଟ ଭାବେ ନିର୍ଦ୍ଦେଶ ଦେଇଛନ୍ତି ଯେ, ଆଉ ବନ୍ଧୁତ୍ୱପୂର୍ଣ୍ଣ ଲଢ଼େଇ ନୁହେଁ; ୨୦୨୪ ସାଧାରଣ ନିର୍ବାଚନ ବେଳେ ଭାଜପା ଧନ, ଜନ, କୌଶଳ ଓ ସମର୍ଥ ସାଙ୍ଗଠନିକ ବଳ ପୂର୍ଣ୍ଣ ମାତ୍ରାରେ ଉପଯୋଗ କରି ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନରେ ବିଜୟଲାଭ କରିବାକୁ ସଂଖ୍ୟାଗରିଷ୍ଠ ଜନମତ ସୃଷ୍ଟି କରିବ । ଦଳର ତୃଣମୂଳ ସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରି ଦଳ ସପକ୍ଷରେ ଜନମତ ବଢ଼ାଇବାକୁ ଆଗାମୀ ଦିନରେ ଭାଜପାର ତୁଙ୍ଗ ନେତୃତ୍ୱ ଯଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, କେନ୍ଦ୍ରୀୟ ସଭାପତି ଜେ. ପି. ନଡ୍ଡା ତଥା ଅନେକ ବରିଷ୍ଠ କାର୍ଯ୍ୟକର୍ତ୍ତା ନିର୍ବାଚନ ପ୍ରଚାର କରିବାକୁ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି । ଏଥର ଭାଜପା ନିଜର ବିକାଶମୂଳକ ଯୋଜନାର ହିତାଧିକାରୀ ଓ ମହିଳାଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରୁଛି । ଏହି ହିତାଧିକାରୀମାନେ ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନରେ କେବଳ ମୋଦି ଗ୍ୟାରେଣ୍ଟି, କେନ୍ଦ୍ର ସରକାରଙ୍କ ବିକାଶମୂଳକ ଯୋଜନା ଓ ସେଗୁଡ଼ିକର ଉପଯୁକ୍ତ ରୂପାୟନ କାରଣରୁ ଭାଜପାକୁ କ୍ଷମତା ସିଂହାସନରେ ବସାଇଥିଲେ । ସେହିଭଳି ଓଡ଼ିଶାବାସୀ ମଧ୍ୟ କେନ୍ଦ୍ରୀୟ ଯୋଜନାଗୁଡ଼ିକ ପାଇଁ ଶ୍ରେୟ ଦେବେ ବୋଲି ଆଶା ବାନ୍ଧିଛି ଭାଜପା । ବୋଧହୁଏ, ସେଥିପାଇଁ ପ୍ରଧାନମନ୍ତ୍ରୀ ସମ୍ବଲପୁର ଜନସଭା ବକ୍ତବ୍ୟରେ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ । ଓଡ଼ିଶା ଶାସନରେ ଥିବା ବିଜେଡି ସରକାର କିନ୍ତୁ ଅଭ୍ୟାସଗତ ଭାବେ ସମସ୍ତ କେନ୍ଦ୍ରୀୟ ଯୋଜନାର ଶ୍ରେୟ ହରଣଚାଲ କରି ନେବାକୁ ତୟାର । ଖାଦ୍ୟ ସୁରକ୍ଷା ଯୋଜନାରେ କେନ୍ଦ୍ର ସରକାର ଚାଉଳ ଯୋଗାଇ ଦେଉଥିଲେ ବି ରାଜ୍ୟ ସରକାର ଚତୁରତା ସହ ଏହି ଚାଉଳର ମୂଲ୍ୟ ଉପରେ କେଜି ପ୍ରତି ଦୁଇଟଙ୍କା ରିହାତି ଦେଇ ମାତ୍ର ଏକ ଟଙ୍କାରେ ସାଧାରଣ ବଣ୍ଟନ କେନ୍ଦ୍ର ମାଧ୍ୟମରେ ଚାଉଳ ଯୋଗାଇ ଦେଉ ଥିଲେ । ତାହାକୁ ରାଜ୍ୟ ସରକାରଙ୍କ ଯୋଜନା ଭାବେ ପ୍ରଚାରିତ କରୁଥିଲେ । କେନ୍ଦ୍ର ସରକାର କେଜି ପ୍ରତି ୩୭ ଟଙ୍କା ରିହାତି ଦେଇ ଆସୁଥିଲେ ବି ହିତାଧିକାରୀଙ୍କ ମନ ଭିତରେ ବସାବାନ୍ଧି ଯାଇଥିଲା ଯେ ନବୀନ ସରକାର ଟଙ୍କିକିଆ ଚାଉଳ ଦେଉଛନ୍ତି । ଏହିଭଳି ଭ୍ରମାତ୍ମକ ବିଶ୍ୱାସ ବିଜେଡି ସପକ୍ଷରେ ଅତୁଟ ଜନସମର୍ଥନର ବହୁତ ବଡ଼ କାରଣ । ଏବେ କେନ୍ଦ୍ର ସରକାର ସମୁଦାୟ ମୂଲ୍ୟକୁ ରିହାତି ଭାବେ ଦେଉଥିବାରୁ ଲୋକମାନେ ବାସ୍ତବ କଥା ବୁଝି ପାରିବାକୁ ସକ୍ଷମ ହେଲେ ହେଁ ଅଳ୍ପ କିଛି ହିତାଧିକାରୀଙ୍କୁ ରାଜ୍ୟ ସରକାର ସାଧାରଣ ବଣ୍ଟନ କେନ୍ଦ୍ର ମାଧ୍ୟମରେ ମାଗଣାରେ ଚାଉଳ ଯୋଗାଇ ଦେଇ ଖାଦ୍ୟ ସୁରକ୍ଷାର ଶ୍ରେୟ ହରଣଚାଲ କରିବାକୁ ଏବେବି ଉଦ୍ୟମରତ । ଖାଦ୍ୟ ସୁରକ୍ଷା ଯୋଜନାକୁ ହାତେଇବା ଭଳି ମହିଳା ସଶକ୍ତିକରଣ ଓ ସାମାଜିକ-ଆର୍ଥିକ ଦୃଷ୍ଟିରୁ ପଛୁଆ ଶ୍ରେଣୀର ମହିଳାଙ୍କ ବିକାଶ ପାଇଁ ପ୍ରଣୀତ ଯୋଜନା ସବୁକୁ କେନ୍ଦ୍ର ସରକାର ଆର୍ଥିକ ଅନୁଦାନ ଦେବା ସତ୍ତ୍ୱେ ସେସବୁକୁ ଓଡ଼ିଶା ସରକାର ନିଜର ବୋଲି ଡିଣ୍ଡିମ ପିଟୁଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ମଧ୍ୟ ଓଡ଼ିଶାର ବିଜେଡି ସରକାର ହାତେଇ ନେଇଥିବାର ଭାଜପା ଅଭିଯୋଗ କରୁଛି । ପକ୍ଷାନ୍ତରେ, ସାଙ୍ଗଠନିକ ଦୃଷ୍ଟିରୁ ପ୍ରଥମ ପଦକ୍ଷେପ ସ୍ୱରୂପ ସାରା ଦେଶରେ ପ୍ରତ୍ୟେକ ବୁଥ୍ ମଜଭୁତ କରାଯାଇଛି, ସାଙ୍ଗଠନିକ କାର୍ଯ୍ୟକର୍ତ୍ତାମାନେ ନିଜ ବ୍ଲକ ଓ ଜିଲ୍ଲାରେ ପ୍ରତ୍ୟକ୍ଷ କରୁଥିବା ଅସୁବିଧା ଓ ସମସ୍ୟାଗୁଡ଼ିକୁ ରାଜ୍ୟ ନେତୃତ୍ୱଙ୍କ ଦୃଷ୍ଟିକୁ ଆଣି ସେସବୁର ସମାଧାନ ପାଇଁ ପଦକ୍ଷେପ ନେଇଛନ୍ତି । ଉଦ୍ଦେଶ୍ୟ ରହିଛି ଯେ, ସଙ୍ଗଠନ ସୁଦୃଢ଼ ରହୁ । ଏଥିପାଇଁ ପ୍ରତ୍ୟେକ ବିଧାନସଭା ଓ ସଂସଦୀୟ କ୍ଷେତ୍ରପାଇଁ ୨୦ ଜଣିଆ ନେତୃମଣ୍ଡଳୀ ଗଢ଼ା ଯାଇଛି, ଯାହାର ସଭ୍ୟ ଅଛନ୍ତି ଦଳର ଜିଲ୍ଲା ସଭାପତି, ପୂର୍ବଥରର ପ୍ରାର୍ଥୀ ଓ ବ୍ଲକ-ଜିଲ୍ଲା-ରାଜ୍ୟସ୍ତରୀୟ ନିର୍ବାଚିତ ନେତା । ଏହି ନେତୃମଣ୍ଡଳୀ ପ୍ରତ୍ୟେକ ମାସରେ ବୈଠକ କରି ରାଜ୍ୟର ବିଭିନ୍ନ ଅଞ୍ଚଳ ପାଇଁ ନିଯୁକ୍ତ କାର୍ଯ୍ୟକର୍ତ୍ତାଙ୍କୁ ତଥ୍ୟ ପ୍ରଦାନ କରିବେ । ଭାଜପାର ଜାତୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲଙ୍କୁ ୨୦୨୨ ଅଗଷ୍ଟ ମାସରେ ନିଯୁକ୍ତି ମିଳିବା ପରେ ରାଜନୀତିରେ ରଚି ରଖୁଥିବା ମହଲ ଅନୁମାନ କରୁଥିଲେ ଯେ, ୨୦୦୦ ମସିହାରୁ କ୍ଷମତା ଗାଦୀରେ ଚକାମାଡ଼ି ବସିଥିବା ଓ ଅଚଳ ମହାମେରୁ ପାଲଟିଥିବା ବିଜେଡ଼ିକୁ ପୂର୍ବାଞ୍ଚଳ ରାଜ୍ୟ ଓଡ଼ିଶାରେ ଗାଦିଚ୍ୟୁତ କରିବାକୁ ଭାଜପା ଏଥର ଗମ୍ଭୀରତା ସହ ଉଦ୍ୟମ କରୁଛି । ବଂଶଲ ମଧ୍ୟ ପ୍ରଥମ ଛଅ ମାସ କାଳ ସମଗ୍ର ରାଜ୍ୟ ଗସ୍ତ କରି ଏଥର ଆରପାରର ଲଢ଼େଇ ହେବ ବୋଲି ଧାରଣା ସୃଷ୍ଟି କରିଥିଲେ । ଅତୀତରେ ଭାଜପାର ଦ୍ୱିତୀୟ-ଚାଣକ୍ୟ କୁହାଯାଉଥିବା ଯୁବନେତା ବଂଶଲ କିନ୍ତୁ ଓଡ଼ିଶାରେ ଭାଜପାର ସଙ୍ଗଠନ ଉପରେ ଖୁସି ହୋଇପାରି ନଥିଲେ ବୋଲି ଗୋପନୀୟ ସୂତ୍ରରୁ ଜଣାଯାଏ । ବୁଥ୍ ଓ ବ୍ଲକ ସ୍ତରରେ କର୍ମକର୍ତ୍ତାମାନେ କେବଳ କାଗଜପତ୍ରରେ ଦର୍ଶାଯାଉ ଥିଲେ ବି ଅନେକ କର୍ମକର୍ତ୍ତା ତ କେବେଠୁ ଭାଜପା ଦଳର ସଦସ୍ୟତା ଛାଡ଼ି ଦେଇଥିଲେ ଓ ଆଉ କିଛି ଥିଲେ ନିଷ୍କ୍ରିୟ । ୨୦୧୯ ସାଧାରଣ ନିର୍ବାଚନରେ ଯେତେବେଳେ ଭାଜପା ମାତ୍ର ୮ ଜଣ ସାଂସଦ ଓ ୨୩ ଜଣ ବିଧାୟକଙ୍କୁ ଜିତାଇବାକୁ ସକ୍ଷମ ହେଲା ସେତେବେଳେ ଭାଜପାର ନେତାମାନେ ବିଜେଡି ଉପରେ ନିଜକୁ ସୁହାଇବା ପରି ଦୁର୍ବଳ ଦୋଷାରୋପ କଲେ । କହିଲେ ଯେ, ବିଜେଡି ସହିତ ଭାଜପା ଏକ ପ୍ରକାର ବୁଝାମଣା କରିଥିଲା ବୋଲି ବିଜେଡି ପ୍ରଚାର କରିବା ଫଳରେ ଭୋଟରମାନେ ଭାଜପା ପ୍ରାର୍ଥୀଙ୍କୁ କୁଣ୍ଠିତ ସମର୍ଥନ ଦେଲେ ଓ ଦଳ ନୈରାଶ୍ୟଜନକ ପ୍ରଦର୍ଶନ କଲା । ଓଡ଼ିଶାରେ ଦୁଇଟି ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ - ଭାଜପା ଓ ବିଜେଡି । ଓଡ଼ିଶାରେ ଆସନ୍ତା ଏପ୍ରିଲ-ମେ ମାସରେ ଉଭୟ ଲୋକସଭା ଓ ରାଜ୍ୟସଭା ପାଇଁ ଏକ ସମୟରେ ନିର୍ବାଚନ ହେବାକୁ ଥିବାରୁ ଦୁଇଟିଯାକ ଦଳ ଓଡ଼ିଶାର ପଶ୍ଚିମାଞ୍ଚଳରେ ସର୍ବାଧିକ ଲାଭ ଉଠାଇବାକୁ ସମସ୍ତ ପ୍ରକାର ଉଦ୍ୟମ କରୁଥିବାର ଲକ୍ଷ୍ୟ କରାଯାଉଛି । ପଶ୍ଚିମାଞ୍ଚଳରେ ୩୫ଟି ବିଧାନସଭା ଆସନ ଓ ୫ଟି ଲୋକସଭା ଆସନ ରହିଛି । ଜାନୁଆରୀ ୨୨ ତାରିଖରେ ଶ୍ରୀରାମ ଜନ୍ମଭୂମି ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠାକୁ ନେଇ ସୃଷ୍ଟ ଭାବାବେଗ ତଥା ପ୍ରଧାନମନ୍ତ୍ରୀଙ୍କ ଭୋଟ ଆହରଣ କରିବାର ବର୍ଦ୍ଧିତ ସାମର୍ଥ୍ୟ ଉପରେ ଭାଜପା ଗଭୀର ଆଶାବାଦୀ । ଭାଜପା ବିଶ୍ୱାସ କରୁଛି ଯେ ପୂର୍ବାପେକ୍ଷା ଦଳ ଉନ୍ନତ ପ୍ରଦର୍ଶନ କରିପାରିବ । ଓଡ଼ିଶା ପାଇଁ ୨୦୨୪ ନିର୍ବାଚନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେ କରିବାର ବଡ଼ କାରଣ ହେଲା ଯେ, ଉଭୟ ଭାଜପା ଓ ବିଜେଡି ନିର୍ବାଚନରେ ବିଜୟଲାଭ କରିବାକୁ ଗମ୍ଭୀର ଭାବେ ଉଦ୍ୟମ କରୁଛନ୍ତି । ଏଥର ବିଜେଡି ଜିଣିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲଗାତାର ଷଷ୍ଠ ଥର ବିଜୟ ଲାଭକରି ନୂଆ ଇତିହାସ ସୃଷ୍ଟି କରିବେ । ଏହା ଦେଶର ଯେ କୌଣସି ଆଞ୍ଚଳିକ ଦଳ ପାଇଁ ଏକ ନୂଆ ଉପଲବ୍ଧି ଓ ନବୀନ ବାବୁ ସର୍ବାଧିକ କାଳ ମୁଖ୍ୟମନ୍ତ୍ରୀ ପଦବୀରେ ରହିବାର ସମସ୍ତ ପୁରୁଣା ରେକର୍ଡ ଭାଙ୍ଗି, ନୂଆ ଇତିହାସ ସୃଷ୍ଟି କରିପାରିବେ । ସେଥିପାଇଁ ବିଜେଡି ମଧ୍ୟ ନିଜର ସାଙ୍ଗଠନିକ ପଦପଦବୀରେ ଅନେକ ଗୁରୁତ୍ୱପୂର୍ଣ୍ଣ ନେତାଙ୍କୁ ଅବସ୍ଥାପିତ କରିଛି । ବିଶେଷ ଭାବେ ପଶ୍ଚିମ ଓଡ଼ିଶାର ଜିଲ୍ଲା ଦାୟିତ୍ୱରେ ରହି ଏମାନେ ସାଙ୍ଗଠନିକ କାର୍ଯ୍ୟ ଆରମ୍ଭ କରିସାରିଲେଣି । ଏସବୁ କାର୍ଯ୍ୟକ୍ରମ ମଧ୍ୟରେ ରହିଛି ଦଳର ସାଙ୍ଗଠନିକ ପରିବର୍ତ୍ତନ, ରାଜ୍ୟ ସରକାର ପ୍ରଣୟନ କରୁଥିବା ନୂଆ ନୂଆ ଯୋଜନାର ସୁଫଳ କିଭଳି ହିତାଧିକାରୀଙ୍କ ପାଖରେ ପହଞ୍ଚିବ, ସେ ସବୁର କାର୍ଯ୍ୟାନ୍ୱୟନ । ଏସବୁ ଅତ୍ୟନ୍ତ ନିଷ୍ଠାପର ଭାବେ କରାଯାଉଛି, ଯେପରି ନିର୍ବାଚନ ପୂର୍ବରୁ ଭୋଟରମାନେ ବିଜେଡି ସହ ଯୋଡ଼ି ହୋଇ ରହିବେ, ଭାଜପା ଆଡ଼କୁ ଢଳିବେ ନାହିଁ । ଦୀର୍ଘ ୨୪ ବର୍ଷ ଧରି କ୍ଷମତାରେ ରହିଥିଲେ ବି ନିଜର ବିଫଳତାକୁ ଘୋଡ଼ାଇବା ପାଇଁ ଗତ କିଛି ବର୍ଷରେ ସୁକତେଲ ଜଳସେଚନ ପ୍ରକଳ୍ପ, ଗଙ୍ଗାଧର ମେହେର ଭୂତଳ ଜଳସେଚନ ପ୍ରକଳ୍ପ ମାଧ୍ୟମରେ ପ୍ରଚେଷ୍ଟା କରୁଛି । ମା' ସମଲେଇ ପ୍ରକଳ୍ପରେ ୨୦୦ କୋଟି ଟଙ୍କା ବ୍ୟୟ କରାଯାଇ ଲୋକାର୍ପଣ କରାଯାଇଛି । ଭିମସାରର ଉନ୍ନତିକରଣ ତଥା ସମ୍ବଲପୁର-ହୀରାକୁଦ-ବୁର୍ଲାରେ ଷ୍ଟାଡିୟମ କରିବାର ଯୋଜନା ଚାଲିଛି । ନୂଆ-ଓ ମାଧ୍ୟମରେ ଯୁବବର୍ଗଙ୍କୁ ଖୁସି ବାଣ୍ଟିଛି ବିଜେଡି । ୨୦୧୭ ପଞ୍ଚାୟତିରାଜ ନିର୍ବାଚନରେ ଭାଜପା ପଶ୍ଚିମାଞ୍ଚଳର ଆଠଟି ଜିଲ୍ଲାର ୨୧୨ଟି ଜିଲ୍ଲା ପରିଷଦ ଆସନ ମଧ୍ୟରୁ ୧୬୯ଟି ଆସନରେ ବିପୁଳ ବିଜୟ ଲାଭ କରିଥିଲା । ସେହିପରି ମୟୂରଭଞ୍ଜ ଓ ମାଲକାନଗିରିରେ ବି ସୁଫଳ ପାଇଥିଲା । ବିଜେଡିକୁ ମାତ୍ର ୩୩ଟି ଆସନରେ ସନ୍ତୁଷ୍ଟ ହେବାକୁ ପଡିଥିଲା । କଠୋର ପରିଶ୍ରମ ଓ ଅନେକ ଲୋକପ୍ରିୟ ଯୋଜନା ପ୍ରଣୟନ କରି ଭୋଟ ବ୍ୟାଙ୍କକୁ ନିଜ ସପକ୍ଷରେ ବିଜେଡି ନେଇଗଲା ୨୦୨୨ ପଞ୍ଚାୟତ ଓ ୨୦୨୩ରେ ଅନୁଷ୍ଠିତ ସହରାଞ୍ଚଳ ନିର୍ବାଚନରେ । ୨୦୨୪ ସଂସଦୀୟ ନିର୍ବାଚନରେ ଓଡ଼ିଶାର ମତଦାତା ବିଜେପି ସପକ୍ଷରେ କୁଣ୍ଠିତ ମତଦାନ କରିଥିଲେ ଓ ବିଧାନସଭା ଆସନ ପାଇଁ ବିଜେଡି ସପକ୍ଷରେ ହାତଖୋଲା ସମର୍ଥନ ଦେଇଥିଲେ । ଏହାକୁ ମତଦାତାଙ୍କ ବୁଦ୍ଧିମତ୍ତା କୁହାଯାଇଥିଲା । କିଛି ଦିନ ତଳେ କିଛି ଗଣମାଧ୍ୟମ ପକ୍ଷରୁ କରାଯାଇଥିବା ଆକଳନ ଅନୁସାରେ ଓଡ଼ିଶା ସମେତ ସମଗ୍ର ଦେଶରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଲୋକପ୍ରିୟତା ବଢୁଥିବାର ଖବର ଆସିଛି । ଓଡ଼ିଶାରେ ନବୀନଙ୍କ ଲୋକପ୍ରିୟତା ପୂର୍ବାପେକ୍ଷା କମିଥିବାର ଜଣାଯାଇଛି । ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ ନ୍ୟାୟ ଯାତ୍ରା ସହିତ କଂଗ୍ରେସ ଦଳରେ ତତ୍ପରତା ପ୍ରକାଶ ପାଉଛି । ଓଡ଼ିଶାର ଜନମାନସରେ ବିଜେପି-ବିଜେଡି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି ଏକ ଧାରଣା ଆଜି ବି ବଳବତ୍ତର ରହିଥିବାର ଲକ୍ଷ୍ୟ କରାଯାଉଛି । ବିଜେଡି ପ୍ରତି ବୀତସ୍ପୃହ ମତଦାତା ଯେ ଏଥର ପ୍ରତିକ୍ରିୟାଶୀଳ ହୋଇ କଂଗ୍ରେସ ସପକ୍ଷରେ ନିଜର ଭୋଟ ଦେବେ ନାହିଁ ତାହା ଏବେଠୁ କହିବା କଷ୍ଟ । ଆଗକୁ ଜଣାଯିବ, ରାଜନୈତିକ ଦଳର କର୍ମୀ ଓ ନେତାମାନେ କେତେ ପରିବାର ଓ ଓଡ଼ିଶାର ମତଦାତା କେତେ ସଚେତନ ।

ଜାନକୀଶ ବଡ଼ପଣ୍ଡା
ଫୋ- ୯୪୩୮୨୯୯୦୩୭

# ଅନ୍ତରୀଣ ବଜେଟ୍- ଅନ୍ତର୍ନିହିତ ଇଚ୍ଛା

ଭାରତ ସମ୍ବିଧାନ ମତେ ପ୍ରତିବର୍ଷ କେନ୍ଦ୍ର ଓ ରାଜ୍ୟରେ ବାର୍ଷିକ ଆୟବ୍ୟୟ ବିବରଣୀ ପାର୍ଲାମେଣ୍ଟ ଓ ରାଜ୍ୟ ବିଧାନସଭାରେ ଉପସ୍ଥାପିତ ହୋଇଥାଏ । ଯଦିଓ ଏହା ଆୟବ୍ୟୟର ଏକ ଅଙ୍କ ବା ଗଣିତ ବୋଲି କୁହାଯାଏ, ଏଥିରେ ଗୋଟିଏ ଅନ୍ତର୍ନିହିତ ନୀତି ଓ କିଛି ଆଶା ମିଶିଥାଏ । ଚଳିତ ବର୍ଷ (୨୦୨୪-୨୫) ପାଇଁ କେନ୍ଦ୍ରରେ ଯେଉଁ ବଜେଟ୍ ଉପସ୍ଥାପିତ ହୋଇସାରିଛି ଏହା ଏକ ଅନ୍ତରୀଣ ବଜେଟ୍ କୁହାଯିବାର ଅର୍ଥ ହେଉଛି ଏହି ବଜେଟ୍ ପୂର୍ଣ୍ଣାଙ୍ଗ ବଜେଟ ନୁହେଁ । ଚଳିତ ବର୍ଷ ସାଧାରଣ ନିର୍ବାଚନ ହେବାକୁ ଯାଉଛି । ଏହି ନିର୍ବାଚନ ଶେଷ ହେଲେ ଯେଉଁ ସରକାର ଗାଦିନସୀନ ହେବ ତା'ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନର ସୁଯୋଗ ରଖାଗଲା । ଏହା ଅନ୍ତରୀଣ ବଜେଟ୍ ହେଲେ ମଧ୍ୟ ଉପସ୍ଥାପନ କରିଥିବା ସରକାରର ଇଚ୍ଛା ଏହା ମଧ୍ୟରେ ରଖାଯାଇଛି । ପ୍ରଥମତଃ ଏହା କ୍ଷୁଦ୍ର ସମୟ ପାଇଁ ପ୍ରସ୍ତୁତ ହିସାବ ହେଲେ ମଧ୍ୟ ଏଥିରେ ଏକ ଦୀର୍ଘ ମିଆଦୀ ଅର୍ଥାତ୍ 'ଅମୃତକାଳ'ର ଫଳ ନିମନ୍ତେ ଆଶ୍ୱାସନା ବା ବିଶ୍ୱାସ ସୃଷ୍ଟି କରିବାର ଉଦ୍ୟମ କରାଯାଇଛି । ଏହି ବିଶ୍ୱାସ ଆଗାମୀ ୨୦୪୭ ମସିହା ପର୍ଯ୍ୟନ୍ତ ବ୍ୟାପ୍ତ । ଯେକୌଣସି ପ୍ରାପ୍ତ ବୟସ୍କ ବ୍ୟକ୍ତି ପାଇଁ ଏହା ହାସ୍ୟାସ୍ପଦ ମନେହୁଏ । ସେମାନଙ୍କ ସମୟ ସୀମିତ ଥାଇ ବିଶ୍ୱାସ ସମସ୍ତ ସୀମା ସରହଦ ଟପିଯାଇଛି । ତେବେ ଯୁବପିଢ଼ିଙ୍କୁ ପ୍ରଲୋଭିତ ବା ଆଶାନ୍ୱିତ କରିବା ପାଇଁ ଏହା ଅଭିପ୍ରେତ । ହୁଏତ ବିରୋଧୀ ଦଳ ଏପରି ଏକ ନିର୍ଣ୍ଣୟକୁ ପ୍ରତାରଣା ବା ପ୍ରବଞ୍ଚନାର କାହାଣୀ କହିପାରନ୍ତି । ଦ୍ୱିତୀୟତଃ, ଏଥିରେ ଥିବା ଆୟବ୍ୟୟର ଧାରା ବ୍ୟବସ୍ଥାକୁ ଅନୁଧ୍ୟାନ କଲେ ବଜେଟ୍ ଭିତରେ ଲୁଚି ରହିଥିବା ଇଚ୍ଛା ପ୍ରକଟିତ ହୋଇଥାଏ । ଆୟକାରୀ ଦିଗ ଭିତରେ ପ୍ରତ୍ୟକ୍ଷ କର ଅର୍ଥାତ୍ ଧନାର୍ଢ୍ୟ ବ୍ୟକ୍ତି ବା ସଂସ୍ଥାଠାରୁ ଆଦାୟ ପରିମାଣ ସମୁଦାୟ ଆୟର ୧୭% ଥିବା ବେଳେ ଆଦାୟ ହେଉଥିବା ପରୋକ୍ଷ କର ଅବା ବିକ୍ରିକର ପରିମାଣ ମୋଟ ଆଦାୟର ୧୯%ରୁ ଅଧିକ ରଖାଯାଇଛି । ଏହା ପ୍ରମାଣ କରୁଛି ଯେ ବଜେଟ୍ ବଡ଼ଲୋକଙ୍କ ସମର୍ଥନରେ ରହିଛି ଓ ସାଧାରଣ, ମଧ୍ୟବିତ୍ତ, ଗରିବଙ୍କ ଉପରେ ଚାପ ସୃଷ୍ଟି କରିଛି । ସେହିପରି ମଧ୍ୟମ ଆୟକାରୀ ବର୍ଗଙ୍କୁ ଏ ବଜେଟରେ କୌଣସି ରିହାତି ଦିଆଯାଇ ନାହିଁ । ପୂର୍ବ ପ୍ରଚଳିତ ଆୟକର ବ୍ୟବସ୍ଥା ଅପରିବର୍ତ୍ତିତ ରହିଛି । ଅଥଚ ଦରଦାମ୍ ବୃଦ୍ଧିର ଚାପ ଏମାନଙ୍କ ଉପରେ ବଢ଼ିବାର ଆଶଙ୍କା ରହିଛି । କାରଣ ପେଟ୍ରୋଲ, ଡିଜେଲ୍ ଉପରେ ଉଚ୍ଚ ହାରର କର ଚାଲୁ ରହିଛି । ଅଧିକନ୍ତୁ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ବାବଦରେ ମୋଟ ଆୟର ୫% ଆଦାୟ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ମଧ୍ୟବିତ୍ତ ପରିବାର ଉପରେ ଖାଉଟି କର ସମେତ ଆୟକର ବୋଝ ପଡ଼ିଥାଏ । ଯାହାର ପରିମାଣ ସମୁଦାୟ କର ଆଦାୟରେ ୧୯% ପାଖାପାଖି । ଏହି ମଧ୍ୟବିତ୍ତ ବର୍ଗଟି ଯେ ଅଧିକ କ୍ଷତିଗ୍ରସ୍ତ ହେବେ ଏହାର ସୂଚନା ମିଳୁଛି । ବଜେଟରେ ଋଣଚାପ ମଧ୍ୟ କିଛି କମ୍ ନୁହେଁ । ଏହା ପ୍ରତିବର୍ଷ ମୁଣ୍ଡପିଛା ବଢ଼ିବାରେ ଲାଗିଛି । ଚଳିତ ବର୍ଷର ବଜେଟ୍ ଆୟର ଋଣ ପରିମାଣ ସମୁଦାୟ ଆୟର ସର୍ବୋଚ୍ଚ ସୀମା ଅର୍ଥାତ୍ ୨୫%ରେ ରଖାଯାଇଛି । ଏକପକ୍ଷରେ ମୁଦ୍ରାସ୍ଫୀତି କମାଇବାର ଇଚ୍ଛା ପ୍ରକଟ କରାଯାଇଥିଲେ ମଧ୍ୟ ବଜେଟ୍ ଆୟବ୍ୟୟ ଅଟକଳରେ ମାତ୍ରାଧିକ ନିଅଣ୍ଟ ରହିବାର ସୂଚନା ମିଳିଛି । ଯାହାକି ୨୦୨୩-୨୪ରେ ମୋଟ ଜି.ଡି.ପି.ର ୫.୨% ଥିଲା ତାହା ଯେ ବହୁତ କମିବ ନାହିଁ ଅବା ୪% ତଳକୁ ଆସିବ ନାହିଁ ଏହା ସ୍ପଷ୍ଟ ହୋଇଛି । ଏ ସମସ୍ତ ମୋଟାମୋଟି ଦେଖିଲେ ଜଣାଯାଏ ଯେ ଦେଶରେ ଦରଦାମ୍ ନିୟନ୍ତ୍ରଣ ପୂର୍ବପରି ଅଣାୟତ୍ତ ରହିବ । ଯଦିଓ ଏହା ଏକ ଅନ୍ତରୀଣ ବଜେଟ୍, ଏହା ବେଶ୍ ଭଲ ସୂଚନା ଦିଏ ଯେ ଦେଶର ସାମରିକ ଖର୍ଚ୍ଚ ବୃଦ୍ଧି ବାର୍ଷିକ ହାର ୮% ପାଖାପାଖି ରହିଛି । ସେଥିପାଇଁ ଅର୍ଥମନ୍ତ୍ରୀ ସୀତାରମଣ ଚତୁରତାର ସହ ଜି.ଡି.ପି.ର ନୂଆ ସଂଜ୍ଞା ଉଚ୍ଚାରଣ କରିଛନ୍ତି । ତାହା ହେଉଛି ଗଭର୍ଣ୍ଣନାନ୍ସ (ଜି), ଡେଭଲପ୍ମେଣ୍ଟ (ଡି) ଓ ପରଫର୍ମାନସ୍ (ପି) । ବ୍ୟୟ ଦିଗକୁ ଅନୁଧ୍ୟାନ କଲେ ପୂର୍ବପରି ଭିତ୍ତିଭୂମି ନାମରେ ବ୍ୟୟ ବରାଦ ସହିତ ସାମରିକ ବାବଦ ଖର୍ଚ୍ଚ ଉପରେ ଜୋର ଦିଆଯାଇଛି । ଏହିସବୁ ଖର୍ଚ୍ଚ ବିଶେଷ କିଛି ରୋଜଗାର ସୃଷ୍ଟିକାରୀ ନୁହେଁ । ଏକଥା ସ୍ୱୀକାର କରିବାକୁ ହେବ ଯେ ଏ ବାବଦ ଅର୍ଥର ମୁଖ୍ୟ ଅଂଶ ସେହି କର୍ପୋରେଟ୍ ସେକ୍ଟର ହାତକୁ ହିଁ ଯିବ । ସ୍ମରଣ କରିବାକୁ ହେବ ଯେ ଏଥିରେ ଗୁଡ଼ିଏ 'ଏୟାର ଫିଲ୍ଡ' ସଂପ୍ରସାରଣ ତଥା ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଛି । ଶ୍ରୀ ଅଟଳ ବିହାରୀ ବାଜପେୟୀ ଓ ଶ୍ରୀ ମନମୋହନ ସିଂହ ପ୍ରଧାନମନ୍ତ୍ରୀ ଥିବାବେଳେ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଗ୍ରାମୀଣ ସଡ଼କ ବାବଦରେ ଯେଉଁ ଖର୍ଚ୍ଚ ହେଉଥିଲା, ସେସବୁ ଗ୍ରାମୀଣ ରୋଜଗାର ବୃଦ୍ଧିରେ ସହାୟକ ଥିଲା । ଯୁବବର୍ଗଙ୍କ ପାଇଁ ଅଭିପ୍ରେତ କୁଶଳୀ ଶିକ୍ଷା ବଢ଼ିଛି ସତ, ତେବେ ସେମାନେ କର୍ମ ନିଯୁକ୍ତି ପାଇବା କ୍ଷେତ୍ରରେ ସେପରି ଆଖିଦୃଶିଆ ଅଗ୍ରଗତି ଦେଖିବାକୁ ମିଳିନାହିଁ । ବେକାରୀ ବୃଦ୍ଧି ଘଟି ଚାଲିଛି ଓ ଏହି କ୍ଷୁଦ୍ର ବଜେଟରେ ତା'ର ଅନ୍ତ ଘଟିବାର ସୂଚନା ନାହିଁ । ଅନ୍ନଦାତାମାନଙ୍କର ଉନ୍ନତି କଳ୍ପେ ଅତୀତରେ ଅନେକ କଥା କୁହାଗଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସେମାନଙ୍କ ଅବସ୍ଥାରେ କୌଣସି ପରିବର୍ତ୍ତନ ଘଟିନାହିଁ । ଏ ବଜେଟରେ ଯାହା ସୂଚନା ଅଛି ସେଥିରୁ ସ୍ପଷ୍ଟ ଅନୁମେୟ ଯେ ଆଗକୁ ସ୍ଥିତି ଖରାପ ହେବ ସିନା ଭଲ ହେବ ନାହିଁ । ତା'ର ମୁଖ୍ୟ କାରଣ ଏବେ ବି କୃଷି ଓ କୃଷକ ପ୍ରକୃତି ବା ପାଗ ଉପରେ ନିର୍ଭରଶୀଳ । ଜଳବାୟୁ ପରିବର୍ତ୍ତନ ଜନିତ ଦୁର୍ବିପାକର ଶିକାର ହେବା ନିଶ୍ଚିତ ପ୍ରାୟ । ମହିଳାମାନଙ୍କ ଉଦ୍ଦେଶ୍ୟରେ କୁହାଯାଇଥିବା 'ଲକ୍ଷପତ ଦିଦି' ସୃଷ୍ଟିକାରୀ ସ୍ଲୋଗାନ୍ ନିରର୍ଥକ । ଯେଉଁ ପର୍ଯ୍ୟନ୍ତ ସେମାନଙ୍କ ହାଣ୍ଡିଶାଳ ଉପରେ ଚାପ ବଢ଼ି ଚାଲିଥିବ ସେ ପର୍ଯ୍ୟନ୍ତ ସେମାନଙ୍କ ଆୟ ସଂକୁଚିତ ହେବାରେ ଲାଗିଥିବ । ଏବେବି ଗ୍ୟାସ୍ ଦର ବୃଦ୍ଧି ସାଙ୍ଗକୁ ଡାଲି, ତେଲଠାରୁ ଆରମ୍ଭ କରି ଜୀରା, ସୋରିଷ, ପିଆଜ, ରସୁଣ ଆଦି ଖାଦ୍ୟ ସାମଗ୍ରୀର ଦରବୃଦ୍ଧି ଘଟି ଚାଲିଛି । ଫଳରେ ରୋଷେଇ ଘରେ ଦରବୃଦ୍ଧିର ଚାପ ବୃଦ୍ଧି ପାଇଛି ଓ ମହିଳାମାନଙ୍କ ଉପରେ ଏହାର ପ୍ରଭାବ ବଢ଼ି ଚାଲିଛି । ଦେଶରୁ ଗତ ୧୦ ବର୍ଷ ମଧ୍ୟରେ ୨୫ କୋଟି ଲୋକ ବହୁମୁଖି ଦାରିଦ୍ର୍ୟରୁ ମୁକୁଳିଥିବା କୁହାଯାଉଥିଲେ ମଧ୍ୟ ୮୧ କୋଟି ଲୋକଙ୍କୁ ମାଗଣା ଚାଉଳ ଯୋଗାଣ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଦୁଇ ବିପରୀତମୁଖି କଥା କାହିଁକି ଯେ ବଜେଟରେ କୁହାଗଲା, ତା' ବୁଝାପଡୁ ନାହିଁ । ତା'ର ଉତ୍ତର ଅର୍ଥମନ୍ତ୍ରୀ ବା ପ୍ରଧାନମନ୍ତ୍ରୀଙ୍କଠାରୁ ଜନସାଧାରଣ ଆଶା କରନ୍ତି । ଏହି ମାଗଣା ଖାଦ୍ୟ ଯୋଗାଣ ହଟାଇ ଦେଲେ ଦାରିଦ୍ର୍ୟ ଯେ କେତେ ଉତ୍କଟ ତାହା ସ୍ପଷ୍ଟ ହୋଇଯିବ । ଦେଶରେ ପୂର୍ବରୁ ଘୋଷିତ ସମସ୍ତ ଆକାଂକ୍ଷା ଜିଲ୍ଲା ମଧ୍ୟରୁ ଓଡ଼ିଶାର ୧୦ ଗୋଟି ଜିଲ୍ଲାରେ ଏବେ ବି ରକ୍ତ ଶୂନ୍ୟତା, କ୍ଷୁଧା ବା ପୁଷ୍ଟିହୀନତାର ବିକଳ ଚିତ୍ର ଉତ୍କଟ ଥିବାର ଦେଖାଯାଏ । ଏ ଦିଗରେ ବିଶେଷ କିଛି ଉଦ୍ୟମ ବା ବ୍ୟୟ ବରାଦ ଥିବାର ଲକ୍ଷ୍ୟ କରାଯାଇ ନାହିଁ । ଦେଶରକ୍ଷା ବାବଦରେ ବ୍ୟୟ ବରାଦ ଜି.ଡି.ପି.ର ୮% ଥିବା ବେଳେ କୃଷି ଓ କୃଷକଙ୍କ ମଙ୍ଗଳ ପାଇଁ ମାତ୍ର ୧.୨୭% ବ୍ୟୟ ବରାଦ କରାଯାଇଛି । ଏ ସମସ୍ତ ବ୍ୟୟ ବରାଦ ସୂଚନା ଦିଏ ଯେ ଯୁବବର୍ଗ, ମହିଳା, ଗରିବ, ଅନ୍ନଦାତା ଚାରିବର୍ଗ ନାମରେ ଖ୍ୟାତ, ଶ୍ରେଣୀର ଅବସ୍ଥାରେ ବିଶେଷ ଉନ୍ନତି ଘଟିବ ନାହିଁ । କେବଳ ଆଗାମୀ ଦିନରେ ଆସୁଥିବା ଭୋଟ୍କୁ ଲକ୍ଷ୍ୟ ରଖି ସେମାନଙ୍କ ଉଦ୍ଦେଶ୍ୟରେ ଏପରି ସବୁ ଶବ୍ଦ ଉଚ୍ଚାରିତ ହୋଇଛି ।

ପଞ୍ଚାନନ କାନୁନଗୋ
ଫୋ- ୯୪୩୮୩୬୦୮୪୯




ଆଞ୍ଚଳିକ

# କେନ୍ଦୁମୁଣ୍ଡିରେ ବିଜେଡି ପକ୍ଷରୁ ବିରାଟ ମହିଳା ଓ କର୍ମୀ ସମାବେଶ




**ପାଟଣାଗଡ଼(ଏନ୍.ଏମ୍.) :** ବଲାଙ୍ଗିର ଜିଲ୍ଲା ପାଟଣାଗଡ ବ୍ଲକ୍ ଅନ୍ତର୍ଗତ କେନ୍ଦୁମୁଣ୍ଡି ପଞ୍ଚାୟତ ଠାରେ ବିଜେଡି ପକ୍ଷରୁ ବିରାଟ ମହିଳା କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି । ୧୬ ନମ୍ବର ଜୋନ ବିଜେଡି ସଭାପତି ପ୍ରେମାନନ୍ଦ ବଡେଇଙ୍କ ନେତୃତ୍ୱରେ ଆୟୋଜିତ ଏହି ଜୋନସ୍ତରୀୟ ମହିଳା ଓ କର୍ମୀ ସମାବେଶରେ ବିଧାୟକ ସରୋଜ ମେହେର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ହଜାର ହଜାର ମହିଳା ଓ ପୁରୁଷ କର୍ମୀମାନେ ଏକ ଶୋଭାଯାତ୍ରାରେ ବିଧାୟକ ଶ୍ରୀ ମେହେରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପୂର୍ବକ ମଞ୍ଚକୁ ପାଛୋଟି ନେଇଥିଲେ । ଏହି ସମାବେଶରେ ରାଜ୍ୟ ସରକାରଙ୍କର ଜନହିତକର ଯୋଜନା ଉପରେ ଅଭିଭାଷଣ ଦେବା ସହ ରାଜ୍ୟ ସରକାରଙ୍କ ଯୋଜନାକୁ ଆଗାମୀ ଦିନରେ ଆହୁରି ସଫଳ କରିବାକୁ ହେଲେ ସମସ୍ତଙ୍କର ସହ ଭାଗିତା ହିଁ ଏକାନ୍ତ ଆବଶ୍ୟକ ବୋଲି ବିଧାୟକ ଶ୍ରୀ ମେହେର ସମସ୍ତଙ୍କୁ ନିବେଦନ କରିଥିଲେ । ରାଜ୍ୟ ସରକାର ବିଶେଷ କରି ମହିଳାମାନଙ୍କ ବିକାଶ ଦିଗରେ ଅନେକ ଯୋଜନା ହାତକୁ ନେଇ ମହିଳା ସଶକ୍ତକରଣ କରିବା ସହ ମହିଳାମାନେ ନିଜେ ନିଜେ ସ୍ୱୟଂ ସହାୟକ ତଥା ମିଶନ ଶକ୍ତି ମାଧ୍ୟମରେ ସ୍ୱାଭାବଲମ୍ବୀ ହୋଇଛନ୍ତ ପାରିଛନ୍ତି ବୋଲି ସମାବେଶରେ ଉଦବୋଧନ ଦେଇଥିଲେ । ବର୍ତ୍ତମାନ ରାଜ୍ୟ ସରକାର ମଧୁବାବୁ ପେନସନକୁ ମଧ୍ୟ ୫ ଶହ ଟଙ୍କା ରୁ ୧ ହଜାର ଟଙ୍କା ବୃଦ୍ଧି କରିଛନ୍ତି; ଯାହାଫଳରେ ହଜାର ହଜାର ହିତାଧିକାରୀ ତାଙ୍କର ଆର୍ଥିକ ସ୍ଥିତି ସୁଧାର ଆସିବ ବୋଲି ବିଧାୟକ ଶ୍ରୀ ମେହେର ତାଙ୍କ ଅଭିଭାଷଣରେ ଉଦବୋଧନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସମାବେଶରେ ପାଟଣାଗଡ଼ ବ୍ଲକ ଅଧ୍ୟକ୍ଷ ନିଳକାନ୍ତ ବାଗ, ଜିଲ୍ଲା ପରିଷଦ ସଭ୍ୟା ବିଶେଶ୍ୱରୀ ବରିହା, ବାଳିକା ମାଝୀ, ବିଧାୟକଙ୍କ ପ୍ରତିନିଧି ହିମାଞ୍ଚଳ ପ୍ରଧାନ, କେନ୍ଦୁମୁଣ୍ଡି ସରପଞ୍ଚ ଜିତୁ ମେହେର, ସରପଞ୍ଚ ସଂଘ ସଭାପତି ଜନାର୍ଦ୍ଦନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିବାବେଳେ ୧୫ ହଜାରରୁ ମହିଳା ପୁରୁଷ କର୍ମୀ ଯୋଗଦାନ ଦେଇଥିଲେ ।

# ଘରୋଇ ବିଦ୍ୟୁତ ଉପଭୋକ୍ତାଙ୍କୁ ଖୁସି ଖବର, କମିଲା ବିଜୁଳି ଦର

**ଭୁବନେଶ୍ୱର(ଏନ୍.ଏମ୍.) :** ଘରୋଇ ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ ଖୁସି ଖବର ଆସିଛି । ବିଜୁଳି ଦର ହ୍ରାସ କଲେ ଓଇଆରସି । ଘରୋଇ ଉପଭୋକ୍ତାଙ୍କ ପାଇଁ ପ୍ରତ୍ୟେକ ସ୍ଲାବରେ ୧୦ ପଇସା ହ୍ରାସ୍ ହୋଇଛି । ଘରୋଇ ବ୍ୟତୀତ ଅନ୍ୟ ସମସ୍ତ କାଟେଗୋରୀରେ ଦର ଅପରିବର୍ତ୍ତିତ ରହିବ । ବିପିଏଲ୍ ଉପଭୋକ୍ତାଙ୍କ ପାଇଁ ମାସିକ ଦେୟ ୮୦ରୁ ୭୦ ଟଙ୍କାକୁ ହ୍ରାସ କରାଯାଇଛି । କାଗଜ ଛାଡ଼ି ଯେଉଁ ଉପଭୋକ୍ତା ଇ-ବିଲ୍ ନେବେ, ସେମାନଙ୍କୁ ୧୦ ଟଙ୍କା ରିହାତି ମିଳିବ । ଇଭି ଚାର୍ଜିଂ ପାଇଁ ୟୁନିଟ୍ ପିଛା ଦର ୫ ଟଙ୍କା ୫୦ରୁ ୫ ଟଙ୍କାକୁ ହ୍ରାସ କରାଯାଇଛି । ପ୍ରି-ପେଡ୍ ମିଟର ଥିବା ଉପଭୋକ୍ତାଙ୍କୁ ୪ ପ୍ରତିଶତ ରିହାତି ମିଳିବ । ଶୀତଳ ଭଣ୍ଡାର ପାଇଁ ୟୁନିଟ ପିଛା ଦର ୧ଟଙ୍କା ୬୦ ପଇସା ହ୍ରାସ କରାଯାଇଛି । ଧାର୍ଯ୍ୟ ସମୟରେ ବିଲ୍ ଦେଲେ ଘରୋଇ ଉପଭୋକ୍ତାଙ୍କୁ ୧୦ପଇସା ରିହାତି ମିଳିବ ।

# ମୋବାଇଲ ଗେମ୍‌ରେ ହାରି ଯିବାରୁ ନିଜ ବେକ କାଟିଦେଲେ ଯୁବକ

**ଅନୁଗୋଳ(ଏନ୍.ଏମ୍.) :** ମୋବାଇଲରେ ଗେମ ଖେଳି ହାରିଯିବାରୁ ହିତାହିତ ଜ୍ଞାନ ହାରି ବସିଲେ ଯୁବକ । ପାଗଳପ୍ରାୟ ହୋଇ ଯାଇଥିବା ଯୁବକ ଆତ୍ମହତ୍ୟା ପରି ଚରମ ପଦକ୍ଷେପ ବି ଉଠାଇବାକୁ ପଛାଇଲେ ନାହିଁ । ଏଥିଯୋଗୁ ଯୁବକଜଣକ ନିଜ ବେକ କାଟି ଦେଇ ଗୁରୁତର ହୋଇଥିବା ଜଣାପଡୁଛି । ଏପରି ଏକ ଅଭାବନୀୟ ଘଟଣା ଅନୁଗୁଳ ଜିଲ୍ଲାରେ ଘଟିଛି । ନିଜ ବେକ କାଟି ଗୁରୁତର ହୋଇ ପଡ଼ିଥିବା ଯୁବକଜଣକ ହେଲେ ଜେରେଙ୍ଗ ଗ୍ରାମର ସୌମ୍ୟରଞ୍ଜନ ନାଏକ । ତାଙ୍କ ବୟସ ୨୪ ବର୍ଷ । ସେ ଏବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି । ଗତକାଲି ସୌମ୍ୟରଞ୍ଜନ ନାଏକ ଗାଁରେ ଥିବା ବେଳେ ନିଜ ମୋବାଇଲରେ ଫ୍ରି ଫାୟାର ନାମକ ଗେମ୍ ଖେଳୁଥିଲେ । ମାତ୍ର ଲଗାତର ଭାବେ ୩ଟି ମ୍ୟାଚ ହାରି ଯିବାରୁ ସେ ନିଜ ଉପରୁ ନିୟନ୍ତ୍ରଣ ହରାଇ ବସିଲେ । ଏହାପରେ ଏକ ବ୍ଲେଡ ସାହାଯ୍ୟରେ ସେ ନିଜ ବେକ କାଟି ଦେଇଥିଲେ । ସୌମ୍ୟରଞ୍ଜନ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଛଟପଟ ହେଉଥିବା ବେଳେ ପରିବାର ଲୋକେ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ତାଙ୍କ ଅବସ୍ଥା ସ୍ଥିର ଥିବା ଜଣାଯାଇଛି । ଏ ନେଇ ଥାନାରେ ଅଭିଯୋଗ ହୋଇନାହିଁ ।

# ଧରଣୀଧର ବିଶ୍ୱ ବିଦ୍ୟାଳୟର ପ୍ରଥମ ପ୍ରତିଷ୍ଠା ଦିବସ ସମାରୋହ

## ଦୃଢ ସଂକଳ୍ପ ଓ କର୍ମ ନିଷ୍ଠା ହିଁ ସଫଳତାର ଚାବିକାଠି - ମୁଖ୍ୟ ଶାସନ ସଚିବ




**କେନ୍ଦୁଝର(ଏନ୍.ଏମ୍.) :** କେନ୍ଦୁଝର ସ୍ଥିତ ଧରଣୀଧର ବିଶ୍ୱ ବିଦ୍ୟାଳୟର ପ୍ରଥମ ପ୍ରତିଷ୍ଠା ଦିବସର ଭବ୍ୟ ସମାରୋହ ବିଶ୍ୱ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ମୁଖ୍ୟଅତିଥି ଭାବେ ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ତଥା ବର୍ତ୍ତମାନର ଓଡିଶା ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଯୋଗଦେଇ ନିଜ ଅଭିଭାଷଣରେ ଦୃଢ ସଂକଳ୍ପ ଓ କର୍ମନିଷ୍ଠା ହିଁ ସଫଳତାର ଚାବି କାଠି ବୋଲି ମତ ପ୍ରକାଶ କରିଥିଲେ । ଏହି ଅବସରରେ ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇ ଶ୍ରୀ ଜେନା କହିଥିଲେ ଯେ, ନିରାସକ୍ତ କର୍ମ ହିଁ ଆମକୁ ସ୍ୱତନ୍ତ୍ର ପରିଚୟ ଦେବ । ଏହି ଅବସରରେ ଶ୍ରୀ ଜେନା ଏଠାରେ ପାଠ ପଢିବାବେଳେ ସେ ନିଜେ ରହୁଥିବା ଗୋପବନ୍ଧୁ ଛାତ୍ରାବାସ ପରିଦର୍ଶନ କରିଥିଲେ ଓ ସେ ରହୁଥିବା ପ୍ରକୋଷ୍ଠ ଦେଖି ପୁରୁଣା ସ୍ମୃତିର ରୋମନ୍ଥନ କରିଥିଲେ । ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ ସେ କହିଥିଲେ ଯେ, କେନ୍ଦୁଝର ଭଳି ଏକ ଖଣିଜ ସମ୍ପଦ ପରିପୂର୍ଣ୍ଣ ଜିଲ୍ଲା ଓଡିଶାର ବିକାଶରେ କର୍ଣ୍ଣଧାର ସାଜିବ, ସେତେବେଳେ ସେ ଭାବି ନଥିଲେ । ଏହି ଅନୁଷ୍ଠାନ ତାଙ୍କୁ ଜୀବନରେ ଆଗକୁ ବଢିବାର ପ୍ରେରଣା ଯୋଗାଇଛି ବୋଲି ସେ ପ୍ରକାଶ କରିଥିଲେ । ମୁଖ୍ୟଅତିଥି ଶ୍ରୀ ଜେନା ତାଙ୍କର ସାରଗର୍ଭକ ଅଭିଭାଷଣରେ ଛାତ୍ରଛାତ୍ରୀମାନଙ୍କୁ ଜୀବନରେ ଉତ୍କର୍ଷତା ହାସଲ ପାଇଁ ପ୍ରେରଣା ଦେଇଥିଲେ । ସମାରୋହରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦର ଉପାଧ୍ୟକ୍ଷ ବୈଜ୍ଞାନିକ ପ୍ରଫେସର ଅଶୋକ କୁମାର ଦାସ ଯୋଗଦେଇ ନବଜାତକ ଏହି ବିଶ୍ୱବିଦ୍ୟାଳୟର ସଫଳତା କାମନା କରିଥିଲେ । ସମାରୋହର ପ୍ରାରମ୍ଭରେ ଜାତୀୟ ସଂଗୀତ ପରିବେଷଣ କରାଯିବା ସହିତ ବିଶ୍ୱ ବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ସମାରୋହକୁ ଆହୁରି ସ୍ମରଣୀୟ କରିବା ପାଇଁ ମୁଖ୍ୟଅତିଥି ଶ୍ରୀ ଜେନାଙ୍କୁ ବିଶ୍ୱ ବିଦ୍ୟାଳୟ ତରଫରୁ ବିଶିଷ୍ଟ ପ୍ରାକ୍ତନ ବିଦ୍ୟାର୍ଥୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି କେନ୍ଦୁଝରର ସଂସ୍କୃତି କ୍ଷେତ୍ରରେ ନିଜର ଉଲ୍ଲେଖନୀୟ ଯୋଗଦାନ ପାଇଁ ଶ୍ରୀ ନିଳାଦ୍ରୀ ବିହାରୀ ମିଶ୍ରଙ୍କୁ ମୁଖ୍ୟଅତିଥି ଶ୍ରୀ ଜେନା କେନ୍ଦୁଝର ସଂସ୍କୃତି ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ । ବିଶ୍ୱ ବିଦ୍ୟାଳୟର କୁଳ ସଚିବ ନରେନ୍ଦ୍ର କୁମାର ସାହୁ ପ୍ରତିଷ୍ଠା ଦିବସର ସମସ୍ତ ଅତିଥି ଓ ସମସ୍ତ ନିମନ୍ତ୍ରିତ ବିଦ୍ୱାନମଣ୍ଡଳୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିବାବେଳେ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପିକା ଶୁଭସ୍ମିତା ଦାସ ସମାରୋହକୁ ସଂଚାଳନ କରିଥିଲେ ।

# ବାରହା ଶିକାର ପାଇଁ ଖଞ୍ଜାଯାଇଥିବା ବୋମା ଖାଇ ପ୍ରାଣ ହରାଇଲା ଗଜରାଜ



**ଭୁବନେଶ୍ୱର(ଏନ୍.ଏମ୍.) :** ଭୁବନେଶ୍ୱର ସ୍ଥିତ ଭରତପୁର ଜଙ୍ଗଲରେ ଅସୁସ୍ଥ ଏକ ଦନ୍ତା ହାତୀଟିର ମୃତ୍ୟୁ ଘଟିଛି । ଗତକାଲି ମଧ୍ୟରାତ୍ରରେ ଦନ୍ତାର ମୃତ୍ୟୁ ହୋଇଥିବା ଜଣାପଡିଛି । ବାରହା ଶିକାର ପାଇଁ ଶିକାରୀ ଖଞ୍ଜିଥିବା ବୋମା ଖାଇ ହାତୀଟିର ଅବସ୍ଥା ଗୁରୁତର ଥିଲା । ଭରତପୁର ଜଙ୍ଗଲରୁ ଅସୁସ୍ଥ ଦନ୍ତା ହାତୀଟିକୁ ଠାବ କରାଯାଇଥିଲା । ଅସୁସ୍ଥ ହାତୀର ଚିକିତ୍ସା ଓୟୁଏଟି ଓ ନନ୍ଦନକାନନ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା ଚାଲିଥିଲା । ବିସ୍ଫୋରଣରେ ହାତୀଟିର ଜିଭ ଛିଡ଼ିଯିବା ସହ ମାଢ଼ି ହାଡ଼ ଫାଟି ନଷ୍ଟ ହୋଇ ଯାଇଥିଲା । ଗତକାଲି ବିଳମ୍ବିତ ରାତିରେ ଦନ୍ତା ହାତୀଟିର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ହାତୀଟି ଖୋର୍ଦ୍ଧା ଜଙ୍ଗଲରୁ ଆସିଥିବା ଅନୁମାନ କରାଯାଉଛି । ହାତୀଟିକୁ ଚିକିତ୍ସା କରୁଥିବା ଡାକ୍ତରଙ୍କ କହିବା ଅନୁଯାୟୀ, ପ୍ରାୟ ୧୫ ଦିନ ତଳୁ ହାତୀଟି ବିସ୍ଫୋରଣର ଶିକାର ହୋଇଥିବା ଅନୁମାନ କରାଯାଉଛି । ବାରହା ଶିକାର ପାଇଁ ଶିକାରୀ ଖଞ୍ଜିଥିବା ବୋମା ଦନ୍ତା ଖାଇ ଦେଇଥିବା ସନ୍ଦେହ କରାଯାଉଛି । ଏହା ବାରହା ଶିକାର ପାଇଁ ଖଞ୍ଜା ଯାଇଥିଲା ନା ହାତୀ ମାରିବା ପାଇଁ ତାହାର ତଦନ୍ତ କରାଯିବା ସହ ଶିକାରୀକୁ ଧରିବାକୁ ବନ୍ୟଜନ୍ତୁ ପ୍ରେମୀଙ୍କ ପକ୍ଷରୁ ଦାବି ହୋଇଛି । ଅନ୍ୟପକ୍ଷରେ ହାତୀର ମୃତ୍ୟୁକୁ ନେଇ ବନ ବିଭାଗ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

# କେନ୍ଦ୍ରାପଡା ମହାବିଦ୍ୟାଳୟର ୬୬ତମ ସ୍ୱନକ୍ଷତ୍ର ଦିବସ



**କେନ୍ଦ୍ରାପଡ଼ା(ଏନ୍.ଏମ୍.) :** କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ୬୬ତମ ସ୍ୱନକ୍ଷତ୍ର ଦିବସ ଏବଂ ଦୀନବନ୍ଧୁ ସାହୁ ସ୍ମୃତି ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଧ୍ୟାପକ ଅଶୋକ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଇଂରାଜୀ ବିଭାଗର ପ୍ରାକ୍ତନ ପ୍ରାଧ୍ୟାପକ ଡ. ବ୍ରଜ ମୋହନ ମିଶ୍ର ଯୋଗଦେଇ ମହାବିଦ୍ୟାଳୟକୁ ନିଜର ମା’ ଭାବିବାକୁ ପରାମର୍ଶ ଦେଇଥିଲେ । ଏଥିସହିତ ପିଲାମାନଙ୍କୁ ତେଜିଆନ ଓ ହୃଦୟବାନ ହେବା ସହ ମହାବିଦ୍ୟାଳୟ ଆମକୁ କ’ଣ ଦେଇଛି ଓ ଆମେ ମହାବିଦ୍ୟାଳୟକୁ କ’ଣ ଦେଇଛେ ସେ ସମ୍ପର୍କରେ ଥରେ ଚିନ୍ତା କରିବାକୁ ପରାମର୍ଶ ଦେବା ସହ ଶିକ୍ଷା ଆମକୁ ଶକ୍ତି ପ୍ରଦାନ କରିଥାଏ ଏବଂ ସତ୍ୟ ପଥରେ ଯିବାକୁ ପ୍ରେରଣା ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟଅତିଥି ଭାବେ ବିଧାୟକ ଶଶିଭୂଷଣ ବେହେରା ଯୋଗଦେଇ ଓଡିଆ ଭାଷାକୁ ମା’ ଭଳି ଭଲପାଇବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବ୍ରହ୍ମପୁରର ପରିବେଶବିତ ଡ. ସୁନ୍ଦର ନାରାୟଣ ପାତ୍ରଙ୍କୁ ଦୀନବନ୍ଧୁ ସାହୁ ସ୍ମୃତି ସମ୍ମାନରେ ସମ୍ମାନୀତ କରାଯାଇଥିଲା । ଉତ୍ତରରେ ଡ. ପାତ୍ର କହିଥିଲେ ଯେ ତୁଳସୀ କ୍ଷେତ୍ରର ଶ୍ରୀବଳଦେବଜୀଉଙ୍କୁ ଦର୍ଶନ କରି ସେ ବିମୁଗ୍ଧ ହୋଇ ପଡିଛନ୍ତି । କେନ୍ଦ୍ରାପଡା ହେଉଛି ଜଗନ୍ନାଥଙ୍କ ବଡଭାଇ ଶ୍ରୀବଳଦେବଜୀଉଙ୍କ କ୍ଷେତ୍ର । ପ୍ରାକୃତିକ ସମ୍ପଦ ଓ ଜୈବ ବିବିଧତାରେ ଭରା ହେଉଛି ଭିତର କନିକା । ନିଜର ଜୀବନ ଶୈଳୀକୁ ପ୍ରକୃତିସ୍ଥ କରିବାକୁ ସେ ପରାମର୍ଶ ଦେଇଥିଲେ । ଏସମ୍ମାନ ତାଙ୍କ ପାଇଁ ଭାରତରତ୍ନ ସଦୃଶ ବୋଲି ସେ କହିଥିଲେ । କଲେଜ ପରିଚାଳନା ପରିଷଦ ସଭାପତି ଡା. ବାସୁଦେବ ପାତ୍ର ମଞ୍ଚାସୀନ ଥିଲେ । କେତେକ ପୁରାତନ ଛାତ୍ର ମହାବିଦ୍ୟାଳୟ ସଭାପତି ଡା. ପାତ୍ରଙ୍କୁ କଲେଜର ବିଭିନ୍ନ ସମସ୍ୟା ସମାଧାନ କରିବାରେ ସେ ଅକ୍ଷମ ହୋଇଥିବାରୁ ତୁରନ୍ତ ସଭାପତି ପଦରୁ ଇସ୍ତଫା ପ୍ରଦାନ କରିବାକୁ କହିବାରେ ଡା. ପାତ୍ର କହିଥିଲେ ଯେ ସେ ଜମା ଇଚ୍ଛୁକ ନୁହନ୍ତି ସଭାପତି ରହିବାକୁ କେବଳ ବିଧାୟକ ଶଶିବାବୁ ତାଙ୍କୁ ବାଧ୍ୟ କରିବାରୁ ସେ ସଭାପତି ଭାବରେ ରହିଛନ୍ତି । ଏହି ଅବସରରେ ମହାବିଦ୍ୟାଳୟର କେତେକ ପୂର୍ବତନ ଅଧ୍ୟାପକ ଓ କର୍ମଚାରୀଙ୍କୁ ସମ୍ମାନୀତ କରାଯିବା ସହ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଟପ୍ପର ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅଧ୍ୟକ୍ଷ ଶ୍ରୀ ଦାସ ସ୍ୱାଗତ ଭାଷଣ ଅଧ୍ୟାପକ ରଞ୍ଜିତ କୁମାର ଦାସ ଅତିଥି ପରିଚୟ ଓ ଡ. ପ୍ରଭାକର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ମହାବିଦ୍ୟାଳୟର ଛାତ୍ରୀ ବିଜୟଲକ୍ଷ୍ମୀ ଦାସ ଓ ସୁପ୍ରିୟା ଦାସ ନୃତ୍ୟ ସଂଗୀତ ପରିବେଷଣ କରିଥିଲେ । ଛାତ୍ର ପ୍ରବୀଣ ପ୍ରଧାନ ଓ ଛାତ୍ରୀ ସୁପ୍ରିୟା ଦାସ ସଭାର ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା, ପ୍ରଫେସର ବିଦ୍ୟୁମିତ୍ର ବଳ, ଦୁର୍ଯ୍ୟୋଧନ ପରିଡା, ତପନ କୁମାର ପତି, ଡ. ଗିରିଶ କୁମାର ପାତ୍ର, ଡ. ପ୍ରଦୀପ୍ତ କିଶୋର ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# କଟକ ନଗର ବିଜେପି ଅଧ୍ୟାପକ ସେଲ ସଂଯୋଜକ ହେଲେ ମାନସ ରଞ୍ଜନ ଓଝା



**କଟକ(ଏନ୍.ଏମ୍.) :** କଟକ ଜିଲ୍ଲାରେ ବିଜେପି ନିଜର ସ୍ଥିତି ସୁଦୃଢ଼ କରିବା ପାଇଁ ବିଭିନ୍ନ ରଣକୌଶଳ ଆପଣେଉଥିବା ଦେଖିବାକୁ ମିଳିଛି । ଏପରିକି ବିଭିନ୍ନ ଦଳରୁ ପ୍ରଭାବଶାଳୀ ନେତାମାନଙ୍କୁ ନିଜ ଦଳରେ ସାମିଲ କରି ସଂଗଠନକୁ ଅଧିକ ମଜଭୁତ କରିବାକୁ ବିଜେପି ଉଦ୍ୟମ କରୁଥିବାବେଳେ ପୁରୁଣା କାର୍ଯ୍ୟକର୍ତ୍ତାଙ୍କୁ ମଧ୍ୟ ବିଭିନ୍ନ ଦାୟିତ୍ୱ ଦେଉଥିବା ଦେଖିବାକୁ ମିଳିଛି । ଦଳରେ ବିଭିନ୍ନ ସଂଗଠନ ମଧ୍ୟରେ ମହିଳା ମୋର୍ଚ୍ଚା, ଓବିସି ମୋର୍ଚ୍ଚା, ସଂଖ୍ୟାଲଘୁ ମୋର୍ଚ୍ଚା, ଯୁବ ବିଜେପି, ଛାତ୍ରବିଜେପିକୁ ସଂଗଠିତ କରି ତୃଣମୂଳସ୍ତରରୁ ସଂଗଠନକୁ ମଜଭୁତ କରିବା ନିମନ୍ତେ ଉଦ୍ୟମ ଜାରି ରଖିଥିବାବେଳେ ଏବେ ଅଧ୍ୟାପକ ସେଲ ନାମରେ ସଂଗଠନ କରି ଦଳକୁ ଅଧିକ ସକ୍ରିୟ କରିବା ନିମନ୍ତେ ରାଜ୍ୟ ବିଜେପି ଗୁରୁତ୍ୱ ଦେଇଛି । ଏହି ପରିପ୍ରେକ୍ଷୀରେ କଟକ ନଗର ଅଧ୍ୟାପକ ସେଲର ସଂଯୋଜକ ଭାବେ ବିଜେପିର ଟାଣୁଆ କାର୍ଯ୍ୟକର୍ତ୍ତା ତଥା ଅଧ୍ୟାପକ ମାନସ ରଞ୍ଜନ ଓଝାଙ୍କୁ ଦଳ ପକ୍ଷରୁ ଦାୟିତ୍ୱ ଦିଆଯାଇଛି । କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ଅନୁମୋଦନ କ୍ରମେ କଟକ ନଗର ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ବିଶ୍ୱରଞ୍ଜନ ମିଶ୍ର ଏହି ଗୁରୁ ଦାୟିତ୍ୱ ଶ୍ରୀ ଓଝାଙ୍କୁ ଦିଆଯାଇଥିବା ସୂଚନା ଦେଇଛନ୍ତି । ଏଥି ସହିତ ଶ୍ରୀ ଓଝା ଆସନ୍ତା ୭ଦିନ ମଧ୍ୟରେ ନିଜର ଟିମ ଗଠନ କରି କାର୍ଯ୍ୟ ଆରମ୍ଭ କରିବେ ବୋଲି ଶ୍ରୀ ମିଶ୍ର କହିଛନ୍ତି । ତେବେ ଏହାର ଉତ୍ତରରେ ଦଳରେ ମୁଁ ଆଜି ନୁହେଁ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଆସୁଛି । ଜଣେ ଶୃଙ୍ଖଳିତ ସଦସ୍ୟ ଭାବେ ଦଳ ମୋତେ ଯେଉଁ ଦାୟିତ୍ୱ ଦେଇଛି ତାହାକୁ ସୂଚାରୁ ଭାବେ ନିର୍ବାହ କରିବା ପାଇଁ ଉଦ୍ୟମ କରିଛି । ଏବେ ଦଳ ମୋ ଉପରେ ଭରଷା ରଖି ଯେଉଁ ଅଧ୍ୟାପକ ପ୍ରକୋଷ୍ଠ ସେଲର ଦାୟିତ୍ୱ ଦେଇଛନ୍ତି ତାହାକୁ ମୁଁ ନିଶ୍ଚୟ ପୂରଣ କରିବି । ଏଥି ସହିତ ଦଳ ମୋତେ ଏହି ଦାୟିତ୍ୱ ଦେଇଥିବାରୁ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ନଗର ଜିଲ୍ଲା ସଭାପତି ଲଲାଟେନ୍ଦୁ ବଡୁ, ନଗର ସାଧାରଣ ସମ୍ପାଦକ ବିଶ୍ୱରଞ୍ଜନ ମିଶ୍ରଙ୍କୁ ଶ୍ରୀ ଓଝା ଅଶେଷ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ନିର୍ବାଚନ ପୂର୍ବରୁ ଦାଗୀ ହେବେ ତଡ଼ିପାର ! ପ୍ରସ୍ତୁତି ଆରମ୍ଭ କଲା ପୁଲିସ୍



**ଭୁବନେଶ୍ୱର(ଏନ୍.ଏମ୍.) :** ଆଉ କିଛି ମାସ ପରେ ଦେଶରେ ସାଧାରଣ ନିର୍ବାଚନ ସହ ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । ନିର୍ବାଚନ ସମ୍ଭବତଃ ଏପ୍ରିଲ ମାସରେ ହେବାକୁ ଥିବା ବେଳେ ଏବେ ଠାରୁ ନିର୍ବାଚନକୁ ନେଇ ଭୁବନେଶ୍ୱରରେ ପୁଲିସ ଅଫିସରଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବାକୁ କମିଶନରେଟ ପୁଲିସ୍ ଅଣ୍ଟା ଭିଡ଼ିଛି । ବିଶେଷ କରି ରାଜଧାନୀ ଭୁବନେଶ୍ୱରର ପେଶାଦାର ଅପରାଧୀମାନଙ୍କୁ ତଡ଼ିପାର କରିବାକୁ ପୁଲିସ୍ ଯୋଜନା କରିଛି । ନିର୍ବାଚନ ପୂର୍ବରୁ ୨୪୦୦ରୁ ଅଧିକ ଜମିନ ବିହୀନ ଗିରଫ ପରୱାନା ଜାରି କରାଯାଇଛି । ସେମାନଙ୍କର ତାଲିକା ପ୍ରସ୍ତୁତ ହୋଇ ସାରିଛି । ଅଭ୍ୟାସଗତ ଅପରାଧୀ, ଅସାମାଜିକ ଓ ଦାଗୀମାନଙ୍କ ତଡ଼ିପାର କରିବାକୁ ଯୋଜନା କରାଯାଇଛି । ଏଥିସହ ବାରମ୍ବାର ଅପରାଧରେ ସମ୍ପୃକ୍ତ ଅପରାଧୀଙ୍କ ବିରୋଧରେ ଘଣ୍ଟଇ ଲାଗିବ । ଏଠି ସହିତ ଲାଇସେନ୍ସ ବନ୍ଧୁକଧାରୀ ବ୍ୟକ୍ତି ବିଶେଷଙ୍କ ନାମରେ ଯଦି କୌଣସି ମାମଲା ଥାଏ କିମ୍ବା ସେମାନଙ୍କ ଦ୍ୱାରା କୌଣସି ଅଘଟଣ ଘଟିଥାଏ, ତେବେ ସେମାନଙ୍କ ତାଲିକା ପ୍ରସ୍ତୁତ କରିବା ସହ ସେମାନଙ୍କୁ ବନ୍ଧୁକ ପୈଠ କରିବା ପାଇଁ ନୋଟିସ ମଧ୍ୟ ଜାରି କରାଯିବ ବୋଲି ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ କହିଛନ୍ତି । ସେ କହିଛନ୍ତି, “ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବାକୁ ସବୁ ପ୍ରକାରର ପଦକ୍ଷେପ ନିଆଯାଉଛି । ମଙ୍ଗଳବାର ଡିଜିପି ମଧ୍ୟ ବୈଠକ କରିଥିଲେ । ଉକ୍ତ ବୈଠକରେ ମିଳିଥିବା ସୂଚନା ସମ୍ପର୍କରେ ଆଜି ଅଫିସରମାନଙ୍କୁ ଅବଗତ କରାଯାଇଛି । ସେମାନେ କେମିତି ସତର୍କ ରହିବେ ଓ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବେ, ସେ ବିଷୟରେ ସମସ୍ତଙ୍କୁ ବୁଝାଯାଇଛି । ଚୋରା ମଦ କାରବାର ଠାରୁ ଆରମ୍ଭ କରି ଅପରାଧୀମାନଙ୍କ ଉପରେ ନଜର ରହିବ । ସମସ୍ତ ପେଶାଦାର ଅପରାଧୀ, ଅସାମାଜିକ ବ୍ୟକ୍ତି ଓ ଦାଗୀଙ୍କ ତାଲିକା ପ୍ରସ୍ତୁତ କରାଯାଇଛି । ସବୁ ଥାନା ପକ୍ଷରୁ ଜାନୁଆରୀ ମାସ ଠାରୁ ନିଶା କାରବାର ରୋକିବାକୁ ଡ୍ରାଇଭ କରାଯାଉଛି । ଆଗକୁ ମଧ୍ୟ ଏହା ଜାରି ରହିବ ।

# ରାଜ୍ୟସଭା ପାଇଁ ବିଜେଡିରୁ ଦେବାଶିଷ ଓ ଶୁଭାଶିଷ ବିଜେପିରୁ ଅଶ୍ୱିନୀ



**ଭୁବନେଶ୍ୱର (ଏନ୍.ଏମ୍.) :** ଶେଷରେ କଳ୍ପନାଜଳ୍ପନାର ଅନ୍ତ ଘଟାଇ ବିଜେଡି ପକ୍ଷରୁ ରାଜ୍ୟସଭା ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ତେବେ ରାଜ୍ୟରୁ ୩ଜଣ ସାଂସଦଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଥିବାବେଳେ ଆଜି ବିଜେଡି ୨ଜଣଙ୍କ ନାମ ଘୋଷଣା କରିଛି । କଟକ ଜିଲ୍ଲା ବିଜେଡି ସଭାପତି ତଥା ବାରବାଟୀ-କଟକର ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଓ ଯୁବ ନେତା ତଥା ବିଜେଡି ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆଙ୍କ ନାମ ରାଜ୍ୟସଭା ପ୍ରାର୍ଥୀ ଭାବେ ଘୋଷଣା କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ବିଜେପିର ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କ ନାମ ଘୋଷଣା କରାଯାଇଥିବାବେଳେ ବିଜେଡି ମଧ୍ୟ ଏହାକୁ ସମର୍ଥନ କରିଛି । ପୂର୍ବଥର ମଧ୍ୟ ଅଶ୍ୱିନୀ ବିଜେଡି ସମର୍ଥନରେ ରାଜ୍ୟସଭାକୁ ନିର୍ବାଚିତ ହୋଇ ସମ୍ପ୍ରତି ସେ ରେଳ ତଥା ଇଲେକଟ୍ରୋନିକ, ସୂଚନା ପ୍ରଯୁକ୍ତି ଓ ଯୋଗାଯୋଗ ମନ୍ତ୍ରଣାଳୟର ଦାୟିତ୍ୱରେ ଅଛନ୍ତି । ବିଜେଡି ପକ୍ଷରୁ ଜାରି କରାଯାଇଥିବା ପ୍ରେସ ବିଜ୍ଞପ୍ତି ମୁତାବକ ଏହି ଦୁଇ ଜଣଙ୍କୁ ରାଜ୍ୟସଭା ପଠାଇବାକୁ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । ଉଲ୍ଲେଖ ଯୋଗ୍ୟ ଯେ, ଓଡ଼ିଶାର ୩ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ, ପ୍ରଶାନ୍ତ ନନ୍ଦ ଓ ଅଶ୍ୱିନୀ ବୈଷ୍ଣବଙ୍କ କାର୍ଯ୍ୟକାଳ ଆସନ୍ତା ଏପ୍ରିଲ୍ ୩ରେ ଶେଷ ହେଉଛି । ଏହି ତିନିଟି ଆସନ ପାଇଁ ଫେବ୍ରୁଆରି ୨୭ ତାରିଖରେ ନିର୍ବାଚନ ହେବ । ଆଉ ଆଜି ୨ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା ହୋଇଥିଲେ ବି ଆଉ ଜଣଙ୍କ ନାମ ଘୋଷଣା ହୋଇନାହିଁ । କୁହାଯାଉଛି ଯେ, ଆସନ୍ତାକାଲି ଆଉ ଜଣେ ପ୍ରାର୍ଥୀଙ୍କ ନାମ ଘୋଷଣା କରି ବିଜେଡି ସୁପ୍ରିମୋ ସମସ୍ତଙ୍କୁ ଚମକାଇ ଦେଇପାରନ୍ତି । ଅମର ପଟ୍ଟନାୟକ ଓ ପ୍ରଶାନ୍ତ ନନ୍ଦ ବିଜେଡିରୁ ଏବଂ ବିଜେଡି ସମର୍ଥନରେ ବିଜେପି ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ । ବର୍ତ୍ତମାନ ବିଧାନସଭାରେ ସଂଖ୍ୟା ଦୃଷ୍ଟିରୁ ବିଜେଡି ୩ଟି ଯାକ ଆସନ ଦଖଲ କରିବାରେ ଆପାତତଃ କୌଣସି ସମସ୍ୟା ନଥିବା କୁହାଯାଉଛି । ଏବେ ବିଧାନସଭାରେ ବିଜେଡିର ୧୦୯ ଜଣ ବିଧାୟକ ଥିଲା ବେଳେ ବିଜେପିର ୨୨, କଂଗ୍ରେସର ୯, ସିପିଆଇ(ଏମ୍)ର ଜଣେ ବିଧାୟକ ଅଛନ୍ତି । ଏହା ବାଦ୍ ୫ ଜଣ ସ୍ୱାଧୀନ ବିଧାୟକ ଅଛନ୍ତି, ଯେଉଁମାନଙ୍କ ମଧ୍ୟରେ ୪ ଜଣ ବିଜେଡିରୁ ବହିଷ୍କୃତ ହୋଇଛନ୍ତି । ସୂର୍ଯ୍ୟନାରାୟଣ ପାତ୍ରଙ୍କ ପରଲୋକ ପରେ ଗୋଟିଏ ଆସନ ଖାଲି ରହିଛି । ତେବେ ତୃତୀୟ ପ୍ରାର୍ଥୀଙ୍କ ନାମକୁ ନେଇ ଚାଲିଛି ଅଙ୍କକଷା ଚାଲିଥିବାବେଳେ ପରବର୍ତ୍ତୀ ସମୟରେ ତାହା ସ୍ପଷ୍ଟ ହୋଇଯାଇଛି । ଶ୍ରୀ ବୈଷ୍ଣବ ରାଜ୍ୟସଭା ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବା ଜଣାପଡ଼ିଛି । ଶ୍ରୀ ବୈଷ୍ଣବ ପୁଣି ଥରେ ଓଡ଼ିଶାରୁ ରାଜ୍ୟସଭା ପ୍ରାର୍ଥୀ ହୋଇଛନ୍ତି । ୨୦୨୧ ମସିହା ଜୁଲାଇ ମାସରେ ମୋଦି ସରକାରଙ୍କ କ୍ୟାବିନେଟ୍ ଅଦଳବଦଳରେ ଶ୍ରୀ ବୈଷ୍ଣବଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଥିଲା । ସେ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଥିଲେ । ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ରେଳ ତଥା ଇଲେକଟ୍ରୋନିକ, ସୂଚନା ପ୍ରଯୁକ୍ତି ଓ ଯୋଗାଯୋଗ ମନ୍ତ୍ରଣାଳୟର ଦାୟିତ୍ୱ ଦିଆଯାଇଥିଲା । ଦେଶର ରେଳ କ୍ଷେତ୍ରରେ ଉନ୍ନତିକରଣ ପାଇଁ ସେ ଚେଷ୍ଟା କରି ଆସୁଛନ୍ତି । ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଓଡ଼ିଶାକୁ ସବୁଠାରୁ ଅଧିକ ରେଳ ଅନୁଦାନ ମିଳିଛି । ୨୦୨୩-୨୪ ବଜେଟରେ ପ୍ରଥମ ଥର ଲାଗି ଓଡ଼ିଶାର ଅନୁଦାନ ପରିମାଣ ୧୦ ହଜାର କୋଟି ଟପିଥିଲା । ରାଜ୍ୟର ୫୮ଟି ଷ୍ଟେସନର ଆଧୁନିକୀକରଣ କାମ ଚାଲିଛି । ପୁରୀ, ଭୁବନେଶ୍ୱର ଷ୍ଟେସନକୁ ବିଶ୍ୱସ୍ତରୀୟ ଷ୍ଟେସନରେ ପରିଣତ କରିବା ଲାଗି ଶ୍ରୀ ବୈଷ୍ଣବଙ୍କ ସମୟରେ କାମ ଆରମ୍ଭ ହୋଇଛି । ସୂଚନାଯୋଗ୍ୟ, ବିଜେଡି ସାଂସଦ ପ୍ରଶାନ୍ତ ନନ୍ଦ ଓ ଅମର ପଟ୍ଟନାୟକଙ୍କ ସମେତ ବିଜେପି ସାଂସଦ ଅଶ୍ୱିନୀ ବୈଷ୍ଣବଙ୍କ ରାଜ୍ୟସଭା କାର୍ଯ୍ୟକାଳ ଚଳିତ ବର୍ଷ ଏପ୍ରିଲ ୨ତାରିଖରେ ଶେଷ ହେଉଛି । ଏହି ୩ଟି ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି ଓ ୧୫ ତାରିଖରେ ନାମାଙ୍କନ ପତ୍ର ଦାଖଲର ଶେଷ ଦିନ ରହିଛି । ବିଧାନସଭାରେ ବିଜେପିର ମାତ୍ର ୨୨ଜଣ ବିଧାୟକ ଥିବାବେଳେ ଜଣେ ପ୍ରାର୍ଥୀଙ୍କ ଜିତିବା ପାଇଁ ସର୍ବନିମ୍ନ ୩୭ ଜଣ ବିଧାୟକଙ୍କ ସମର୍ଥନ ଜରୁରୀ । ତେବେ ଆସନ୍ତା ୨୭ ତାରିଖରେ ଓଡ଼ିଶାର ୩ ଆସନ ସହ ୧୫ ରାଜ୍ୟର ୫୬ଟି ରାଜ୍ୟସଭା ସିଟ୍ ପାଇଁ ହେବ ନିର୍ବାଚନ ।

# ଭିଜିଲାନ୍ସ ଜାଲରେ କୋଟିପତି ଆରଟିଓ



**ଭୁବନେଶ୍ୱର(ଏନ୍.ଏମ୍.) :** ଭିଜିଲାନ୍ସ ଜାଲରେ ଏବେ କୋଟିପତି ଆରଟିଓ । ସମ୍ପ୍ରତି ବେଆଇନ ସମ୍ପତ୍ତି ଠୁଳ କରି ଶତାଧିକ ଅଧିକାରୀ ଭିଜିଲାନ୍ସ ଜାଲରେ ପଡ଼ିଥିବାବେଳେ ସମ୍ପୃକ୍ତ ଆରଟିଓ ଜଣକ ନିଜର ସମ୍ପତ୍ତି ତାଲିକା ବଢ଼ାଇ ଚାଲିଥିଲେ । ଏନେଇ ଅଭିଯୋଗ ହେବାପରେ ତାଙ୍କୁ ଧରିଛି ଭିଜିଲାନ୍ସ । ଏହି କୋଟିପତି ବୌଦ୍ଧ ଆରଟିଓ ଜଣକ ହେଉଛନ୍ତି ବସନ୍ତ କୁମାର ମହାପାତ୍ର । ତାଙ୍କର ରାଜଧାନୀରେ ଫ୍ଲାଟ ସାଙ୍ଗକୁ ରହିଛି ସପିଂ ଆଉଟଲେଟ୍ । ଏହାସହ ବ୍ୟାଙ୍କରେ ଜମା ରହିଛି ପ୍ରାୟ କୋଟିଏ ଟଙ୍କା । ଏତେ ଟଙ୍କାର ସମ୍ପତ୍ତି ଦେଖି ଭିଜିଲାନ୍ସ ଅଧିକାରୀ ତାଜୁବ ହୋଇ ଯାଇଛନ୍ତି । ବସନ୍ତଙ୍କ ଘରୁ ୧.୧୬ ଲକ୍ଷ ନଗଦ ଟଙ୍କା ଜବତ କରାଯାଇଥିବା ବେଳେ ପ୍ରାୟ କୋଟିଏ ଟଙ୍କାର ବ୍ୟାଙ୍କ ଜମା ଠାବ କରାଯାଇଛି । ଏହାସହ ବସନ୍ତଙ୍କର ଭୁବନେଶ୍ୱରରେ ୨ଟି ଫ୍ଲାଟ ଠାବ କରାଯାଇଥିବା ବେଳେ ୨ କମର୍ସିଆଲ ସପିଂ ଆଉଟଲେଟ୍ ରହିଛି । ଭୁବନେଶ୍ୱର ଉତ୍କଳ କନିକା ଗାଲେରିଆରେ ଏହି ସପିଂ ଆଉଟଲେଟ୍ ରହିଥିବା ଜଣାଯାଇଛି । ଯାହାର ମୂଲ୍ୟ ପ୍ରାୟ ୨କୋଟି ଟଙ୍କା ହେବ । ଆଜି ବସନ୍ତଙ୍କ ଘର ସମେତ ୧୦ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା । ବସନ୍ତ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ୬ମାସ ତଳେ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା । ଆଜି ସକାଳେ ଭିଜିଲାନ୍ସ ପକ୍ଷରୁ ତାଙ୍କ ଘରେ ଚଢ଼ାଉ କରାଯାଇଥିଲା ।




# ପଦାରେ ପଡ଼ିଲା ସରକାରଙ୍କ ମିଛ ପ୍ରଚାର, ରାଜ୍ୟପାଳଙ୍କ ସୋଶିଆଲ ମିଡିଆ ପୋଷ୍ଟ ଖୋଲିଲା ଗୁମର



**ସୁନ୍ଦରଗଡ଼(ଏନ୍.ଏମ୍.):** ଡ୍ରିଙ୍କ ଫ୍ରମ ଟ୍ୟାପ। ୨୪ ଘଣ୍ଟା ବିଶୁଦ୍ଧ ପାନୀୟ ଜଳ ଯୋଗାଣ। ଗାଁକୁ ବିଜୁଳି ଯୋଗାଣ। ପ୍ରତି ପରିବାରକୁ ଘର। ଏହି ଭଳି ଅନେକ କିଛି କଥା କହି ରାଜ୍ୟ ସରକାର ନିଜର ପ୍ରଚାର କରୁଛନ୍ତି। ହେଲେ କଥା ଠାରୁ କାମ ବହୁ ଦୂର। ସରକାର ସବୁ ଯୋଗାଇ ଥିବା କହୁଥିଲେ ହେଁ ବାସ୍ତବ ଚିତ୍ର କିଛି ଭିନ୍ନ କଥା କହୁଛି। ରାଜ୍ୟ ସରକାରଙ୍କ ମିଛ ପ୍ରଚାରର ଗୁମର ଖୋଲି ଦେଇଛନ୍ତି ଖୋଦ ରାଜ୍ୟପାଳ ରଘୁବର ଦାସ। ସେ ସୋଶାଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କରିଥିବା ପୋଷ୍ଟ ସରକାରଙ୍କ ସବୁ ମିଛକୁ ଧରାଇ ଦେଇଛି। ସୁନ୍ଦରଗଡ଼ ସଦର ମହକୁମା ଠାରୁ ମାତ୍ର ୭ କିମି ଦୂରରେ ରହିଛି ସଦର ବ୍ଲକ କିରେଇ ପଂଚାୟତର ଜବରଦସ୍ତ ପଡ଼ା। ଏହି ପଡ଼ାରେ ୨୫୦ରୁ ଅଧିକ ଲୋକ ବସବାସ କରନ୍ତି। ମାତ୍ର ଏମାନଙ୍କୁ ଦେଖିଲେ ଲାଗେ ଯେ ସେମାନେ କେଉଁ ଉପାନ୍ତ ଅଞ୍ଚଳରେ ରହୁଛନ୍ତି। କାରଣ ପାନୀୟ ଜଳ, ବିଦ୍ୟୁତ ଓ ଆବାସ ଯୋଜନାରୁ ବଞ୍ଚିତ ରହିଛନ୍ତି ଏଠାକାର ବାସିନ୍ଦା। ଭଙ୍ଗା ଦଦରା ଘର ଭିତରେ ଏଠାକାର ଲୋକ ଜୀବନ କାଟୁଛନ୍ତି। ସେମାନଙ୍କୁ ମଧ୍ୟରୁ ୨ ଜଣ ହେଲେ ଫୁଲମତି ନାଏକ ଓ ସ୍ୱର୍ଣ୍ଣ ଧୁରୁଆ କେବଳ ଏହି ୨ ଜଣ ନୁହନ୍ତି ଜବରଦସ୍ତ ପଡ଼ାରେ ଏମାନଙ୍କ ଭଳି ଅନେକ ପରିବାର ବିଭିନ୍ନ ଯୋଜନାର ବଞ୍ଚିତ। ଗାଁର ଲୋକମାନେ ବର୍ଷ ବର୍ଷ ଧରି ଆବାସ ଯୋଜନାରେ ଘର ଖଣ୍ଡେ ପାଇବା ପାଇଁ ଆବେଦନ କରି ଆସୁଛନ୍ତି। ହେଲେ ସେମାନଙ୍କୁ କିଛି ବି ମିଳିନି। ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରକାଶ ପାଇବେ ବେଳେ ଏମାନେ ସେଥିରୁ ବାଦ ପଡୁଛନ୍ତି। କେବଳ ଆବାସ ଯୋଜନା ନୁହେଁ, ପାଣି ଟିକେ ପାଇବାରୁ ବଂଚିତ ହେଉଛନ୍ତି ଏମାନେ। ପାଖରେ ଥିବା ପୋଖରୀରୁ ପାଣି ଆଣି ଗାଁ ଲୋକମାନେ ପିଉଛନ୍ତି। ପଡ଼ାରେ ଥିବା ଅଙ୍ଗନବାଡି, ପ୍ରାଥମିକ ସ୍କୁଲରେ ପିଲା ମାନେ ମଧ୍ୟ ପାଣି ଟିକିଏ ପିଇବା ପାଇଁ ଡହଳ ବିକଳ ହୁଅନ୍ତି। ଏହି ପଡ଼ାରେ ଗୋଟିଏ ନଳକୂପ ରହିଛି। ମାତ୍ର ସେଇଟା ଅନେକ ଦିନକୁ ଖରାପ ହୋଇ ପଡ଼ି ରହିଛି। ରାଜ୍ୟ ସରକାର ପାଣି ଦେବା ପାଇଁ ପାଇପ ଲଗାଇ ଦେଲେ ଟାଙ୍କି ବସାଇଦେଲେ। ମାତ୍ର ସେଗୁଡ଼ିକ ମଧ୍ୟ ଠିକ ଭାବେ କାର୍ଯ୍ୟକାରୀ ହେଉନାହିଁ। ନାହିଁ ନାହିଁରେ ପଡ଼ାର ଲୋକମାନେ ଜୀବନ ବିତାଉଥିବା ବେଳେ ଗତ ୧୧ ତାରିଖ ସଂଧ୍ୟାରେ ରେ ରାଜ୍ୟପାଳ ରଘୁବର ଦାସ ସୁନ୍ଦରଗଡ ଜିଲ୍ଲା ଗସ୍ତରେ ଆସିଥିଲେ। ସେ ରାସ୍ତାରେ ଯାଉଥିବା ବେଳେ ପଡ଼ାର ବାସିନ୍ଦାମାନେ ତାଙ୍କୁ ନିଜର ଦୁଃଖ ଜଣାଇଥିଲେ। ତୁରନ୍ତ ରାଜ୍ୟପାଳ ଦାସ ଗାଡ଼ିରୁ ଓହ୍ଲାଇ ଅନ୍ଧାରରେ ଚାଲିଚାଲି ଯାଇ ଲୋକେ ପିଉଥିବା ପୋଖରୀର ଅବସ୍ଥା ସହ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ସେ ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟପାଳଙ୍କ ପ୍ରତିଶ୍ରୁତି ପରେ ପଡ଼ାର ଲୋକମାନେ ସମସ୍ୟାରୁ ମୁକୁଳିବେ ବୋଲି ଆଶା ରଖିଛନ୍ତି। ସେହିପରି ରାଜ୍ୟପାଳ ରଘୁବର ଦାସ ଜବରଦସ୍ତ ପଡ଼ାର ଲୋକମାନଙ୍କ ସମସ୍ୟା ସମ୍ପର୍କରେ ଗୋଟିଏ ଭିଡିଓ ମଧ୍ୟ ପୋଷ୍ଟ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସୁନ୍ଦରଗଡ଼ରେ ଜିଲ୍ଲା ଖଣିଜ ପାଣ୍ଠି ସହ ଓମ୍ୱାଡସିର ଅନୁଦାନରେ ବିଭିନ୍ନ ପ୍ରକଳ୍ପ କରାଯାଉଛି। ମାତ୍ର ଜବରଦସ୍ତ ପଡ଼ାରେ କିଛି ବି ବିକାଶମୂଳକ କାର୍ଯ୍ୟକ୍ରମ କରାଯାଉ ନାହିଁ। ତେବେ ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଏହି ସମସ୍ୟାର ସମାଧାନ କରା ନଗଲେ ପଡ଼ାର ଲୋକମାନେ ଭୋଟ ବର୍ଜନ କରିବେ ବୋଲି ସିଧାସଳଖ ଧମକ ଦେଇଛନ୍ତି। ଏଠାରେ ଲାଗି ରହିଥିବା ପାନୀୟ ଜଳର ସମସ୍ୟା ପାଇଁ ମହିଳା ମାନେ ବେଶୀ କଷ୍ଟ ଭୋଗିଥାନ୍ତି। ପାଖରେ ଥିବା ପୋଖରୀକୁ ଯାଇ ସେଠାରୁ ପାଣି ଆଣିବା ସହ ମହିଳାମାନେ ହିଁ ଏହାକୁ ଛାଣିଥାନ୍ତି। ଏହି ପୋଖରୀରେ ଗୋରୁଗାଈ ଗାଧେଇ ଥାଆନ୍ତି। ସେହି ପୋଖରୀ ପାଣିକୁ ଲୋକେ ପିଇବା ପାଇଁ ବ୍ୟବହାର କରନ୍ତି। ଏଥିଯୋଗୁ ଛୋଟ ପିଲା ମାନେ ଅନେକ ସମୟରେ ବିଭିନ୍ନ ରୋଗବ୍ୟାଧିରେ ମଧ୍ୟ ପଡୁଛନ୍ତି।

## ଶ୍ରୀକ୍ଷେତ୍ରରୁ ଅଯୋଧ୍ୟାକୁ ଗଡ଼ିବ ସ୍ୱତନ୍ତ୍ର ଟ୍ରେନ୍



**ପୁରୀ(ଏନ୍.ଏମ୍.):** ଶ୍ରୀକ୍ଷେତ୍ରରୁ ଅଯୋଧ୍ୟାକୁ ଗଡ଼ିବ ସ୍ୱତନ୍ତ୍ର ଟ୍ରେନ୍। ଜୁଲାଇ- ଅଗଷ୍ଟ ମାସରେ ଏହି ଟ୍ରେନ୍ ଶୁଭାରମ୍ଭ ହେବ। ଏହାଛଡ଼ା ବହୁ ପ୍ରତିକ୍ଷୀତ ପୁରୀ-କୋଣାର୍କ ମଧ୍ୟରେ ଶୀଘ୍ର ଟ୍ରେନ୍ ଚଳାଚଳ କରିବ। ଆଜି ଏନେଇ ସୂଚନା ଦେଇଛନ୍ତି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ପୁରୀର ବହୁ ପ୍ରତିକ୍ଷୀତ ସିଦ୍ଧମହାବୀର ରେଳ ଓଭରବ୍ରିଜ୍ ପାଇଁ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଛି। ଶରଧାବାଲିରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ୍ ଗଡକରୀ ଭିଡିଓ କନ୍ଫରେନ୍ସିଂ ମାଧ୍ୟମରେ ଯୋଗଦେଲେ। ଉତ୍ସବରେ ଅନ୍ୟ ଅତିଥି ଭାବେ କେନ୍ଦ୍ରରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ବିଜେପି ଜାତୀୟ ମୁଖପାତ୍ର ସମ୍ବିତ ପାତ୍ର, ଜାତୀୟ ରାଜପଥ ଓ ସଡ଼କ ପରିବହନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

ସମଗ୍ର ଦେଶରେ ୬୬୦୦ କୋଟି ଟଙ୍କା ବ୍ୟୟରେ ୨୮ଟି ଜାତୀୟ ରାଜପଥ ପାଇଁ ଭୂମିପୂଜା ଓ ଲୋକାର୍ପଣ ଉତ୍ସବ ହେଉଛି। ଏହି ଅବସରରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ୍ ଗଡକରୀ ଓଡ଼ିଶା ପାଇଁ ଖୁସି ଖବର ଦେଇଛନ୍ତି। ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର କୃଷ୍ଣପ୍ରସାଦ ବ୍ଲକର ସାତପଡ଼ାରୁ ଜହ୍ନି କୁଦାକୁ ସଂଯୋଗୀକରଣ ପାଇଁ ୬ କିଲୋମିଟର ରାସ୍ତା ନିର୍ମାଣ କରାଯିବ। ଏନେଇ ଆଜି ନୀତିନ ଗଡକରୀ ଘୋଷଣା କରିଛନ୍ତି।

# ସାମ୍ବାଦିକଙ୍କୁ ଆକ୍ରମଣର ଘୋର ନିନ୍ଦା କରିବା ସହିତ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର




**ଖୋର୍ଦ୍ଧା(ଏନ୍.ଏମ୍.):** ଗଣମାଧ୍ୟମର ପ୍ରତିନିଧି ଜ୍ୟୋତି ମହାପାତ୍ରଙ୍କ ପ୍ରତି ଆକ୍ରମଣଙ୍କୁ, ସ୍ୱେଚ୍ଛାସେବୀ ସଂଗଠନ ନିୟୁ ଥିଙ୍କିଙ୍ଗ୍ ଫୋରମ୍, ଖୋର୍ଦ୍ଧା ତରଫରୁ ଘୋର ନିନ୍ଦା କରାଯାଉଛି। ନିନ୍ଦା କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି, ଗଣମାଧ୍ୟମ ହେଉଛି ସମାଜର ୪ର୍ଥ ସ୍ତମ୍ଭ। ଏମାନେ ସମାଜର ଜାଗ୍ରତ ପ୍ରହରୀ ଭଳି କାମ କରନ୍ତି। ସରକାରଙ୍କର ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମର ବାର୍ତ୍ତାକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ଓ ଜନସାଧାରଣଙ୍କର ସୁବିଧା ଅସୁବିଧାକୁ ମଧ୍ୟ ସରକାରଙ୍କ ପାଖରେ ଉପସ୍ଥାପନ କରିବା ପାଇଁ ଏମାନେ ଅହରହ ସଂଗ୍ରାମରତ। ଗଣମାଧ୍ୟମ ବିନା ସମାଜ ପିତୃମାତୃ ଶୂନ୍ୟ ହୋଇଥାଏ। ଗଣମାଧ୍ୟମ ପ୍ରତି ଆକ୍ରମଣ ହେଲେ ଶାସକ ଏବଂ ଶାସିତ ସମସ୍ତେ ଏକଛତ୍ର ଦାବି ବୋଲି ପ୍ରମାଣ ହୋଇଥାଏ। ଗଣମାଧ୍ୟମ ପ୍ରତି ଅତ୍ୟାଚାର କୁଠାରଘାତ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହାଦ୍ୱାରା ଦେଶ ତଥା ସମାଜର ବିକାଶରେ ବାଧାପ୍ରାପ୍ତ ହୋଇଥାଏ। ଏଭଳି ପରିସ୍ଥିତିରେ ଜନମଙ୍ଗଳ ରାଷ୍ଟ୍ରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୁରକ୍ଷା ଯୋଗାଇ ଦେବା ସରକାର ତଥା ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କର ପ୍ରମୁଖ କର୍ତ୍ତବ୍ୟ ହେବା ଦରକାର। ଆମ ରାଜ୍ୟରେ ସେବା ଯୋଗାଉ ଥିବା ରାଜନେତା, ବଡ଼ବଡ଼ ସରକାରୀ କର୍ମଚାରୀ, ଡାକ୍ତର ମାନଙ୍କ ପାଇଁ ସରକାର ସୁରକ୍ଷା ଯୋଗାଇ ଦେଉଥିବାବେଳେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପାଇଁ ସୁରକ୍ଷା ଯୋଗାଇ ଦେବା ଦେବାକୁ ଦାବି ହୋଇଛି।

### କଳାହାଣ୍ଡି ଜିଲ୍ଲାର ବିଭିନ୍ନ ପ୍ରକଳ୍ପର ସମୀକ୍ଷା କଲେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ

# କନ୍ଦାଗଡ଼ ପଥର ଖୋଦେଇ କାରିଗରଙ୍କ ଦକ୍ଷତା ବିକାଶକୁ ଗୁରୁତ୍ୱ

## ପ୍ରାଚୀନ ଶୈଳୀରେ ବିକଶିତ ହେବ ମୋହନ ଗିରି ଶୈବପୀଠ



**ଭୁବନେଶ୍ୱର(ଏନ୍.ଏମ୍.):** କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ। ଆଭାଷୀ ମାଧ୍ୟମରେ ଜିଲ୍ଲାର ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡିଙ୍କ ସହ ସବିଶେଷ ଆଲୋଚନା କରିଛନ୍ତି ଶ୍ରୀ ତ୍ରିପାଠୀ। ନିକଟରେ କଳାହାଣ୍ଡି ଜିଲ୍ଲା ଗସ୍ତ କରି ଶ୍ରୀ ତ୍ରିପାଠୀ ଅନେକ ପ୍ରକଳ୍ପର ଅନୁଧ୍ୟାନ କରିଥିଲେ ଏବଂ ଏଗୁଡିକର ଉନ୍ନତି କରଣ ପାଇଁ ସ୍ୱତନ୍ତ୍ର ଖସଡା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଧାରରେ ଏକ ସମୀକ୍ଷା ବୈଠକ ଖାରବେଳ ଭବନରେ ଅନୁଷ୍ଠିତ ହୋଇଛି। ଅନନ୍ୟ ଐତିହ୍ୟ ରାଜିର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ। କଳାହାଣ୍ଡି ଜିଲ୍ଲାରେ ଅନେକ ଐତିହ୍ୟ କିର୍ତ୍ତୀରାଜି ରହିଛି। ଏଗୁଡିକର ସଂରକ୍ଷଣ, ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟୀକରଣକୁ ଗୁରୁତ୍ୱ ଦେଇ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ବିଭିନ୍ନ ସମୟରେ ଆର୍ଥିକ ଅନୁଦାନ ପ୍ରଦାନ କରିଥାଏ ବୋଲି ଅଧ୍ୟକ୍ଷ କହିଛନ୍ତି। ପ୍ରାଚୀନ କିର୍ତ୍ତୀରାଜିର ସୌନ୍ଦର୍ଯ୍ୟୀକରଣ ପ୍ରାଚୀନ ଉପାୟରେ କରିବାକୁ ଗୁରୁତ୍ୱ ଦେଇଛନ୍ତି ଅଧ୍ୟକ୍ଷ ଶ୍ରୀ ତ୍ରିପାଠୀ। ଭବାନୀପାଟଣାସ୍ଥିତ ବିମାଳ କନଭେଣ୍ଟ ସ୍କୁଲ ନିକଟରେ ଥିବା ଜଳାଶୟର ପୁନରୁଦ୍ଧାର, ବନ୍ଧ ନିର୍ମାଣ, ଚଲାପଥ, ପାନୀୟଜଳ, ପାର୍କ ନିର୍ମାଣ ଓ ମାଛଚାଷ ପାଇଁ ଟାଙ୍କି ଆଦି ନିର୍ମାଣ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ୨ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହା ସ୍ଥାନୀୟ ଜନସାଧାରଣଙ୍କ ଉପଯୋଗୀ ହୋଇ ପାରିବ ବୋଲି ସୂଚନା ଦେଇଛନ୍ତି ଅଧ୍ୟକ୍ଷ ଶ୍ରୀ ତ୍ରିପାଠୀ। ଅନ୍ୟପକ୍ଷେ ଏମ୍.ରାମପୁର ବ୍ଲକସ୍ଥିତ ମୋହନ ଗିରି ପ୍ରାଚୀନ ଶୈବପୀଠ ବାବା ଧବଳେଶ୍ୱରଙ୍କ ମନ୍ଦିରର ଉନ୍ନତିକରଣ ନିମନ୍ତେ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି ଶ୍ରୀ ତ୍ରିପାଠୀ। ଏନେଇ ସେ କହିଛନ୍ତି, ଏହା ଏକ ପ୍ରାଚୀନ ଶୈବପୀଠ। ଏହାର ରକ୍ଷଣା ବେକ୍ଷଣ ପାଇଁ ଆବଶ୍ୟକ ପଡୁଥିବା ସମସ୍ତ ପଦକ୍ଷେପକୁ ପରିଷଦ ଗ୍ରହଣ କରିବ। ପ୍ରାଚୀନ ଶୈଳୀରେ ଏହି ପ୍ରାଚୀନ ମନ୍ଦିରର ସୌନ୍ଦର୍ଯ୍ୟୀକରଣ କରାଯିବ। ମନ୍ଦିର ପ୍ରାଙ୍ଗଣରେ ଥିବା ମ୍ୟୁଜିୟମକୁ ବିକଶିତ କରାଯିବା ସହ ନିକଟରେ ଥିବା ପୋଖରୀର ପୁନରୁଦ୍ଧାର କରାଯିବ। ମନ୍ଦିରରେ ଆଲୋକୀ କରଣକୁ ମଧ୍ୟ ଧ୍ୟାନ ଦିଆଯିବ ବୋଲି ଅଧ୍ୟକ୍ଷ ସୂଚନା ଦେଇଛନ୍ତି। କୋକସରା ବ୍ଲକସ୍ଥିତ କନ୍ଦାଗଡ଼ରେ ପଥରଖୋଦେଇ କାରିଗରଙ୍କ ପାଇଁ ସ୍ୱତନ୍ତ୍ରଭାବେ ଏକ ବ୍ୟବସାୟିକ ସ୍ଥାନ ନିର୍ମାଣ କରାଯିବାକୁ ବୈଠକରେ ଆଲୋଚନା କରାଯାଇଛି। ଯେଉଁଠି, କାରିଗରଙ୍କ ଦକ୍ଷତାବିକାଶ ପାଇଁ ଟ୍ରେନିଂ ଦେବା ସହ ସେମାନଙ୍କ କଳାକୃତିର ବିକ୍ରୟ ପାଇଁ ସ୍ୱତନ୍ତ୍ରଭାବେ ଦୋକାନର ବ୍ୟବସ୍ଥା ମଧ୍ୟ କରାଯିବ ବୋଲି ଅଧ୍ୟକ୍ଷ ସୂଚନା ଦେଇଛନ୍ତି। ଗୋଲାମୁଣ୍ଡା ବ୍ଲକରେ ଥିବା ଚୁରାପାହାଡ଼କୁ ମଧ୍ୟ ଇକୋଟୁରିଜିମ ଭାବେ ବିକଶିତ କରାଯିବାକୁ ପରିଷଦ ଯୋଜନା ରଖିଛି। ସ୍ଥାନୀୟ ପର୍ଯ୍ୟଟକଙ୍କ ସୁବିଧା ଓ ସୁରକ୍ଷା ପାଇଁ ବସିବା ସ୍ଥାନ, ପାନୀୟଜଳ, ଶୌଚାଳୟ, ଚଲାପଥ, ଟ୍ରେକିଂଟ୍ରାକ୍, ପାର୍କିଂ ଆଦିର ବ୍ୟବସ୍ଥା କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ଅଧ୍ୟକ୍ଷ ଶ୍ରୀ ତ୍ରିପାଠୀ। ଏହାସହ ନର୍ଲା ବ୍ଲକରେ ଥିବା ରାଣୀବନ୍ଧ ଜଳାଶୟର ପୁନରୁଦ୍ଧାର ସହ ଏହାର ସୌନ୍ଦର୍ଯ୍ୟୀକରଣ କରାଯିବାକୁ ସେ ସୂଚନା ଦେଇଛନ୍ତି। ବୈଠକରେ କୋକସରା, ଏମ.ରାମପୁର ଓ ଗୋଲାମୁଣ୍ଡା ବ୍ଲକରୁ ବିଭିନ୍ନ ଅଧିକାରୀ ଯୋଗ ଦେଇଥିବାବେଳେ ପରିଷଦର ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ ଡ. ଅଜିତ କୁମାର ମିଶ୍ର ଓ ବୈଷୟିକ ପରାମର୍ଶଦାତା ସୁନୀଲ କୁମାର ନାୟକ ଉପସ୍ଥିତ ଥିଲେ।

# ଶୁଣ୍ଢରେ ଘର ଭିତରୁ ଟାଣି ଆଣି କଚାଡ଼ି ଦେଲା ହାତୀ

**ବାରିପଦା(ଏନ୍.ଏମ୍.):** ମମତା ଗୃହରେ ଶୋଇଥିଲେ। ବିଳମ୍ବିତରେ ରାତିରେ ଘର ଭିତରେ ଶୁଣ୍ଢ ପୂରାଇ ପଇନ ଦେହୁରୀଙ୍କୁ ଟାଣି ଆଣି କଚାଡ଼ି ଦେଲା ହାତୀ। ଏପରି ହୃଦୟ ବିଦାରକ ଘଟଣା ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକଅଞ୍ଚଳରେ ଘଟିଛି। ମୋରୋଡା ବ୍ଲକ୍ ଜୁଆଳିଭଙ୍ଗା ପଞ୍ଚାୟତ କାଳିଆନାଳ ଗାଁରେ ଥିବା ମମତା ଗୃହରେ ପଇନ ଦେହୁରୀ ଗୁରୁବାର ରାତିରେ ଶୋଇଥିଲେ। ବିଳମ୍ବିତ ରାତିରେ ନିକଟସ୍ଥ ଜଙ୍ଗଲରୁ ଗୋଟିଏ ଦନ୍ତାହାତୀ ଆସି ତାଙ୍କୁ ଘର ଭିତରୁ ଟାଣିନେ ଦଳି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଆଜି ସକାଳେ ଗାଁ ଲୋକେ ମୃତଦେହ ଦେଖି ବନ ବିଭାଗକୁ ଜଣାଇଥିଲେ। ବେତନଟୀ ରେଞ୍ଜ କର୍ମଚାରୀ ଗାଁରେ ପହଞ୍ଚିଥିଲେ। ମୃତଦେହ ଜବତ କରି ପଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲ୍ କଲେଜ ଆଣ୍ଡ ହସ୍ପିଟାଲକୁ ପଠାଇ ଦେଇଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଗାଁ ଲୋକେ ଦାବି କରିଛନ୍ତି। ସେପଟେ ହାତୀଟି ଜଙ୍ଗଲକୁ ପଳାଇ ଯାଇଥିବା ଜଣାପଡ଼ିଛି। ସୂଚନାରୁ ପ୍ରକାଶ, ଗତ କିଛି ଦିନ ହେଲା ମୋରଡା ଅଞ୍ଚଳରେ ହାତୀ ପଲ ଉତ୍ପାତ କରୁଛନ୍ତି। ବିଳମ୍ବିତ ରାତିରେ ହାତୀ ଗାଁରେ ପଶି ଭଙ୍ଗାରୁଜା କରୁଛନ୍ତି। ଯେଉଁଥିପାଇଁ ହାତୀ ଓ ମଣିଷ ମଧ୍ୟରେ ଲଢ଼େଇ ହେଉଛି। କେତେବେଳେ ହାତୀର ଜୀବନ ଯାଉଛି ତ ଆଉ କେତେବେଳେ ମଣିଷର ପ୍ରାଣ ଯାଉଛି। ହେଲେ ହାତୀ ଓ ମଣିଷର ଲଢ଼େଇର ଅନ୍ତ ଘଟୁନାହାଁ। ଏହାକୁ ନେଇ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗାଁର ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

# ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରେ ବିଜେପିର କାର୍ଯ୍ୟକର୍ତ୍ତା ବୈଠକ




**ଚୌଦ୍ୱାର(ଏନ୍.ଏମ୍.):** ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ବିଭିନ୍ନ ରାଜନୈତିକ ଦଳ ଏବେ ଠାରୁ ନିଜସ୍ୱ ରଣନୀତି ପ୍ରସ୍ତୁତ କଲେଣି। ବୁଥସ୍ତରରେ ସଂଗଠନକୁ ମଜଭୁତ କରି ଭୋଟକୁ କିଭଳି ନିଜ ସପକ୍ଷକୁ ଅଣାଯାଇ ପାରିବ ଦଳୀୟ ନେତା ଓ କର୍ମୀ ଏବେ ତତ୍ପର। ଏହି ପରିପ୍ରେକ୍ଷୀରେ ଭାରତୀୟ ଜନତା ପାର୍ଟି ପକ୍ଷରୁ କେନ୍ଦ୍ରସରକାରଙ୍କ ଜନହିତକର ଯୋଜନା ଏବଂ ପୂର୍ବ ଦିଗର ଭାରତର ନୂତନ ସୂର୍ଯ୍ୟୋଦୟ ସମ୍ପର୍କରେ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକୁ ନେଇ କାର୍ଯ୍ୟକର୍ତ୍ତାମାନେ ଲୋକଙ୍କ ପାଖରେ ପହଞ୍ଚିଛନ୍ତି। ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଇନ୍ଦ୍ରାଣୀପାଟଣା ମଣ୍ଡଳ ଓ ଚୌଦ୍ୱାର ମଣ୍ଡଳର କାର୍ଯ୍ୟକର୍ତ୍ତାଙ୍କ ସହିତ ବିଭିନ୍ନ ୱାର୍ଡ଼ ସହ ଗ୍ରାମାଞ୍ଚଳ ବୁଥ କାର୍ଯ୍ୟକର୍ତ୍ତାମାନଙ୍କ ଏକ ବୈଠକ ସ୍ଥାନୀୟ ବାଣୀପଦା ଠାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଚୌଦ୍ୱାର ପୌରାଞ୍ଚଳର ୧୯ଟି ୱାର୍ଡ଼ ଏବଂ ୫ଗୋଟି ପଞ୍ଚାୟତର ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଯୋଗଦେଇ ଆସନ୍ତା ନିର୍ବାଚନରେ ବିଜେପିକୁ ବିଜୟ ଦେବା ଉପରେ ଆଲୋଚନା କରିଥିଲେ। ବିଜେପିର ପୂର୍ବତନ କର୍ପୋରେଟର ତଥା ବରିଷ୍ଠ କାର୍ଯ୍ୟକର୍ତ୍ତା ଆଇନଜୀବୀ ନିରୋଦ ଚନ୍ଦ୍ର ପଣ୍ଡାଙ୍କ ପୌରହିତ୍ୟରେ ଆୟୋଜିତ ଏହି ବୈଠକରେ ବିଜେପିର ପୂର୍ବତନ କର୍ପୋରେଟର ହେମନ୍ତ କୁମାର ବେହେରା ଯୋଗଦେଇ ବୁଥ ଚାଲ ଅଭିଯାନକୁ ସଫଳ କରିବା ସହ ନିଜନିଜ ମଧ୍ୟରେ ଥିବା ମତଭେଦକୁ ଭୁଲି ଏକ ମନ ଏକ ପ୍ରାଣ ଭାବ ନେଇ ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରାଇବାକୁ ମତଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଇନ୍ଦ୍ରାଣୀପାଟଣା ମଣ୍ଡଳ ସଭାପତି ଜୟନ୍ତ କୁମାର ସ୍ୱାଇଁ, ଚୌଦ୍ୱାର ମଣ୍ଡଳ ସଭାପତି ଅକ୍ଷୟ ଭୂୟାଁ, ପୂର୍ବତନ କାଉନସିଲର କବିତା ପରିଡା, ୧୩ନମ୍ବର ୱାର୍ଡ଼ କାଉନସିଲର ପ୍ରତିନିଧି ନିଗମ ସାହୁ, ପୂର୍ବତନ ମଣ୍ଡଳ ସଭାପତି ରମେଶ ନାୟକ, ଗୌରଚନ୍ଦ୍ର ସୁବୁଦ୍ଧିରାୟ, ପ୍ରକାଶ ବଡଜେନା, ସୁବାସ ଚନ୍ଦ୍ର ବରାଳ, ମୀନକେତନ ରାଉତ, ଜୟନ୍ତ ବେହେରା, ଅଜୟ ଦାସ, ସଞ୍ଜୟ ସ୍ୱାଇଁ, କମଳ ମହାନ୍ତି, ଦିବାକର ପାତ୍ର, କେଦାର ସୁବୁଦ୍ଧିରାୟ, ବର୍ଷାରାଣୀ ପଲାଇ, ମାନସ ମହାନ୍ତି, ସଂଗ୍ରାମ ପାତ୍ର, ବିଜୟ ବେହେରା, ବିଭୂତି ମହାପାତ୍ର, ସୁରେଶ ମହାନ୍ତି, ସ୍ମୃତିରଞ୍ଜନ ମିଶ୍ର, ନିବାସ ରାଉତ, ନରେନ୍ଦ୍ର ବେହେରା, ରମେଶ ଶରଣ, ଆଶିଷ ହାଲଦାର, ପ୍ରତାପ ଜେନା, ସୁନିଲ ଦ୍ୱିବେଦୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକର୍ତ୍ତାମାନଙ୍କୁ ଉତ୍ସାହିତ କରିଥିଲେ। ପୂର୍ବତନ ଯୁବମୋର୍ଚ୍ଚା ସଭାପତି ମାନସ ପାଣି ଧନ୍ୟବାଦ ଦେଇଥିଲେ।

### ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପାଇଁ ପ୍ରଶାସନର ଅସହଯୋଗ ସତ୍ତ୍ୱେ ଶକ୍ତି ପ୍ରଦର୍ଶନ କଲେ ରୂପାଲୀ ଲେଙ୍କା

# ନବୀନ ପଟ୍ଟନାୟକ ଓ ଭି.କେ. ପାଣ୍ଡିଆନଙ୍କ ଜୟଗାନରେ ପ୍ରକମ୍ପିତ କଲେ ସମର୍ଥକ






**କଟକ(ଏନ୍.ଏମ୍.):** କଟକ ଜିଲ୍ଲା ଚୌଦ୍ୱାର ଅଞ୍ଚଳର ବହୁ ଚର୍ଚ୍ଚିତ ଓଟିଏମ ଜମିରେ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂତନ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଶିଳାନ୍ୟାସ କରିଛନ୍ତି। ୱେଲସ୍ପନ ଗ୍ରୁପ ପକ୍ଷରୁ ଏକ ଇଣ୍ଟିଗ୍ରେଟେଡ୍ ଟେକ୍ସଟାଇଲ ମାନୁଫାକ୍‌ଚରିଂ ଫାସିଲିଟି ଏବଂ ୱେୟାରହାଉସିଂ କମ୍ପ୍ଲେକ୍ସ ନିର୍ମାଣ ନିମନ୍ତେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିବା ସହ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ଏକତ୍ରିତ କରିବା ନିମନ୍ତେ ସ୍ଥାନୀୟ ରାଜନେତା, ସଂଗଠକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏପରିକି ସ୍ଥାନୀୟ ବିଧାୟକ, ବିଜେଡି କର୍ମୀମାନେ ବିଭିନ୍ନ ଅଞ୍ଚଳରୁ ଜନସାଧାରଣଙ୍କୁ ସଭାସ୍ଥଳକୁ ଆସିବା ବ୍ୟବସ୍ଥା କରିଥିଲେ। ଏହି ପରିପ୍ରେକ୍ଷୀରେ ବିଜେଡିର ନେତ୍ରୀ ରୂପାଲୀ ଲେଙ୍କା ମଧ୍ୟ ଶହସ୍ରାଧିକ ସମର୍ଥଙ୍କୁ ସାଥୀରେ ନେଇ ଏକ ବିରାଟ ରାଲିରେ ମୁଖ୍ୟମନ୍ତ୍ରୀ ଓ ନୂଆ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କ ଜୟଗାନ କରି ସଭାସ୍ଥଳକୁ ଆସିଥିଲେ। ତେବେ ତାଙ୍କ ରାଲିରେ ଏତେ ଜନସଂଖ୍ୟା ଦେଖି କଥାକଥିତ ରାଜନେତାମାନେ ସହ୍ୟ କରି ପାରିନଥିଲେ। ତେଣୁ ତାଙ୍କ ସମର୍ଥକମାନଙ୍କୁ ହଇରାଣ କରାଯିବା ପାଇଁ ଚକ୍ରାନ୍ତ କରାଯାଇଥିବା ଶ୍ରୀମତୀ ଲେଙ୍କା ଅଭିଯୋଗ କରିଛନ୍ତି। ଏପରିକି ତାଙ୍କ ରାଲିରେ ଯୋଗଦେବାକୁ ଆସିଥିବା ଲୋକଙ୍କ ପାଇଁ ସ୍ଥାନୀୟ ଗୋପବନ୍ଧୁ ସ୍କୁଲ ପଡ଼ିଆରେ ଖାଦ୍ୟ ପ୍ରସ୍ତୁତିର ବ୍ୟବସ୍ଥା କରିଥିଲେ। ସଭାସ୍ଥଳ ସହ ସେହି ସ୍ଥାନର କୌଣସି ସମ୍ପର୍କ ନଥିଲେ ମଧ୍ୟ ପୁଲିସ ପହଞ୍ଚି ସେମାନଙ୍କ ଖାଦ୍ୟ ପ୍ରସ୍ତୁତି ବେଳେ ଆକ୍ରମଣ କରିଥିଲେ। ଏପରିକି ତାଙ୍କ ହାଣ୍ଡି ଚୁଲି ଆଦି ଭାଙ୍ଗିରୁଜି ଦେବା ସହ ଲୋକଙ୍କ ପାଇଁ ପ୍ରସ୍ତୁତ ହେଉଥିବା ଖାଦ୍ୟ ଫିଙ୍ଗି ଦେଇଥିଲେ। ତଥାପି ଶ୍ରୀମତୀ ଲେଙ୍କାଙ୍କ ସମର୍ଥକମାନେ ଏହାକୁ ସହ୍ୟ କରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଶୃଙ୍ଖଳାର ସହ ଉପସ୍ଥିତ ରହିଥିଲେ। ତେବେ ଏହା କଥାକଥିତ ରାଜନେତାଙ୍କ ଚକ୍ରାନ୍ତ ବୋଲି ଶ୍ରୀମତୀ ଲେଙ୍କା ଅଭିଯୋଗ କରିବା ସହ ତାଙ୍କ ପ୍ରତି ବଢୁଥିବା ଜନସମ୍ପର୍କକୁ ଦଳୀୟ ଅନ୍ୟ ରାଜନେତାମାନେ ସହ୍ୟ କରିପାରୁନଥିବା ସେ କହିଛନ୍ତି। ତଥାପି ସେ ଜନସାଧାରଣଙ୍କ ସହ ରହି କାମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ସରପଞ୍ଚ କହିଲେ- ନିମନ୍ତ୍ରଣ କରିନୁ, ମନ୍ତ୍ରୀ ଗୁଣ୍ଡା ଧରି ଆସିଥିଲେ

**କୋଣାର୍କ(ଏନ୍.ଏମ୍.):** ବିନା ନିମନ୍ତ୍ରଣରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମକୁ ଆସିଥିଲେ ଗୃହରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା! ଯେଉଁଥିପାଇଁ ହୋଇଥିଲା ହୋ-ହଲ୍ଲା ଓ ଠେଲାପେଲା! ସଭା ମଞ୍ଚରେ ମନ୍ତ୍ରୀଙ୍କ ସପକ୍ଷ ଓ ବିପକ୍ଷ ଗୋଷ୍ଠୀ ହୋଇଥିଲେ ମୁହାଁମୁହିଁ। ସ୍ଥିତି ନିୟନ୍ତ୍ରଣ ପାଇଁ ନାକେଦମ୍ ହୋଇଥିଲା ପୁଲିସ୍। କାର୍ଯ୍ୟକ୍ରମ ଆୟୋଜନ କରିଥିବା ସରପଞ୍ଚ କହିଛନ୍ତି, ଆମେ ନିମନ୍ତ୍ରଣ କରିନୁ। ମନ୍ତ୍ରୀ ଗୁଣ୍ଡା ଧରି ଆସିଥିଲେ। ନିଜ ନିର୍ବାଚନମଣ୍ଡଳୀ କାକଟପୁରରେ ଗୃହରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା ବାରମ୍ବାର ଅପଦସ୍ତ ହେଉଥିବା ଘଟଣା ରାଜ୍ୟ ରାଜନୀତିରେ ମୁଖ୍ୟ ଆଲୋଚ୍ୟ ବିଷୟ ପାଲଟିଛି। ଅସ୍ତରଙ୍ଗ ବ୍ଲକ୍ ନୂଆଗଡ଼ ପଞ୍ଚାୟତରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା ଶିବିର ଆୟୋଜନ ହୋଇଥିଲା। ପଞ୍ଚାୟତର ସରପଞ୍ଚ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏଥିରେ ଯୋଗଦେବା ପାଇଁ ପଞ୍ଚାୟତ ତରଫରୁ ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ନିମନ୍ତ୍ରଣ କରାଯାଇନଥିଲା। କିନ୍ତୁ ବିଡିଓ ତାଙ୍କୁ ନିମନ୍ତ୍ରଣ କରିଥିବା ଚର୍ଚ୍ଚା ହେଉଛି। ନିର୍ଦ୍ଧାରିତ ସମୟରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ନୂଆଗଡ଼ ସରପଞ୍ଚ ଜିତେନ୍ଦ୍ର ସ୍ୱାଇଁ ଓ ତାଙ୍କ ସମର୍ଥକମାନେ ଗାଁ ଲୋକଙ୍କୁ ନେଇ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ସଭା ଆରମ୍ଭ ହେବାର କିଛି ସମୟରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ତାଙ୍କ ସମର୍ଥକ ସେଠାରେ ପହଞ୍ଚିଥିଲେ। ହେଲେ ମଞ୍ଚକୁ ଚଢ଼ିବାକୁ ଦେଲେନାହିଁ ସରପଞ୍ଚ ଏବଂ ତାଙ୍କ ସମର୍ଥକ। ଏହାକୁ ନେଇ ସଭା ସ୍ଥଳରେ ହୋ-ହଲ୍ଲା ଓ ଠେଲାପେଲା ହୋଇଥିଲା। କହିବାକୁ ଗଲେ ସଭା ସ୍ଥଳ ରଣକ୍ଷେତ୍ରରେ ପରିଣତ ହୋଇଥିଲା। ମନ୍ତ୍ରୀଙ୍କୁ ଦେଖି ବିଜେଡିର ଅନ୍ୟ ଏକ ଗୋଷ୍ଠୀ ଜୟଶ୍ରୀ ରାମ ନାରା ପକାଇଥିଲେ। ଠେଲାପେଲା ଭିତରେ ପୁଲିସ୍ର ବଳୟରେ ବିପକ୍ଷ ଗୋଷ୍ଠୀଙ୍କୁ ଷ୍ଟେଜ୍ ଉପରକୁ ଚଢ଼ିଥିଲେ ମନ୍ତ୍ରୀ ତୁଷାରକାନ୍ତି ବେହେରା। ସେଠାରେ ମଧ୍ୟ ତାଙ୍କୁ ବିରୋଧ କରାଯାଇଥିଲା। କେହି ତାଙ୍କୁ ସହଯୋଗ କରିନଥିବା ଅଭିଯୋଗ ହୋଇଛି। ଶେଷରେ ସରପଞ୍ଚ ଓ ତାଙ୍କ ସମର୍ଥକ ସଭା ଛାଡ଼ି ପଳାଇ ଯାଇଥିଲେ। ଯାହାଫଳରେ ରାଜ୍ୟ ସରକାରଙ୍କ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅଧାରୁ ବନ୍ଦ ହୋଇଯାଇଥିଲା। ଲୋକମାନେ ସଭା ମଞ୍ଚ ଛାଡ଼ି ପଳାଇ ଯାଇଥିଲେ। ସେପଟେ ନୂଆଗଡ଼ ସରପଞ୍ଚ ଜିତେନ୍ଦ୍ର ସ୍ୱାଇଁ କହିଛନ୍ତି, ଆମ ପଞ୍ଚାୟତରେ ଆମ ଓଡ଼ିଶା, ନବୀନ ଓଡ଼ିଶା ଜନ ସଚେତନତା କାର୍ଯ୍ୟକ୍ରମ ହେଉଥିଲା। ଏଥିରେ ଯୋଗଦେବା ପାଇଁ ମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇନଥିଲା। ସଭା କାର୍ଯ୍ୟ ଆରମ୍ଭ ହେବାର କିଛି ସମୟ ପରେ ମନ୍ତ୍ରୀ କିଛି ଗୁଣ୍ଡାଙ୍କୁ ଧରି ପହଞ୍ଚିଲେ। ଆଉ ମଞ୍ଚ ଚଢ଼ିବାକୁ ଚେଷ୍ଟା କରୁଥିଲେ। ଆମେ ତାଙ୍କୁ ବାରଣ କରିଥିଲୁ। ଆଉ କହିଥିଲୁ, ଏହା ଦଳୀୟ କାର୍ଯ୍ୟକ୍ରମ ନୁହେଁ, ତେଣୁ ଆପଣ(ମନ୍ତ୍ରୀ) ପଞ୍ଚାୟତ ଗୃହରେ ବସନ୍ତୁ। ସଭା କାର୍ଯ୍ୟ ସରିବା ପରେ ଆମେ ଆପଣଙ୍କୁ ସ୍ୱାଗତ କରିବୁ ବୋଲି କହିଥିଲୁ। କିନ୍ତୁ ମନ୍ତ୍ରୀ ଆମ କଥା ନଶୁଣି ନିଜର ଗୁଣ୍ଡାମାନଙ୍କ ସହାୟତାରେ ଜବରଦସ୍ତି ମଞ୍ଚ ଉପରକୁ ଚଢ଼ିଥିଲେ। ସେ ଜାଣିଶୁଣି ନବୀନ ସରକାରଙ୍କ ଯୋଜନାକୁ ଭଣ୍ଡୁର କରିଛନ୍ତି ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି। ଗଣ୍ଡଗୋଳ ଓ ସରପଞ୍ଚଙ୍କ ଅଭିଯୋଗ ନେଇ ମନ୍ତ୍ରୀଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନି।



# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ବିଶ୍ୱ ପ୍ରସିଦ୍ଧ ବୟନଶିଳ୍ପ କମ୍ପାନୀ ୱେଲସ୍ପନର ...

ସମ୍ଭାବନା ସୃଷ୍ଟି ହେବା ସହିତ ରାଜ୍ୟର ଶିଳ୍ପ ବାତାବରଣରେ ଉନ୍ନତି ଆସିବ । ୨୦୨୨ ମେକ-ଇନ୍-ଓଡିଶା କାର୍ଯ୍ୟକ୍ରମ ସମୟରେ ରାଜ୍ୟ ଶିଳ୍ପ ବିଭାଗ ଓ ଇପିକଲ୍ ପକ୍ଷରୁ ଏକ ଟିମ୍ ୱେଲସ୍ପନ ଗ୍ରୁପର ଅଧ୍ୟକ୍ଷ ବି.କେ. ଗୋଏଙ୍କାଙ୍କୁ ଓଡିଶାରେ ଏହି ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦେଇଥିଲେ । ଓଡିଶାର ଶିଳ୍ପନୀତି ଓ ଅନୁକୂଳ ଶିଳ୍ପ ବାତାବରଣକୁ ଉପଲବ୍ଧି କରି ଏହି ଗ୍ରୁପ ଓଡିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ସମ୍ମତି ପ୍ରକାଶ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଶିଳ୍ପ ଦ୍ୱାରା ଆମର କଳାହାଣ୍ଡି, ବଲାଙ୍ଗୀର, ରାୟଗଡା ଓ ଗଜପତି ପରି ଜିଲ୍ଲାର କପା ଚାଷୀ ମାନେ ମଧ୍ୟ ଉପକାର ପାଇବେ । ବୟନ ଶିଳ୍ପରେ ମା'ମାନଙ୍କ ପାଇଁ ବହୁତ ସୁଯୋଗ ଅଛି ବୋଲି ମତ ଦେଇ ସେ କହିଥିଲେ ଯେ, ସେମାନଙ୍କର ଦକ୍ଷତା ବିକାଶ କରାଯାଇ ସେମାନଙ୍କର ନିଯୁକ୍ତି ପାଇଁ ବହୁତ ସୁଯୋଗ ଆସିବ । ୱେଲସ୍ପନ ଗ୍ରୁପ ସାରା ପୃଥିବୀର ଏକ ପ୍ରସିଦ୍ଧ ପ୍ରସିଦ୍ଧ ବୟନ ଶିଳ୍ପ କମ୍ପାନୀ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୟୁରୋପ, ଆମେରିକା ପରି ବିଶ୍ୱର ଧନୀ ଦେଶମାନଙ୍କୁ ଏହାର ସାମଗ୍ରୀ ବହୁ ସଂଖ୍ୟାରେ ରପ୍ତାନୀ ହୁଏ । ଏପରି କମ୍ପାନୀ ଓଡିଶାକୁ ଆସିବା, ବହୁତ ଖୁସିର କଥା ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ । ଚୌଦ୍ୱାରରେ ଏହି କମ୍ପାନୀ ପୁଞ୍ଜିନିବେଶ ଓ ନିଯୁକ୍ତି କ୍ଷେତ୍ରରେ ଓଡିଶା ପାଇଁ ଏକ ନୂଆ ପରିଚୟ ସୃଷ୍ଟି କରିବ । ୱେଲସ୍ପନ ଗ୍ରୁପର ଅଧ୍ୟକ୍ଷ ଶ୍ରୀ ଗୋଏଙ୍କାଙ୍କୁ ଓଡିଶାରେ ପୁଞ୍ଜି ବିନିଯୋଗ ପାଇଁ ଧନ୍ୟବାଦ ଦେଇ ମୁଖ୍ୟମନ୍ତ୍ରୀ ଓଡିଶାର ବିକାଶ ଯାତ୍ରାରେ ୱେଲସ୍ପନ ଗ୍ରୁପର ପାର୍ଟନରସିପ୍ ଅଭିବୃଦ୍ଧିର ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ସେ ମତ ଦେଇଥିଲେ । ଏହି ଶିଳ୍ପର ସଫଳତା ପାଇଁ ରାଜ୍ୟ ସରକାର ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ଶିଳ୍ପ କ୍ଷେତ୍ରରେ ଆଜିର ଏହି ଯାତ୍ରା କଟକ ଜିଲ୍ଲାର ବିକାଶକୁ ଉଜ୍ଜଳ କରିବ ବୋଲି ପ୍ରକାଶ କରି ସେ କହିଥିଲେ ଯେ ସମସ୍ତଙ୍କ ସହଯୋଗରେ ଓଡିଶା ଏକ ଶିଳ୍ପ ସମୃଦ୍ଧ ରାଜ୍ୟ ଭାବରେ ସାରା ପୃଥିବୀରେ ସୁନାମ କରିବ । ୱେଲସ୍ପନ ଗ୍ରୁପର ଅଧ୍ୟକ୍ଷ ଶ୍ରୀ ଗୋଏଙ୍କା କହିଲେ ଯେ, ଗତ ୨୦ ବର୍ଷ ମଧ୍ୟରେ ଓଡିଶାରେ ବ୍ୟାପକ ଉନ୍ନତି ଆସିଛି । ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ଓ କଠିନ ପରିଶ୍ରମ ଯୋଗୁ ଆଜି ଓଡିଶାରେ ଏପରି ପରିବର୍ତ୍ତନ ଦେଖିବାକୁ ମିଳିଛି ବୋଲି ସେ କହିଥିଲେ । ରାଜ୍ୟ ସରକାରଙ୍କ ୫ଟି ଉପକ୍ରମ ସମ୍ପର୍କରେ ମଧ୍ୟ ସେ ଆଲୋକପାତ କରି କହିଥିଲେ ଯେ, ଏହି ନୀତି ଯୋଗୁ ଆଜି ଓଡିଶାର ସରକାରୀ ସ୍କୁଲ ଗୁଡିକ ପ୍ରାଇଭେଟ ସ୍କୁଲଠାରୁ ଅଧିକ ଭଲ ହୋଇ ପାରିଛି । ଭାରତରେ ସବୁଠାରୁ ଅଧିକ ପୁଞ୍ଜି ଓଡିଶାକୁ ହିଁ ଆସୁଛି । ଓଡିଶାରେ ଶିଳ୍ପ ବିକାଶର ଭିତ୍ତି ବିଷୟରେ ଆଲୋକପାତ କରି ସେ ବିଜୁ ବାବୁଙ୍କ ଉଦ୍ୟମ ସମ୍ପର୍କରେ କହିଥିଲେ । ଓଡିଶାର କପା ଚାଷୀଙ୍କ ଉନ୍ନତି ପାଇଁ ମଧ୍ୟ ସେ ଉଦ୍ୟମ କରିବେ ବୋଲି ପ୍ରକାଶ କରି ସେ କହିଥିଲେ । ଓଡିଶାର ଶିଳ୍ପ ବାତାବରଣକୁ ଆହୁରି ଉନ୍ନତ କରିବା ପାଇଁ ସେ ତାଙ୍କର ଅବଦାନ ରଖିବେ ବୋଲି କହିଥିଲେ । ଏହି ପ୍ରକଳ୍ପ ଦ୍ୱାରା ୧୦ ହଜାର ପ୍ରତ୍ୟକ୍ଷ ନିଯୁକ୍ତି ସହିତ ୨୦ ହଜାର ପରୋକ୍ଷ ନିଯୁକ୍ତି ମିଳିବ ବୋଲି ସେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ଯୋଗଦେଇ ଶିଳ୍ପ ମନ୍ତ୍ରୀ ପ୍ରତାପ ଦେବ କହିଲେ ଯେ ଚୌଦ୍ୱାର ହେଉଛି ଓଡିଶାର ପ୍ରଥମ ଶିଳ୍ପ ନଗରୀ । ଆଜି ପୁଣି ଥରେ ଏହା ବିକାଶ ପଥରେ ଅଗ୍ରସର ହେଲା । ଏହି ଶିଳ୍ପ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସହିତ ବ୍ୟାପକ ଆତ୍ମନିଯୁକ୍ତି ମଧ୍ୟ ସୃଷ୍ଟି କରିବ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ଯୋଗ ଦେଇ ୫ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଉପସ୍ଥିତ ଜନସାଧାରଣଙ୍କ ସହ ମତ ବିନିମୟ କରି ବିଭିନ୍ନ ଯୋଜନାର ବର୍ଦ୍ଧିତ ଭତ୍ତା ସମ୍ପର୍କରେ ଆଲୋଚନା କରିଥିଲେ । ମଧୁବାବୁ ପେନ୍‌ସନ୍, ମମତା, ଲକ୍ଷ୍ମୀ ଓ କଳାକାର ଭତ୍ତା ଯୋଜନା ସମ୍ପର୍କରେ ସେ ବଢିଥିବା ଭତ୍ତା ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ । ନୂଆ-ଓ ଛାତ୍ରବୃତ୍ତି ସମ୍ପର୍କରେ ସୂଚନା ଦେଇ ସେ କହିଥିଲେ ଯେ, ଚଳିତ ମାସ ୨୫ ତାରିଖ ସୁଦ୍ଧା ଛାତ୍ରଛାତ୍ରୀମାନେ ଏହି ଛାତ୍ରବୃତ୍ତି ପାଇବେ । ବୟନଶିଳ୍ପ ପାଇଁ ୬୫୦ ପରିବାରର ଘର ସମସ୍ୟା ସୃଷ୍ଟି ହେଉଥିବା ସମ୍ପର୍କରେ ସୂଚନା ଦେଇ ସେ କହିଥିଲେ ଏହି ସମସ୍ୟା ଶୀଘ୍ର ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସରରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ ଦେବୀ ପ୍ରସାଦ ମିଶ୍ର, ପ୍ରଶାନ୍ତ ବେହେରା, ଚନ୍ଦ୍ରସାରଥୀ ବେହେରା, ସୌଭିକ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତଥିଲେ । ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

## ମୁଖ୍ୟମନ୍ତ୍ରୀ କଲେ ...

କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଇବ । ସେ ଆହୁରି ମଧ୍ୟ କହିଥିଲେ ଯେ ସାଧାରଣ ପରିବହନ ଭିତ୍ତିଭୂମିକୁ ମଜବୁତ୍ କରିବା ସହିତ ଲୋକମାନେ ଯେପରି ଏହି ସାଧାରଣ ପରିବହନ ବ୍ୟବସ୍ଥାକୁ ବହୁଳ ଭାବେ ବ୍ୟବହାର କରିବେ ସେଥିପାଇଁ ସମସ୍ତଙ୍କୁ ସଚେତନ କରିବା ଆବଶ୍ୟକ । ନୂଆ ବସଷ୍ଟାଣ୍ଡରେ ଲୋକମାନଙ୍କର ସୁରକ୍ଷା ସହିତ ସେଠାରେ ଉପଲବ୍ଧ ସାଧାରଣ ସୁବିଧା ସୁଯୋଗର ଉପଯୁକ୍ତ ରକ୍ଷଣାବେକ୍ଷଣ ପ୍ରତି ଧ୍ୟାନ ଦେବା ଆବଶ୍ୟକ ବୋଲି ସେ କହିଥିଲେ ।

## 'ନଟି ବଏ' ଲଞ୍ଚ କରିବ ଇସ୍ରୋ ...

ପାଣିପାଗ ଉପଗ୍ରହ INSAT-3DS ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ । କାରଣ INSAT-3DS ହେଉଛି ଇସ୍ରୋ ଜିଓଷ୍ଟେସନାରୀ କକ୍ଷପଥରେ ସ୍ଥାନିତ ହେବାକୁ ଥିବା ପାଣିପାଗ ଉପଗ୍ରହ ତୃତୀୟ ପିଢିର ନୂଆ ମିଶନ୍ । ଇସ୍ରୋର କହିବା ଅନୁଯାୟୀ, ଜିଓଷ୍ଟେସନାରୀ କକ୍ଷପଥରେ ପହଞ୍ଚିବା ପରେ ଏହି ଉପଗ୍ରହ ସହଜରେ ପାଣିପାଗ ସମ୍ବନ୍ଧୀୟ ସୂଚନା ଦେବା ସହ ପାଣିପାଗ ବାବଦରେ ପୂର୍ବାନୁମାନ କରିପାରିବ । ଏଥିସହ ଯଦି ଆଗକୁ ପ୍ରାକୃତିକ ବିପର୍ଯ୍ୟୟ ହେବାର ଆଶଙ୍କା ଥାଏ, ତେବେ ଏହି ସାଟେଲାଇଟ୍ ମାଧ୍ୟମରେ ପୂର୍ବ ସୂଚନା ମିଳିପାରିବ । ଏହା ମାଧ୍ୟମରେ ଭାରତୀୟ ପାଣିପାଗ ବିଭାଗ ସଠିକ୍ ସୂଚନା ପାଇବାରେ ଆହୁରି ସକ୍ଷମ ହେବ । ବିଶେଷ କରି ସ୍ଥଳ ଭାଗ ଏବଂ ଜଳ ଭାଗ ଉପରେ ନଜର ରଖିବା ପାଇଁ ଇସ୍ରୋ ଏହାକୁ ଡିଜାଇନ୍ କରିଛି । ଇସ୍ରୋ କହିଛି ଯେ, ଏହି ଉପଗ୍ରହଟି ଅତ୍ୟନ୍ତ ସ୍ୱତନ୍ତ୍ର, ଭାରତ ପାଇଁ ଏହା ନିହାତି ଆବଶ୍ୟକୀୟ । ଏହା ପାଣିପାଗ ଏବଂ ଜଳବାୟୁ ପରିବର୍ତ୍ତନ ବାବଦରେ ଜାଣିବାରେ ସାହାଯ୍ୟ କରିବ । ଏହି ଉପଗ୍ରହର ଓଜନ ୨,୨୭୪ କିଲୋଗ୍ରାମ ଏବଂ ଏହା ପ୍ରାୟ ୪୮୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି । ଏହି ସାଟେଲାଇଟର ନିର୍ମାଣ ପାଇଁ ଭାରତ ସରକାରଙ୍କ ଆର୍ଥ ସାଇନ୍ସ ମନ୍ତ୍ରଣାଳୟ ଆର୍ଥିକ ଅନୁଦାନ ଦେଇଛି ।

## ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ...

ଧରି ୩୦ କୋଟି ଟଙ୍କାର ଅର୍ଥ ହଡପ ହୋଇଥିବାର ଅଭିଯୋଗ ହୋଇଥିଲା । ଏନେଇ ଏକାଧିକ ବାର ପ୍ରତିବାଦ କରିଥିଲେ ଇଞ୍ଜିନିୟରିଂ କଲେଜର କର୍ମଚାରୀମାନେ । ବର୍ଷ ବର୍ଷ ଧରି ଦରମା ନପାଇ କଲେଜ ଆଗରେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ, ବିଧାନସଭା ଆଗରେ ନ୍ୟାୟ ପାଇଁ ପ୍ରତିବାଦ କରି ନିରାଶ ହୋଇଥିଲେ । ଏହି କର୍ମଚାରୀମାନେ ଅଭିଯୋଗ କରିଥିଲେ ଯେ, ବରପଦା ଇଞ୍ଜିନିୟରିଂ କଲେଜର ଅଧ୍ୟକ୍ଷଙ୍କ ସମେତ କିଛି କର୍ମଚାରୀଙ୍କୁ ହାତବାରିସି କରି କଲେଜ୍ ଅର୍ଥ ହଡପ କରାଯାଇଥିଲା । ଏଥିସହ ଭୁବନେଶ୍ୱରରେ ଏକ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା କରି ପରେ ଏହାକୁ ବିକ୍ରି କରି ଟଙ୍କା ହଡ଼ପ କରିବା ଘଟଣାରେ ବିଧାୟକ ପ୍ରଫୁଲ୍ଲ ସାମଲ ଓ ତାଙ୍କ ପୁତ୍ର ପ୍ରୟସକାନ୍ତି ସାମଲ ଛନ୍ଦି ହୋଇ ଯାଇଥିଲେ । ବରପଦା ଇଞ୍ଜିନିୟରିଂ କଲେଜ ମାମଲା ହାଇକୋର୍ଟରେ ଅଦ୍ୟାବଧି ବିଚାରାଧୀନ ରହିଛି । ଏହି ଦୁର୍ନୀତି ଘଟଣାକୁ ନେଇ ଅତୀତରେ ଭିଜିଲାନ୍ସ ଓ ଇଡି ରେଡ ପାଇଁ ଦାବି ହୋଇ ଆସୁଥିଲା ।

## ନିର୍ବାଚନ ପୂର୍ବରୁ କର୍ମୀଙ୍କୁ ବିଜୟ ମନ୍ତ୍ର ...

କହିଛନ୍ତି । ସେହିପରି କଂଗ୍ରେସ ଓ ବିରୋଧୀଙ୍କୁ ଟାର୍ଗେଟ୍ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ସେ କହିଛନ୍ତି, ଆମ ବିରୋଧୀ ଦଳ ଯୋଜନାଗୁଡିକୁ ସମ୍ପୂର୍ଣ୍ଣ କରିବା ଜାଣନ୍ତି ନାହିଁ କିନ୍ତୁ ମିଛ ପ୍ରତିଶ୍ରୁତି ଦେବାରେ ଧୁରନ୍ଧର । ଆଜି ଏହି ସମସ୍ତ ରାଜନୈତିକ ଦଳ ଗୋଟିଏ ପ୍ରତିଶ୍ରୁତି ଦେବାକୁ ଡରୁଛନ୍ତି, ତାହା ହେଉଛି ବିକଶିତ ଭାରତ । ଏହା ଆମର ପ୍ରତିଶ୍ରୁତି । କେବଳ ବିଜେପି ଏବଂ ଏନଡିଏ ମିଳିତ ମଞ୍ଚ ଏ ବିଷୟରେ ସ୍ୱପ୍ନ ଦେଖିଛନ୍ତି । ଆମେ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ଦେଶ କରିବା ପାଇଁ କାମ କରୁଛୁ ବୋଲି ମୋଦି କହିଛନ୍ତି ।

## ପୁରୀରେ ହେବ ଗ୍ରୀନ ଫିଲ୍ଡ ଅନ୍ତର୍ଜାତୀୟ ...

ନିର୍ମାଣ କରାଯିବ । ଏଥିପାଇଁ ଟେଣ୍ଡର ପକାଇବା ପ୍ରକ୍ରିୟା ଚଳିତ ମାସ ୨୧ ତାରିଖରୁ ଆରମ୍ଭ ହେବ । ଆବେଦନକାରୀ ଅନଲାଇନ ମାଧ୍ୟମରେ ଟେଣ୍ଡର ପକାଇ ପାରିବେ । ଏପ୍ରିଲ ୨୧ ତାରିଖରେ ଟେଣ୍ଡର ଖୋଲାଯିବ । ଇଡକୋ ପକ୍ଷରୁ ଏଥିପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି । ପରିବେଶବିତ ବିମାନବନ୍ଦରକୁ ସ୍ୱାଗତ କରିଥିଲେ ମଧ୍ୟ ଯେହେତୁ ଗିରଳ ଜଙ୍ଗଲ, ସିପସରୁବାଲି ମୌଜା ଓ ଷଣ୍ଢପୁରୁ ଅଞ୍ଚଳର ଗ୍ରାମବାସୀ ପ୍ରଭାବିତ ହେବାର ଥିବାରୁ ପରିବେଶ ମନ୍ତ୍ରଣାଳୟ ପରିବେଶ ଆସେସେମେଣ୍ଟ କ୍ଲିୟରାନ୍ସ ଦେବା ଦରକାର ବୋଲି କହିଛନ୍ତି । ବିମାନ ଚଳାଚଳ ହେଲେ କଣ ସବୁ ପ୍ରଭାବ ରହିବ ? ଜଙ୍ଗଲର ଜୀବଜନ୍ତୁ କେତେ ପ୍ରଭାବିତ ହେବେ ? ସାମୁଦ୍ରିକ ଜୀବ ପ୍ରଭାବିତ ହେବାର ଆଶଙ୍କା ଥିବାରୁ ଏହା ଉପରେ ଗୁରୁତ୍ୱ ଦେବାର ରହିଛି । ଏଥିସହ ସିଆରଜେଡ କ୍ଲିୟରାନ୍ସ ଓ ପ୍ରଦୂଷଣ କ୍ଲିୟରାନ୍ସ ସାର୍ଟିଫିକେଟର ବି ଆବଶ୍ୟକତା ରହିଛି ବୋଲି ପରିବେଶବିତମାନେ କହିଛନ୍ତି । ସେପଟେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦରରୁ ବିମାନ ଚଳାଚଳ ହେବା ଗୋଟିଏ ଖୁସିର କଥା ବୋଲି ପର୍ଯ୍ୟଟକମାନେ କହିଛନ୍ତି । ଏହାଦ୍ୱାରା ଭାରତ ତଥା ବିଶ୍ୱର କୋଣଅନୁକୋଣରୁ ପର୍ଯ୍ୟଟକ ଆସିବେ ବୋଲି ଆଶା କରାଯାଉଛି ।

# ତିରୁପତିରେ ନିଖୋଜ ଦୁଇ ବରିଷ୍ଠ ମହିଳା ଉଦ୍ଧାର: ଏବେ ବି ଜଣଙ୍କର ପତ୍ତା ମିଳୁନି

**କଟକ(ଏନ୍.ଏମ୍.) :** ତୀର୍ଥଯାତ୍ରା ପାଇଁ ତିରୁପତି ଯାଇ ସେଠାରୁ ନିଖୋଜ ଥିବା ୩ ବରିଷ୍ଠ ମହିଳାଙ୍କ ମଧ୍ୟରୁ ୨ଜଣଙ୍କ ସନ୍ଧାନ ପାଇବାରେ ପ୍ରଶାସନ ସଫଳ ହୋଇଛି । ସେମାନେ ହେଲେ ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ବ୍ଲକର ଗୀତାଞ୍ଜଳି ରାଉତ୍ (୭୧) ଓ କେନ୍ଦ୍ରାପଡା ଜିଲ୍ଲା ଭରତପୁରର ବାସନ୍ତି ମଲ୍ଲ(୭୦) । ଏପଟେ ଏବେ ବି ଖୋର୍ଦ୍ଧା ଜିଲ୍ଲା ବାଲୁଗାଁର ରାଣୀ ଦେବୀ(୭୦)ଙ୍କର ପତ୍ତା ମିଳିପାରୁନି । ଉଦ୍ଧାର ହୋଇଥିବା ଦୁଇ ମହିଳା ମନ୍ଦିର ଦର୍ଶନ ପୂର୍ବରୁ ଲାଇନରେ ଥିବା ବେଳେ ଦଳରୁ ଅଲଗା ହୋଇଯାଇଥିଲେ । ଖୋର୍ଦ୍ଧାର ଗୀତାଞ୍ଜଳି ଦଳରୁ ଅଲଗା ହୋଇଯିବା ପରେ ଅସୁସ୍ଥ ହୋଇପଡିଥିଲେ । ତାଙ୍କୁ ସେଠାକାର କିଛି ସ୍ୱେଚ୍ଛାସେବୀ ଶ୍ରୀ ଭେଙ୍କଟେସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସରେ ଭର୍ତ୍ତି କରିଥିଲେ । କିନ୍ତୁ ଗୀତାଞ୍ଜଳିଙ୍କ ଓଡିଆ ଭାଷା ସେଠାକାର ଡାକ୍ତର ବୁଝିପାରିନଥିଲେ । ଯାହାଫଳରେ ସେଠାରେ ଥିବା ଓଡିଆ ଡାକ୍ତର ଡାକ୍ତର ଅନିଲ କୁମାର ସାମନ୍ତରାୟଙ୍କୁ ଡକାଯାଇଥିଲା । ସେ ଉକ୍ତ ମହିଳାଙ୍କ ସହ କଥା ହେବାପରେ ତାଙ୍କର ଚିକିତ୍ସା କରିବା ସହ ତାଙ୍କ ସଂପର୍କରେ ପଚାରିଥିଲେ । ଏଥିସହ ତାଙ୍କୁ ତାଙ୍କ ଘରେ ନେଇ ରଖିଥିଲେ । ତାଙ୍କର ଆଇକାର୍ଡରେ ଥିବା ମୋବାଇଲ ନମ୍ବରରେ ଯୋଗାଯୋଗ କରିଥିଲେ ।

# ନିଷ୍ଠୁର ସ୍ତ୍ରୀ ; ହେମଦସ୍ତାରେ ପିଟି ନେଇଥିଲା ସ୍ୱାମୀର ଜୀବନ



**ନୟାଗଡ଼(ଏନ୍.ଏମ୍.) :** ସାତ ଜନମର ସାଥୀ ହେବା ପାଇଁ ହାତ ଧରିଥିଲେ ପ୍ରକାଶ ନାୟକ ଓ ଜ୍ୟୋସ୍ନାରାଣୀ । ହେଲେ ଗୋଟିଏ ଜନମରେ ଶେଷ ହୋଇଗଲା ସେମାନଙ୍କ ସମ୍ପର୍କ । ସାମାନ୍ୟ କଳହ ପାଇଁ ନିଜ କପାଳରୁ ସିନ୍ଦୂର ପୋଛି ଦେଇଥିଲା ଜ୍ୟୋସ୍ନା । ସ୍ୱାମୀ ପ୍ରକାଶଙ୍କୁ ହେମଦସ୍ତାରେ ଛେଚି କରିଥିଲା ହତ୍ୟା । ନୟାଗଡ଼ ଜିଲ୍ଲା ଓଡଗାଁ ଥାନା ଅନ୍ତର୍ଗତ କୋମଣ୍ଡ ଗାଁରେ ଗତକାଲି ଘଟିଥିବା ହତ୍ୟାକାଣ୍ଡର ପୁଲିସ ଗୁମର ଖୋଲିଛି । ଶରଣକୂଳ ଏସଡିପିଓ ସୁଧାକର ସାହୁଙ୍କ କହିବା ଅନୁଯାୟୀ, ମୃତ ପ୍ରକାଶ ନାୟକ ଘରେ ଶୋଇଥିଲେ । ଏହି ସମୟରେ ଜୋସ୍ନାରାଣୀ ଏକ ହେମଦସ୍ତା ଆଣି ସ୍ୱାମୀର ମୁଣ୍ଡକୁ ପିଟି ଦେଇଥିଲେ । ପରେ ହେମଦସ୍ତାରେ ପ୍ରକାଶଙ୍କ ମୁଣ୍ଡ ଓ ମୁହଁକୁ ଛେଚି ହତ୍ୟା କରିଥିଲେ । ପରେ କେହି ନ ଜାଣିବା ପାଇଁ ଘର ଭିତରେ ଗାତ ଖୋଳି ସେଥିରେ ସ୍ୱାମୀର ମୃତଦେହକୁ ପୋତି ଦେଇଥିଲେ ଜ୍ୟୋସ୍ନା । ଏହାସହ ଘରେ ପଡ଼ିଥିବା ରକ୍ତକୁ କନାରେ ପୋଛି ସଫା କରିଥିଲେ । ପ୍ରମାଣ ନଷ୍ଟ ପାଇଁ ରକ୍ତ ଭିଜା କପଡ଼ାକୁ ଘର ପଛ ପଟେ ପୋଡ଼ି ଦେଇଥଲେ । ଏହି ହତ୍ୟାକାଣ୍ଡରେ ଜ୍ୟୋସ୍ନାଙ୍କୁ ତାଙ୍କ ମାଆ ଅର୍ଥାତ ପ୍ରକାଶଙ୍କ ଶାଶୁ ଡମଣୀ ପ୍ରଧାନ ସହାୟତା କରିଥିଲେ । ପୁଲିସ ଜୋସ୍ନାରାଣୀ ଓ ତାଙ୍କ ମା'ଙ୍କୁ ଅଟକ ରଖିଛି । ତେବେ ଏହି ହତ୍ୟାକାଣ୍ଡରେ ଆଉ କେଉଁ ମାନେ ସଂପୃକ୍ତ ଅଛନ୍ତି ତାର ଛାନଭିନ୍ ଚାଲିଛି । ଏହାସହ ହତ୍ୟାରେ ବ୍ୟବହୃତ ହେମଦସ୍ତାକୁ ପୁଲିସ ଜବତ କରିଛି ବୋଲି ଏସଡିପିଓ ସୂଚନା ଦେଇଛନ୍ତି । ଅଭିଯୋଗ ଅନୁସାରେ, ପ୍ରକାଶ ନାୟକ କୋମଣ୍ଡ ଗାଁରେ ନିଜ ଶ୍ୱଶୁର ଘରେ ରହୁଥିଲେ । ୨୦ ଦିନ ହେବ ସେ ନିଖୋଜ ଥିଲେ । ପ୍ରକାଶ ନିଖୋଜ ଥିବା ନେଇ ତାଙ୍କ ସ୍ତ୍ରୀ ଥାନାରେ କୌଣସି ଅଭିଯୋଗ କରି ନଥିଲେ କି ଖୋଜାଖୋଜି କରି ନଥିଲେ । ଏନେଇ ପ୍ରକାଶଙ୍କ ବାପାଙ୍କର ସନ୍ଦେହ ହୋଇଥିଲା । ଗତକାଲି ପୁଅ ନିଖୋଜ ଥିବା ନେଇ ଓଡଗାଁ ଥାନାରେ ଅଭିଯୋଗ କରିବାକୁ ଆସିଥିଲେ । ହେଲେ ସାଙ୍ଗରେ ପୁଅର ଆଧାରକାର୍ଡ ଆଣିନଥିଲେ । ଆଧାରକାର୍ଡ ପାଇଁ ପ୍ରକାଶଙ୍କ ଶ୍ୱଶୁର ଘରକୁ ଯାଇଥିଲେ ତାଙ୍କ ବାପା । ଶ୍ୱଶୁର ଘରୁ ଆଧାରକାର୍ଡ ଆଣିଲା ବେଳେ ଘର ଭିତରେ ମାଟି ଖୋଳାହୋଇଥିବା ଦେଖିଥିଲେ । ହେଲେ କାହାକୁ କିଛି ନକହି ଆଧାରକାର୍ଡ ନେଇ ଥାନାକୁ ପଳାଇଆସିଥିଲେ । ଥାନାରେ ପୁଅ ନିଖୋଜ ଥିବା ନେଇ ଅଭିଯୋଗ କରିବା ସହ ପୁଅକୁ ହତ୍ୟା କରି ମାଟି ତଳେ ପୋତି ଦିଆଯାଇଛି ବୋଲି ପୁଲିସ ଅଧିକାରୀଙ୍କ ନିକଟରେ କହିଥିଲେ । ପରେ ପୁଲିସ ପ୍ରକାଶଙ୍କ ଶ୍ୱଶୁରଙ୍କ ଘରକୁ ଯାଇ ଛାନଭିନ୍ ଆରମ୍ଭ କରିଥିଲା । ଛାନଭିନ୍ ବେଳେ ପୁଲିସର ସନ୍ଦେହ ବଢ଼ିଥିଲା । ପରେ ଓଡଗାଁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୁଲିସ ଘରେ ଭିତରେ ମାଟି ଖୋଳି ଦେଖିଲା ବେଳକୁ ପ୍ରକାଶଙ୍କ ମୃତଦେହ ମିଳିଥିଲା । ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଗାଁରେ କୌଣସି ବିଶୃଙ୍ଖଳା ପରିସ୍ଥିତି ନ ଉପୁଜିବା ଆଶଙ୍କାରେ ପୁଲିସ ଫୋର୍ସ ମୁତୟନ କରାଯାଇଛି । ସାଇଣ୍ଟିଫିକ ଟିମ୍ ଘଟଣାର ତଦନ୍ତ କରିବା ସହ ପୁଲିସ ମଧ୍ୟ ଅଭିଯୁକ୍ତମାନଙ୍କ ନେଇ ସିନ୍ ରିକ୍ରିଏଟ୍ କରିଥିବା ଜଣାପଡ଼ିଛି । ପାରିବାରିକ କଳହଙ୍କ ପାଇଁ ପ୍ରକାଶଙ୍କୁ ହତ୍ୟା କରାଯାଇଛି ବୋଲି ସନ୍ଦେହ କରାଯାଉଛି । ହେଲେ ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ । ପୁଲିସ ଘଟଣାର ତଦନ୍ତ କରୁଛି ।

# ଜମି ନେଇ ଶିଳ୍ପ କଲେନି : ୮୮ ସଂସ୍ଥା ହାତେଇଛନ୍ତି ୧୦ହଜାର ଏକର ଜମି



**ଯାଜପୁର(ଏନ୍.ଏମ୍.) :** ଦେଶର ଇସ୍ପାତ ରାଜଧାନୀ କଳିଙ୍ଗନଗରରେ ୧୩ଟି ବୃହତ୍ ଇସ୍ପାତ କାରଖାନା ରହିଛି । ଯାଜପୁର ଜିଲ୍ଲାରେ ୫ଟି ବୃହତ୍ ସିମେଣ୍ଟ କାରଖାନା, ଶତାଧିକ ଷ୍ଟୋନ୍ କ୍ରସର, ରାଇସ୍ ମିଲ, ମଦ ଫ୍ୟାକ୍ଟ୍ରି ସମେତ ଶତାଧିକ କଳକାରଖାନା ରହିଛି । ଅନେକ ସଂସ୍ଥା ବିଭିନ୍ନ ଉପାୟରେ ଜମି ଅଧିଗ୍ରହଣ କରିବାରେ ଲାଗିଛନ୍ତି । କେବଳ ଇଡକ୍କୋ ମାଧ୍ୟମରେ କଳିଙ୍ଗନଗର ଶିଳ୍ପାଞ୍ଚଳ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏବେସୁଦ୍ଧା ୮୮ଟି ସଂସ୍ଥା ୧୦ହଜାର ୨୧୬ ଏକର ଜମି ହାତେଇଛନ୍ତି । ଏଥିରୁ ଅନେକ ସଂସ୍ଥା ଜମି ନେଇ ଶିଳ୍ପ ପ୍ରତିଷ୍ଠା କରିନାହାନ୍ତି । ବରଂ, ଅନ୍ୟ ଶିଳ୍ପପତିଙ୍କ ସହିତ କୋଟି କୋଟି ଟଙ୍କାର ଗୁପ୍ତ ଚୁକ୍ତିନାମା କରିବା ଆରମ୍ଭ କରିଛନ୍ତି । ଶିଳ୍ପାନୁଷ୍ଠାନକୁ ସହାୟତା କରିବାକୁ ଜିଲ୍ଲାରେ ଡିପା (ଡିଷ୍ଟ୍ରିକ୍ ଇନଭେଷ୍ଟମେଣ୍ଟ ପ୍ରମୋସନ ଏଜେନ୍ସି) କାମ କରୁଛି । ଶହଶହ ଶିଳ୍ପାନୁଷ୍ଠାନ ଗଢ଼ିଉଠିବା ସତ୍ତ୍ୱେ ଜିଲ୍ଲାର ବିକାଶ ଓ ନିଯୁକ୍ତି କ୍ଷେତ୍ରରେ ସେପରି ପରିବର୍ତ୍ତନ ପ୍ରତିଫଳିତ ହେଉନାହିଁ । ଜମି ପରି ଜଳକୁ ମଧ୍ୟ ବେଶ୍ କିଛି ଶିଳ୍ପାନୁଷ୍ଠାନ ଇଡକ୍କୋ ଜରିଆରେ ନାମକୁ ମାତ୍ର ନେଉଥିବା ବେଳେ କାରଖାନା ପରିସରରେ ଏକାଧିକ ବୋରିଂ କରି ଭୂତଳ ଜଳ ଶୋଷି ଚାଲିଛନ୍ତି । ସରକାରୀ ତଥ୍ୟ ମୁତାବକ ଜିଲ୍ଲାରେ ମାତ୍ର ୪୮ଟି ସଂସ୍ଥା ଜଳ ବ୍ୟବହାର କରୁଛନ୍ତି । ଏପରିକି ପାଣି ବୋତଲ କରି ବିକ୍ରି କରୁଥିବା ସଂସ୍ଥା ମଧ୍ୟ ଜଳକର ଦେଉନାହାନ୍ତି । ଜିଲ୍ଲାରେ ଏବେ ଭୟଙ୍କର ପାନୀୟଜଳ ସଙ୍କଟ ଦେଖାଦେଲାଣି । ବ୍ୟବସାୟିକ ଫାଇଦା ପାଇଁ ବୋରିଂ ଖନନ ଯୋଗୁଁ ସାଧାରଣ ଲୋକଙ୍କ ପାଇଁ ପାନୀୟ ଜଳ ଚିନ୍ତାର କାରଣ ହୋଇଛି । ଅପରପକ୍ଷରେ, କାରଖାନା ପାଇଁ ପ୍ରଦୂଷଣ ଓ ସୀମିତ ଅଞ୍ଚଳରେ ଜନସଂଖ୍ୟା ବୃଦ୍ଧି, ମାତ୍ରାଧିକ ଟ୍ରାଫିକ୍ ସମସ୍ୟା, ଦରଦାମ ବୃଦ୍ଧି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବାରେ ଭାଗ ଯୋଗୁଁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ନାହିଁ ନଥିବାର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେଉଛନ୍ତି । ଶିଳ୍ପାନୁଷ୍ଠାନ ଓ ସ୍ଥାନୀୟ ଜନସାଧାରଣଙ୍କ ସମସ୍ୟା ଓ ବିକାଶକୁ ନେଇ ସେତୁ ଭଳି କାମ କରୁଥିବା ୨୦୦୬ ଆର୍ଆର୍ ପଲିସିକୁ ଖୋଲା ଉଲ୍ଲଙ୍ଘନ କରାଯାଉଛି । ବର୍ଷ ବର୍ଷ ଧରି ଆର୍ପିଡିଏସି ବୈଠକ କରାଯାଉନାହିଁ । ଏପରିକି ନୂତନ ଭାବେ ଦାୟିତ୍ୱ ନେଇଥିବା କେନ୍ଦ୍ରାଞ୍ଚଳ ଆରଡିସି ରଞ୍ଜନ କୁମାର ଦାସ ଯାଜପୁର ଜିଲ୍ଲାପାଳ ଭାବେ ଦାୟିତ୍ୱ ନେବାଦିନ ଅର୍ଥାତ୍ ୨୦୧୬ରେ ଶେଷଥର ପାଇଁ ଆରପିଡିଏସି ବୈଠକ ହୋଇଥିଲା । ଶ୍ରୀ ଦାସ ପ୍ରାୟ ୫ବର୍ଷ ଜିଲ୍ଲାପାଳ ରହିଥିଲେ ହେଁ ଆଉ ବୈଠକ ହୋଇନଥିଲା । ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ସମୟରେ ମଧ୍ୟ ଥରେ ହେଲେ ଆରପିଡିଏସି ବୈଠକ ବସିପାରିଲା ନାହିଁ । ଆରଡିସିଙ୍କ ଅଧ୍ୟକ୍ଷତାରେ ଆରପିଡିଏସି ବୈଠକ ବସିବାର ବ୍ୟବସ୍ଥା ଥିବାବେଳେ ନୂତନ ଆର୍ଡିସି ଶ୍ରୀ ଦାସ କେବେ ବୈଠକ ଆହ୍ୱାନ କରିବେ ତାକୁ ଅପେକ୍ଷା କରିଛନ୍ତି କଳିଙ୍ଗନଗର ଅଧିବାସୀ । ଏଠାରେ ଉଲ୍ଲେଖଯୋଗ୍ୟ ଯେ କେନ୍ଦ୍ରାଞ୍ଚଳ ଆରଡିସିଙ୍କ ଅଧୀନରେ ଥିବା ଜଗତସିଂହପୁର ଜିଲ୍ଲାର ଆରପିଡିଏସି ବୈଠକ ୨୦୨୩ ଅଗଷ୍ଟ ୨୪ରେ ବସିଥିଲା । ସେହିପରି ଅନୁଗୁଳ, ଝାରସୁଗୁଡ଼ା ଭଳି ଶିଳ୍ପ ଥିବା ଜିଲ୍ଲାଗୁଡ଼ିକରେ ଆରପିଡିଏସି ବୈଠକ ହେଉଥିବାବେଳେ ଯାଜପୁର ଜିଲ୍ଲାରେ ଏହି ବୈଠକକୁ ପ୍ରଶାସନର ଭୟ କାହିଁକି ବୋଲି ପ୍ରଶ୍ନ ଉଠୁଛି ।

# ଆଉ ନାହାନ୍ତି ସାଂସଦ ଅନୁଭବଙ୍କ ବାପା ବିଶିଷ୍ଟ ଶିକ୍ଷାବିତ୍ ଅଭୟ ମହାନ୍ତି



**କଟକ(ଏନ୍.ଏମ୍.) :** କେନ୍ଦ୍ରାପଡା ସାଂସଦ ତଥା ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ଅନୁଭବ ମହାନ୍ତିଙ୍କ ବାପା ଅଭୟ ମହାନ୍ତି (୭୪)ଙ୍କ ପରଲୋକ ହୋଇଯାଇଛି । ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି । ସେ ଦୀର୍ଘ ଦିନ ଧରି କିଡନୀ ରୋଗରେ ପୀଡ଼ିତ ଥିଲେ । ତାଙ୍କ ମୃତ୍ୟୁ ଖବର ପାଇବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗତ ମହାନ୍ତିଙ୍କ ମରଶରୀରକୁ ସ୍ଥାନୀୟ ଚୌଧୁରୀ ବଜାର ସ୍ଥିତ ତାଙ୍କ ବାସଭବନକୁ ନିଆଯାଇଥିଲା । ସେଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବନ୍ଧୁବାନ୍ଧବ ଶେଷ ଦର୍ଶନ କରିଥିଲେ । ଚଳଚ୍ଚିତ୍ର ଜଗତର ବହୁ କଳାକାର ମଧ୍ୟ ତାଙ୍କର ଶେଷ ଦର୍ଶନ କରିଥିଲେ । ମୃତ୍ୟୁଶଯ୍ୟା ନିକଟରେ ଦୁଇ ପୁଅ ସାଂସଦ ଅନୁଭବ ଓ ଅନୁପ୍ରାସଙ୍କ ସମେତ ତାଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ । ଖାନନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡପୁଅ ଅନୁଭବ ମୁଖାଗ୍ନି ଦେଇଥିଲେ ।

# ରାୟଗଡ଼ା ବସ୍‌ଷ୍ଟାଣ୍ଡ ପାଖରୁ ମିଳିଛି ଜଣେ ନବଜାତ ଶିଶୁପୁତ୍ରର ମୃତଦେହ



**ରାୟଗଡ଼ା(ଏନ୍.ଏମ୍.) :** ବସଷ୍ଟାଣ୍ଡ ପାଖରେ ଗୋଟିଏ ଅଳିଆଗଦା ମଧ୍ୟରୁ ଜଣେ ନବଜାତ ଶିଶୁର ମୃତଦେହ ମିଳିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ସଫେଇ କର୍ମଚାରୀ ଠାବ କରିଛନ୍ତି । ଶିଶୁପୁତ୍ରର ଶରୀରରେ ମେଡିକାଲ ସ୍ଲିପ୍ ଲାଗି ରହିଛି । ଦଙ୍ଗାସିଲ୍ ସ୍ୱାସ୍ଥ୍ୟକେନ୍ଦ୍ର ସହ ଶିଶୁଟିର ଜନ୍ମ ହୋଇଥିବା ବେଳେ ସ୍ଲିପରେ ବାପାମାଆଙ୍କ ନାଁ ବି ଲେଖା ହୋଇଛି । ତେବେ କେଉଁ ପରିସ୍ଥିତିରେ ପିଲାଟିର ମୃତ୍ୟୁ ହେଲା ଓ କିଏ ତାକୁ ଅଖାରେ ଭର୍ତ୍ତି କରି ଆଣି ଏଠାରେ ପକାଇଲା, ସେକଥା ଜଣାପଡ଼ିନି । ଆଜି ସକାଳୁ ସକାଳୁ ସହରର ସଫେଇ କର୍ମଚାରୀମାନେ ସବୁ ଦିନ ଭଳି ସଫା କରିବା ପାଇଁ ବସଷ୍ଟାଣ୍ଡ ନିକଟରେ ପହଞ୍ଚିଥିଲେ । ସେମାନେ ସଫେଇ କରୁଥିବା ବେଳେ ରାସ୍ତା କଡ଼ ଅଳିଆ ଗଦା ଉପରେ ଗୋଟିଏ ଅଖା ବସ୍ତା ରହିଥିବା ଦେଖିବାକୁ ପାଇଥିଲେ । ତେବେ ବସ୍ତାଟି ଓଜନ ଲାଗିବାରୁ କିଛି ସଫେଇ କର୍ମଚାରୀ ଏହା ଭିତରେ କ'ଣ ଅଛି ବୋଲି ଜାଣିବାକୁ ଚେଷ୍ଟା କରିଥିଲେ । ବସ୍ତା ଦେଖିଲା ବେଳକୁ ତା' ଭିତରେ ଜଣେ ନବଜାତ ଶିଶୁପୁତ୍ରର ମୃତଦେହ ଦେଖି ସମସ୍ତେ ଚମକି ପଡ଼ିଥିଲେ । ସ୍ଥାନୀୟ ଲୋକ ଏ ସମ୍ପର୍କରେ ଜାଣିବା ପରେ ରାୟଗଡ଼ା ପୁଲିସକୁ ଖବର ଦିଆଯାଇଥିଲା । ପୁଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଅଖା ବସ୍ତାକୁ ଯାଞ୍ଚ କରିଥିଲେ । ଏହି ସମୟରେ ପିଲାଟିର ଶରୀରରେ ଗୋଟିଏ ମେଡିକାଲ ସ୍ଲିପ ଲାଗିଥିବା ଦେଖିବାକୁ ମିଳିଥିଲା । ଏଥିରେ ଥିବା ତଥ୍ୟ ଅନୁସାରେ ପିଲାଟି କାଶୀପୁର ବ୍ଲକ୍ ଡଙ୍ଗାସିଲ ସ୍ୱାସ୍ଥ କେନ୍ଦ୍ରର ଗତ ୧୬ ତାରିଖରେ ଜନ୍ମ ହୋଇଥିବା ଲେଖା ରହିଛି । ସେହିପରି ପିଲାଟିର ବାପାଙ୍କ ନାଁ ରମେଶ ମାଝୀ ଓ ମା'ଙ୍କ ନାଁ ରଶ୍ମୀ ମାଝୀ ଉଲ୍ଲେଖ କରାଯାଇଛି । ସେହିପରି ପିଲାଟିର ଘର ବାମନପୁଟ ବୋଲି ଲେଖାଯାଇଛି ।

# ଜଙ୍ଗଲକୁ ପତ୍ର ତୋଳିବାକୁ ଯାଇଥିଲେ ମହିଳା : ପେଟରେ ବାଜିଲା ଗୁଳି



**ଭଞ୍ଜନଗର(ଏଜେନ୍ସି) :** ପତ୍ର ତୋଳିବାକୁ ଜଙ୍ଗଲକୁ ଯାଇଥିବା ବେଳେ ଜଣେ ମହିଳାଙ୍କ ଶରୀରେ ବାଜିଲା ଗୁଳି । ଗୁଳିଟି ତାଙ୍କ ପେଟରେ ପଶିଯାଇଛି । ମହିଳାଙ୍କ ଅବସ୍ଥା ଗୁରୁତର ଥିବା ବେଳେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଘଟଣାଟି ଘଟିଛି ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଦଦରାଲୁଣ୍ଡା ପଞ୍ଚାୟତ ବେଡ଼ିଗୋବା ଗାଁରେ । ଗୁଳିମାଡ଼ରେ ଆହତ ହୋଇଥିବା ମହିଳାଙ୍କ ନାଁ ସ୍ୱପ୍ନା ସାହୁ (୩୪) । ଖଲି ତିଆରି କରିବା ପାଇଁ ପତ୍ର ସଂଗ୍ରହ କରିବାକୁ ଗତକାଲି ସ୍ୱପ୍ନା ଓ ତାଙ୍କ ମା' ଗାଁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ । ସେମାନେ ପତ୍ର ତୋଳି ବିଡ଼ା ବାନ୍ଧିବା ବେଳେ ସ୍ୱପ୍ନାଙ୍କ ପେଟରେ ଏକ ଗୁଳି ବାଜିଥିଲା । ସ୍ୱପ୍ନାଙ୍କୁ ତାଙ୍କ ମା' ଘରକୁ ଆଣିଥିଲେ । ତା'ପରେ ତାଙ୍କୁ ଭଞ୍ଜନଗର ଡାକ୍ତରଖାନା ନିଆ ଯାଇଥିଲା । ସ୍ୱପ୍ନାଙ୍କ ଶରୀରରେ ଗୁଳି କେମିତି ବାଜିଲା, ତାହା ଜଣାପଡ଼ିନାହିଁ । ଶିକାରୀମାନେ ତାଙ୍କୁ ଗୁଳି କରିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି । ବନ୍ୟଜନ୍ତୁ ଶିକାର ଉଦ୍ଦେଶ୍ୟରେ ଜଙ୍ଗଲରେ ଲୁଚିଥିବା ଶିକାରୀମାନେ ଏହି ଗୁଳି ଚଳାଇଥିବା ସନ୍ଦେହ କରାଯାଉଛି । ପୁଲିସ୍ ଘଟଣାର ତଦନ୍ତ କରୁଛି । ସ୍ୱପ୍ନାଙ୍କ ମା' କହିଛନ୍ତି, ହଠାତ୍ ସବୁ କିଛି ଘଟିଗଲା । ଆମେ କାମରେ ବ୍ୟସ୍ତ ଥିଲୁ । ସେତିକି ବେଳେ ଝିଅ ଦେହରେ ଗୁଳି ବାଜିଲା । ଗୁଳି କେଉଁ ଦିଗରୁ ଆସିଲା, କିଏ ମାରିଲା ଆମେ କିଛି ଜାଣିପାରିଲୁ ନାହିଁ ।

# ରାଜ୍ୟ କ୍ୟାବିନେଟ ନିଷ୍ପତ୍ତି : ଯୁବ ସମାଜ ପାଇଁ ନୂଆ ସ୍କିମ 'ସ୍ୱୟମ'-ସ୍ୱତନ୍ତ୍ର ଯୁବ ଉଦ୍ୟମୀ

**ଭୁବନେଶ୍ୱର (ଏନ୍.ଏମ୍.) :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ କ୍ୟାବିନେଟ ବୈଠକରେ ରାଜ୍ୟର ଯୁବକ ଯୁବତୀମାନଙ୍କ ପାଇଁ ଏକ ଯୁଗାନ୍ତକାରୀ ନିଷ୍ପତ୍ତି ନିଆଯାଇଛି । ରାଜ୍ୟର ଶିଳ୍ପ ଓ ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ବର୍ତ୍ତମାନ ଆସିଥିବା ନୂଆ ଜାଗରଣରେ ଓଡିଶାର ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଯୁବ ସମାଜକୁ ସାମିଲ କରିବା ପାଇଁ ଆଜି ରାଜ୍ୟ କ୍ୟାବିନେଟ 'ସ୍ୱୟମ' ନାମରେ ଏକ ନୂତନ ଯୋଜନାକୁ ଅନୁମତି ଦେଇଛନ୍ତି । ଏହା ଦ୍ୱାରା ରାଜ୍ୟର ବ୍ୟବସାୟିକ ବାତାବରଣ ଆହୁରି ଉଜ୍ଜ୍ୱଳ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି । 'ସ୍ୱୟମ' ହେଉଛି ସ୍ୱତନ୍ତ୍ର ଯୁବ ଉଦ୍ୟମୀ । ଏହି ଯୋଜନାରେ ୧୮ରୁ ୩୫ ବର୍ଷ ବୟସର ଯୁବକ ଯୁବତୀମାନଙ୍କୁ ବ୍ୟବସାୟ କରିବା ପାଇଁ ୧ ଲକ୍ଷ ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ବିନା ସୁଧରେ ପ୍ରଦାନ କରାଯିବ । ଏହି ଯୋଜନାରେ ରାଜ୍ୟ ସରକାର ପ୍ରାଥମିକ ପର୍ଯ୍ୟାୟରେ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ୧ ଲକ୍ଷ ଯୋଗ୍ୟ ଯୁବକ ଯୁବତୀମାନଙ୍କୁ ସାମିଲ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏଥି ପାଇଁ ରାଜ୍ୟ ସରକାର ତାଙ୍କ ନିଜ ବଜେଟରୁ ୪୪୮ କୋଟି ଟଙ୍କା ଖର୍ଚ୍ଚ କରିବେ । ସୂଚନାଯୋଗ୍ୟ ଯେ ୫ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଭି.କେ.ପାଣ୍ଡିଆନଙ୍କ ଜିଲ୍ଲାଗସ୍ତ ସମୟରେ ବିଭିନ୍ନ ସ୍ଥାନରେ ଯୁବକ ଯୁବତୀମାନେ ବ୍ୟବସାୟ ବାଣିଜ୍ୟ ପାଇଁ ସରକାରଙ୍କ ସ୍ୱତନ୍ତ୍ର ସହାୟତା ପାଇଁ ପ୍ରସ୍ତାବ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୁ ଆସିବା ପରେ ଏ ସମ୍ପର୍କିତ ପ୍ରସ୍ତାବ କ୍ୟାବିନେଟର ଅନୁମୋଦନ ପାଇଁ ଯାଇଥିଲା ଏବଂ ଆଜି ଏହା ଅନୁମୋଦନ ଲାଭ କରିଛି । ଏହି ଯୋଜନାରେ ୧୮ରୁ ୩୫ ବର୍ଷ ବୟସର ଯୁବକ ଯୁବତୀମାନେ ସାମିଲ ହୋଇପାରିବେ ।




# କପିଳ ଦେବଙ୍କ ସମକକ୍ଷ ହେଲେ, ଏକାଧିକ ରେକର୍ଡ ଭାଙ୍ଗିଲେ ରୋହିତ ଶର୍ମା



**ନୂଆଦିଲ୍ଲୀ(ଏଜେନ୍ସି):** ଟିମ ଇଣ୍ଡିଆର ଅଧିନାୟକ ରୋହିତ ଶର୍ମା ଆଜି ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟର ପ୍ରଥମ ଇନିଂସରେ ଦମଦାର ଶତକ ହାସଲ କରିଛନ୍ତି। ପ୍ରଥମ ଦୁଇଟି ଟେଷ୍ଟରେ ଆଖିଦୃଶିଆ ପ୍ରଦର୍ଶନ କରି ପାରି ନଥିବା ରୋହିତ ତୃତୀୟ ଟେଷ୍ଟରେ ନିଜର ଜଲୱା ଦେଖାଇଛନ୍ତି। ଭାରତ ୩୩ ରନରେ ୩ ୱିକେଟ ହରାଇ ସଂଘର୍ଷ କରୁଥିବା ବେଳେ ରୋହିତ ଓ ରବୀନ୍ଦ୍ର ଜାଡେଜା ସ୍ଥିତି ସମ୍ଭାଳିଥିଲେ। ଭାରତ ମଧ୍ୟ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ୩୨୬/୫ରେ ପହଞ୍ଚି ଯାଇଛି। ରୋହିତ ୧୩୧ ରନ କରି ଆଉଟ ହୋଇଥିଲେ ହେଁ ଜାଡେଜା ୧୧୦ ରନ କରି ଅପରାଜିତ ରହିଛନ୍ତି। ରୋହିତ ଆଜି ଶତକୀୟ ଇନିଂସ ଖେଳି ଏକାଧିକ ରେକର୍ଡକୁ ଭାଙ୍ଗି ଦେଇଛନ୍ତି। ସେହିପରି କିମ୍ବଦନ୍ତୀ କ୍ରିକେଟର କପିଳ ଦେବଙ୍କ ରେକର୍ଡର ମଧ୍ୟ ସମକକ୍ଷ ହୋଇଛନ୍ତି। ରୋହିତ ଶର୍ମା ଆଜି ତାଙ୍କ ଟେଷ୍ଟ କ୍ୟାରିୟରର ୧୧ତମ ଶତକ ହାସଲ କରିଛନ୍ତି। ସେହିପରି ଓପନର ଭାବେ ତାଙ୍କ ବ୍ୟାଟରୁ ୮ମ ଶତକ ଦେଖିବାକୁ ମିଳିଛି। ପ୍ରଥମ ଦିନର ଚା' ପାନ ବିରତି ପରର ପ୍ରଥମ ଓଭରରେ ସେ ଶତକ ହାସଲ କରିଥିଲେ। ୧୫୭ ବଲରେ ଶତକ ହାସଲ କରିଥିବା ରୋହିତ ଲଞ୍ଚ ବ୍ରେକ ପରେ ନିଜର ଦମ ଦେଖାଇଥିଲେ। ଆଜିର ୧୩୧ ରନର ଇନିଂସରେ ସେ ୧୪ଟି ଚୌକା ଓ ୩ଟି ଛକା ମାରିଛନ୍ତି। ଅଧିନାୟକ ଭାବେ ଏହା ରୋହିତଙ୍କର ତୃତୀୟ ଶତକ। ଏହାପୂର୍ବରୁ କପିଳ ଦେବ ମଧ୍ୟ ଟେଷ୍ଟ କ୍ରିକେଟରେ ଅଧିନାୟକ ଭାବେ ୩ଟି ଶତକ ମାରିଥିଲେ। ଏହି ତାଲିକାର ୧ନଂ ସ୍ଥାନରେ ବିରାଟ କୋହଲି ରହିଛନ୍ତି। ସେ ଭାରତର ଅଧିନାୟକ ଭାବେ ଟେଷ୍ଟ କ୍ରିକେଟରେ ମୋଟ ୨୦ଟି ଶତକ ହାସଲ କରିଛନ୍ତି। ସୁନୀଲ ଗାଭାସ୍କର ୧୧ଟି, ମହମ୍ମଦ ଆଝାରୁଦ୍ଦିନ ୯ଟି, ସଚିନ ତେନ୍ଦୁଲକର ୭ଟି, ମହେନ୍ଦ୍ର ସିଂହ ଧୋନି ୫ଟି, ସୌରଭ ଗାଙ୍ଗୁଲି ୫ଟି, ରାହୁଲ ଦ୍ରାବିଡ ୪ଟି, କପିଳ ଦେବ ୩ଟି ଓ ରୋହିତ ଶର୍ମା ୩ଟି ଶତକ ମାରିଛନ୍ତି। ଏହାବାଦ ଆଜି ରୋହିତ ସବୁଠାରୁ ବୟସ୍କ ଭାରତୀୟ କ୍ରିକେଟର ଭାବେ ଟେଷ୍ଟ କ୍ରିକେଟରେ ଶତକ ହାସଲ କରିଛନ୍ତି। ୩୬ ବର୍ଷ ୨୯୧ ଦିନ ବୟସରେ ରୋହିତଙ୍କ ବ୍ୟାଟରୁ ଟେଷ୍ଟରେ ଶତକ ଦେଖିବାକୁ ମିଳିଛି। ପୂର୍ବରୁ ଏହି ରେକର୍ଡ ବିଜୟ ହଜାରେଙ୍କ ନାଁରେ ରହିଥିଲା। ସେ ୩୬ ବର୍ଷ ୨୭୮ ଦିନ ବୟସରେ ଟେଷ୍ଟରେ ଶତକ ହାସଲ କରିଥିଲେ। ୧୯୫୧ ମସିହାରେ ବିଜୟ ହଜାରେ ଇଂଲଣ୍ଡ ବିପକ୍ଷରେ ହିଁ ସବୁଠାରୁ ବୟସ୍କ ଭାରତୀୟ ଭାବେ ଟେଷ୍ଟରେ ଶତକ ହାସଲ କରିଥିଲେ। ରୋହିତ ତାଙ୍କ ଶତକୀୟ ଇନିଂସରେ ୩ଟି ଛକା ମାରିଛନ୍ତି। କିନ୍ତୁ ଦୁଇଟି ଛକା ମାରିବା ପରେ ସେ ମହେନ୍ଦ୍ର ସିଂହ ଧୋନିଙ୍କୁ ସର୍ବାଧିକ ଛକା ମାରିବା ମାମଲାରେ ଟପି ଯାଇଥିଲେ। ରୋହିତ ଶର୍ମା ୮୦ଟି ଛକା ମାରିଥିବା ବେଳେ ଧୋନିଙ୍କ ବ୍ୟାଟରୁ ୭୮ଟି ଛକା ଦେଖିବାକୁ ମିଳିଥିଲା। ସର୍ବାଧିକ ଛକା ମାରିଥିବା ଭାରତୀୟଙ୍କ ମଧ୍ୟରେ ବୀରେନ୍ଦ୍ର ସେହୱାଗ(୯୧) ୧ନଂରେ ରହିଛନ୍ତି। କ୍ରିକେଟର ୩ଟି ଯାକ ଫର୍ମାଟକୁ ଦେଖିଲେ ରୋହିତ ଭାରତ ପାଇଁ ସର୍ବାଧିକ ଛକା ମାରିଥିବା ଖେଳାଳି ବନି ଯାଇଛି। ରୋହିତ ମୋଟ ୨୧୩ଟି ଛକା ସହ ୧ନଂ ସ୍ଥାନରେ ରହିଥିବା ବେଳେ ତାଙ୍କ ପଛକୁ ୨୧୧ ଛକା ସହ ଧୋନି ରହିଛନ୍ତି। ମୁମ୍ବାଇ ବ୍ୟାଟର ରୋହିତ ଶର୍ମା ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ରନ କରିବା ମାମଲାରେ ସୌରଭ ଗାଙ୍ଗୁଲିଙ୍କୁ ଅତିକ୍ରମ କରି ଯାଇଛନ୍ତି। ଗାଙ୍ଗୁଲି ୧୮,୫୭୫ ରନ କରିଥିବା ବେଳେ ରୋହିତ ଶର୍ମାଙ୍କ ରନ ୧୮,୬୪୧ରେ ପହଞ୍ଚି ଯାଇଛି। ତାଙ୍କ ଉପରେ ସଚିନ ତେନ୍ଦୁଲକର ଓ ବିରାଟ କୋହଲି ରହିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ରୋହିତ ଓପନର ଭାବେ ୪୨ତମ ଶତକ ହାସଲ କରିଛନ୍ତି। କ୍ରିସ ଗେଲ ମଧ୍ୟ ସମାନ ୪୨ଟି ଶତକ ହାସଲ କରିଥିଲେ। ତାଲିକାର ୧ନଂ ସ୍ଥାନରେ ଡାଭିଡ ୱାର୍ଣ୍ଣର ୪୯ ଓ ସଚିନ ତେନ୍ଦୁଲକର ୪୫ ରହିଛନ୍ତି।

# ଜିଲ୍ଲା ଆମେଚର ଟାଏକ୍ୱୋଣ୍ଡୋ ଆସୋସିଏନସର କଲର୍ ବେଲ୍ଟ ଉତ୍ସବ



**କଟକ(ଏନ୍.ଏମ୍.):** ଜିଲ୍ଲା ଆମେଚର୍ ଟାଏକ୍ୱୋଣ୍ଡୋ ଆସୋସିଏସନ୍ ପକ୍ଷରୁ ଆଜି ବାରବାଟୀ ଷ୍ଟାଡିୟମଠାରେ କଲର୍ ବେଲ୍ଟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ଆମାଜିଙ୍ଗ ଟାଏକ୍ୱୋଣ୍ଡୋ ଏକାଡେମୀ, ଏ.ଏସ ଟାଏକ୍ୱୋଣ୍ଡୋ ଏକାଡେମୀ, ବାରବାଟୀ ଟାଏକ୍ୱୋଣ୍ଡୋ ଏକାଡେମୀ, କ୍ୟାପଟେନ୍ ଟାଏକ୍ୱୋଣ୍ଡୋ ଏକାଡେମୀ, କୋରିଆନ ମାର୍ସଲଆର୍ଟ ସ୍କୁଲ, ନେତାଜୀ ଟାଏକ୍ୱୋଣ୍ଡୋ ଏକାଡେମୀ ଆଦିରୁ ୧୧୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏହି ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ କଲର୍ ବେଲ୍ଟ ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସବ୍ ଜୁନିଅର ଜାତୀୟ ଟାଏକ୍ୱୋଣ୍ଡୋ ଚମ୍ପିୟାନ୍‌ସିପ୍‌ରେ ଅଂଶ ଗ୍ରହଣ କରିଥିବା କଟକ ସହରର ଶ୍ରୀୟା ମିଶ୍ର, ଚୌଧୁରୀ ଅପୂର୍ବା ମହାପାତ୍ର, ଶ୍ରୀରାମ ନନ୍ଦନ ବେହେରା, ମନୋସ୍ୱିନୀ ପ୍ରିୟଦର୍ଶିନୀ ପଲେଇଙ୍କ ସମେତ ଓଡିଶା ଦଳର କୋଚ୍ ତାପସ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଟକ ଜିଲ୍ଲା ଆମେଚର ଟାଏକ୍ୱୋଣ୍ଡୋ ଆସୋସିଏସନର ସାଧାରଣ ସଂପାଦକ ତଥା କୋଚ୍ ଶ୍ରୀକାନ୍ତ ପରିଡା, ଉପସଭାପତି ଚନ୍ଦନ ସାହୁ, ଏକଜିକ୍ୟୁଟିଭ୍ ମେମ୍ବର ପ୍ରଦୀପ କୁମାର କାଣ୍ଡି, ଓଡିଶା ଟାଏକ୍ୱୋଣ୍ଡୋ ଆସୋସିଏସନ ଏବଂ କଟକ ଜିଲ୍ଲା ଆମେଚର୍ ଟାଏକ୍ୱୋଣ୍ଡୋ ଆସୋସିଏସନ୍‌ର ସଭାପତି କୃଷ୍ଣଚନ୍ଦ୍ର ଦାସ, ସାଧାରଣ ସଂପାଦକ ତଥା ଟାଏକ୍ୱୋଣ୍ଡୋ ଫେଡେରେସନ୍ ଅଫ୍ ଇଣ୍ଡିଆର ଯୁଗ୍ମ ସଭାପତି ସନ୍ତୋଷ ମହାନ୍ତି ପ୍ରମୁଖ ଉତ୍ସବରେ ଯୋଗଦେଇ ପ୍ରମାଣପତ୍ର ପ୍ରଦାନ କରିବା ସହ ସମସ୍ତ ପ୍ରତିଯୋଗୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ନିଶ୍ଚିତ କଲା ବିସିସିଆଇ: ରୋହିତ ଶର୍ମାଙ୍କ କ୍ୟାପ୍ଟେନ୍ସିରେ ଟି-୨୦ ବିଶ୍ୱକପ ଖେଳିବ ଭାରତ



**ନୂଆଦିଲ୍ଲୀ(ଏଜେନ୍ସି):** ଆସନ୍ତା ଜୁନ ୧ରୁ ଆରମ୍ଭ ହେଉଥିବା ଟି-୨୦ ବିଶ୍ୱକପରେ ରୋହିତ ଶର୍ମା ଖେଳିବେ। କେବଳ ଖେଳିବେ ନାହିଁ, ବରଂ ଭାରତର ନେତୃତ୍ୱ ମଧ୍ୟ ନେବେ। ବିସିସିଆଇ ସମ୍ପାଦକ ଜୟ ଶାହ ଏହା ନିଶ୍ଚିତ କରିଛନ୍ତି। ତାଙ୍କ କହିବା କଥା ଯେ ରୋହିତ ଶର୍ମାଙ୍କ କ୍ୟାପ୍ଟେନ୍ସିରେ ଭାରତ ଟି-୨୦ ବିଶ୍ୱକପ ଜିତିବ। ନିରଞ୍ଜନ ଶାହ ଷ୍ଟାଡିୟମର ଉଦଘାଟନ ଅବସରରେ ରୋହିତ ଟି-୨୦ ବିଶ୍ୱକପରେ ଭାରତର ନେତୃତ୍ୱ ନେବେ ବୋଲି ଜୟ ଶାହ କହିଛନ୍ତି। ସେ ପୁଣି କହିଛନ୍ତି ଯେ, "ଆମେ ୨୦୨୩ ଦିନିକିଆ ବିଶ୍ୱକପ ହାରି ଯାଇଛୁ ସତ, କିନ୍ତୁ ଆମେ କ୍ରମାଗତ ୧୦ଟି ମ୍ୟାଚ୍ ଜିତି ସମସ୍ତଙ୍କ ହୃଦୟକୁ ଜିତି ପାରିଛୁ। ମୁଁ ଏବେ ନିଶ୍ଚିତ ଯେ ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ୨୦୨୪ ଟି-୨୦ ବିଶ୍ୱକପ ଟ୍ରଫି ବାରବଡୋସରେ ଉଠାଇବ।" ୨୦୨୨ ଟି-୨୦ ବିଶ୍ୱକପ ସେମି ଫାଇନାଲରେ ଭାରତ ହାରିବା ପର ଠାରୁ ରୋହିତ ଶର୍ମା ଟି-୨୦ ମ୍ୟାଚ୍ ଖେଳି ନଥିଲେ। କିନ୍ତୁ ନିକଟରେ ଶେଷ ହୋଇଥିବା ଆଫଗାନିସ୍ତାନ ବିପକ୍ଷ ମ୍ୟାଚରେ ସେ କମବ୍ୟାକ କରିଥିଲେ। ପ୍ରଥମ ଦୁଇ ମ୍ୟାଚରେ ଫ୍ଲପ ମାରିଥିବା ରୋହିତ ଶେଷ ଟି-୨୦ରେ ଶତକ ହାସଲ କରି ନିଜ ଦକ୍ଷତାର ପରିଚୟ ଦେଇଥିଲେ। ତଥାପି ରୋହିତ ଟି-୨୦ ବିଶ୍ୱକପରେ ଭାରତର ନେତୃତ୍ୱ ନେବେ କି ନାହିଁ, ତା'କୁ ନେଇ ସଂଶୟ ଲାଗି ରହିଥିଲା। ହେଲେ ଜୟ ଶାହ ନିଶ୍ଚିତ କରିଛନ୍ତି ଯେ ରୋହିତ ଶର୍ମା ହିଁ ଭାରତର କମାଣ ଟି-୨୦ ବିଶ୍ୱକପରେ ସମ୍ଭାଳିବେ। ରୋହିତ କ୍ୟାପ୍ଟେନ୍ସି କରିବାକୁ ଯାଉଥିବାରୁ ବିରାଟ କୋହଲି ମଧ୍ୟ ଟି-୨୦ ବିଶ୍ୱକପ ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି। ଦୁଇ ବରିଷ୍ଠ ଖେଳାଳି ବିଶ୍ୱକପ ଖେଳିବାକୁ ଇଚ୍ଛୁକ ଥିବା ଗତ ଜାନୁଆରୀ ମାସରେ ରିପୋର୍ଟ ମଧ୍ୟ ପ୍ରକାଶ ପାଇଥିଲା। ଟି-୨୦ ବିଶ୍ୱକପ ଜୁନ ୧ରୁ ୨୯ ଯାଏ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଅନୁଷ୍ଠିତ ହେବ। ଭାରତ ତା'ର ବିଶ୍ୱକପ ଅଭିଯାନ ଆୟର୍ଲ୍ୟାଣ୍ଡ ବିପକ୍ଷରୁ ଆରମ୍ଭ କରିବ। ଏହି ମ୍ୟାଚଟି ଆସନ୍ତା ଜୁନ ୫ ତାରିଖରେ ନ୍ୟୁୟର୍କରେ ଖେଳାଯିବ। ଜୁନ ୯ରେ ଦଳ ପାକିସ୍ତାନ ଓ ଜୁନ ୧୫ରେ କାନାଡାକୁ ଭେଟିବ।

# ଭାରତକୁ ଡବଲ ଝଟକା; ସିନିୟର ପରେ ଜୁନିୟର ବିଶ୍ୱ ବିଜୟୀ ହେଲା ଅଷ୍ଟ୍ରେଲିଆ



**ନୂଆଦିଲ୍ଲୀ(ଏନ୍.ଏମ୍.):** ଭାରତକୁ ଡବଲ ଝଟକା ଲାଗିଛି। ସିନିୟର ବିଶ୍ୱକପରେ ଭାରତକୁ ମାତ୍ ଦେଇ ଅଷ୍ଟ୍ରେଲିଆ ବିଶ୍ୱ ବିଜୟୀ ହୋଇଥିଲା। ଖେଳାଯାଇଥିବା ୧୯ବର୍ଷରୁ କମ୍ ବିଶ୍ୱକପରେ ମଧ୍ୟ ଭାରତକୁ ପରାସ୍ତ କରି ବିଶ୍ୱ ବିଜେତା ହୋଇଛି। ଦକ୍ଷିଣ ଆଫ୍ରିକାର ବେନୋନି ଖେଳା ଯାଇଥିଲା ଫାଇନାଲରେ ଭାରତକୁ ଅଷ୍ଟ୍ରେଲିଆ ୭୯ ରନରେ ପରାସ୍ତ କରିଛି । ୨୫୪ ରନର ଟାର୍ଗେଟ ନେଇ ପଡ଼ିଆକୁ ଓହ୍ଲାଇଥିଲେ ଭାରତୀୟ ଓପନର ଆଦର୍ଶ ସିଂହ ଓ ଅରସିନ୍ କୁଲକର୍ଣ୍ଣି। ହେଲେ ଅଷ୍ଟ୍ରେଲିଆ ବୋଲରଙ୍କ ରକ୍ଷଣାତ୍ମକ ବୋଲିଂ ଯୋଗୁ ପ୍ରଥମରୁ ଭଲ ସଟ ଖେଳି ପାରିନଥିଲେ ଭାରତୀୟ ବ୍ୟାଟର। ଯେଉଁଥିପାଇଁ ତୃତୀୟ ଓଭରରେ କାଲମ ଭିଡଲରଙ୍କ ଶିକାର ବନିଥିଲେ ଅରସିନ୍ କୁଲକର୍ଣ୍ଣି। ସେ ମାତ୍ର ୩ ରନ୍ କରି ଆଉଟ୍ ହୋଇଥିଲେ। ତା'ପରେ ପାଳି ସମ୍ଭାଳିବାକୁ ଆସିଥିଲେ ମୁସିର ଖାନ୍। ସେ ଆଦର୍ଶ ସିଂହଙ୍କ ସହ ମିଶି କିଛି ସମୟ ପାଇଁ ପାଳି ସମ୍ଭାଳିଥିଲେ। ବ୍ୟକ୍ତିଗତ ଭାବେ ୨୨ରନ୍ କରିଥିବା ବେଳେ ସେ ବିଅଡରମ୍ୟାନ୍‌ଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ଦଳ ବିପଦରେ ଥିବାବେଳେ ପାଳି ସମ୍ଭାଳିବା ପାଇଁ ଆସିଥିଲେ ଅଧିନାୟକ ଉଦୟ ସାହାରନ୍। ପୂରା ଫର୍ମରେ ଥିବା ଉଦୟଙ୍କ ଠାରୁ କିଛି ଭଲ ସଟ ଆଶା କରିଥିଲେ ଦର୍ଶକ। ହେଲେ ସେ ମଧ୍ୟ ନିରାଶ କରିଥିଲେ। ମାତ୍ର ୮ ରନ୍ କରି ମହାଲି ବିଅଡରମ୍ୟାନ୍‌ଙ୍କ ବଲର ଶିକାର ହୋଇଥିଲେ ଉଦୟ। ତା'ପରେ ଆଦର୍ଶ ସିଂହଙ୍କ ସହିତ ପାଳି ସମ୍ଭାଳିବା ପାଇଁ ଆସିଥିଲେ ସଚିନ୍ ଧାସ୍। ସେ ମଧ୍ୟ ବେଶୀ ସମୟ ଟିକି ପାରିନଥିଲେ। ୯ରନ୍ କରି ରଫ୍ ମାକମିଲାନ୍‌ଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇଥିଲେ। ସଚିନ୍ ଧାସ୍ ଆଉଟ୍ ହେବା ପରେ ବ୍ୟାଟିଂ କରିବା ପାଇଁ ଆସିଥିଲେ ପ୍ରିୟାନସୁ ମୋଲିୟା। ସେ ୯ରନ୍ କରିଥିବା ବେଳେ ଚାର୍ଲି ଆଣ୍ଡରସନ୍ ବଲରେ ଆଉଟ୍ ହୋଇ ପ୍ୟାଭିଲିୟନ୍ ଫେରି ଯାଇଥିଲେ। ତା'ଙ୍କ ପରେ ଆସିଥିଲେ ଆରାଭେଲ୍ଲି ଅବିନାଶ। ସେ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଯାଇ ଥିଲେ। ମୁରଗାନ୍ ଅଭିଷେକ ଆଦର୍ଶ ସିଂହ ସହିତ ମିଶି ଧୈର୍ଯ୍ୟପୂର୍ଣ୍ଣ ଭାବେ ବ୍ୟାଟିଂ କରୁଥିଲେ। ଠିକ୍ ସେହି ସମୟରେ ମହାଲି ବିଅଡରମ୍ୟାନ୍‌ଙ୍କ ବଲରେ ଆଉଟ୍ ହୋଇଥିଲେ ଆଦର୍ଶ ସିଂହ। ଆଉଟ୍ ହେଲା ବେଳକୁ ସେ ୪୭ ରନ୍ କରିଥିଲେ। ଆଦର୍ଶ ସିଂହ ଆଉଟ୍ ହେବା ପରେ ବ୍ୟାଟିଂ କରିବା ପାଇଁ ଆସିଥିଲେ ରାଜ ଲିମ୍ବାନୀ। ସେ ମଧ୍ୟ ଖାତା ଖୋଲି ପାରିନଥିଲେ। ତା'ପରେ ବ୍ୟାଟିଂ କରିବା ପାଇଁ ଆସିଥିଲେ ନମନ ତିୱାରୀ। ତାଙ୍କ ସହିତ ମିଶି ବ୍ୟାଟିଂ କରୁଥିବା ବେଳେ ମୁରଗନ୍ ଆଉଟ୍ ହୋଇଥିଲେ। ସେ ୪୨ ରନ୍ କରି ଆଉଟ୍ ହୋଇଥିଲେ। ତା'ପରେ ବ୍ୟାଟିଂ କରିବାକୁ ଆସିଥିବା ସୌମ୍ୟ ପାଣ୍ଡେ ୨ ରନ୍ କରି ଆଉଟ୍ ହୋଇଥିଲେ। ଭାରତ ସମସ୍ତ ୱିକେଟ୍ ହରାଇ ୧୭୪ ରନ୍ କରିଥିଲା। ଅର୍ଥାତ ଅଷ୍ଟ୍ରେଲିଆ ୭୯ ରନ୍ ବିଜୟୀ ହୋଇଛି।

# ବିରଳ ରେକର୍ଡ କ୍ଲବରେ ରବୀନ୍ଦ୍ର ଜାଡେଜା



**ନୂଆଦିଲ୍ଲୀ(ଏନ୍.ଏମ୍.):** ନିଜର ହୋମଗ୍ରାଉଣ୍ଡ ରାଜକୋଟରେ ଚମକିଛନ୍ତି ଟିମ ଇଣ୍ଡିଆର ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା। ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ସେ ନିଜର ଜଲୱା ଦେଖାଇଛନ୍ତି। ଏଥିସହ ନିଜ ଟେଷ୍ଟ କ୍ୟାରିୟରର ୪ର୍ଥ ଶତକ ହାସଲ କରିଛନ୍ତି। ଇଂଲଣ୍ଡ ବିପକ୍ଷରେ ଓ ଘରୋଇ ପରିବେଶରେ ଏହା ଜାଡେଜାଙ୍କ ଦ୍ୱିତୀୟ ଶତକ। ଜାଡେଜାଙ୍କ ସହ ଅଧିନାୟକ ରୋହିତ ଶର୍ମା ମଧ୍ୟ ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ଦମ ଦେଖାଇଛନ୍ତି। ସେ ୧୩୧ ରନ କରିଥିବା ବେଳେ ଜାଡେଜା ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ୧୧୦ ରନ କରି ଅପରାଜିତ ରହିଛନ୍ତି। ଭାରତ ୫ ୱିକେଟ ହରାଇ ତା'ର ପ୍ରଥମ ଇନିଂସରେ ୩୨୬ ରନ ମଧ୍ୟ କରି ନେଇଛି। ତେବେ ଆଜିର ଶତକୀୟ ଇନିଂସ ପରେ ବିରଳ ରେକର୍ଡ କ୍ଲବରେ ଜାଡେଜା ନିଜକୁ ସାମିଲ କରି ପାରିଛନ୍ତି। ସେ ଭାରତର ତୃତୀୟ ଅଲରାଉଣ୍ଡର ଭାବେ ଟେଷ୍ଟ କ୍ରିକେଟରେ ୩ ହଜାର ରନ କରିବା ସହ ୨୫୦ରୁ ଅଧିକ ୱିକେଟ ନେବାର କୀର୍ତ୍ତିମାନ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ କପିଳ ଦେବ ଓ ରବିଚନ୍ଦ୍ରନ ଅଶ୍ୱିନ ଏପରି ରେକର୍ଡ କରିଥିଲେ। ଜାଡେଜା ବର୍ତ୍ତମାନ ସୁଦ୍ଧା ଟେଷ୍ଟ କ୍ରିକେଟରେ ୩୦୦୩ ରନ କରିବା ସହ ୨୮୦ଟି ୱିକେଟ ନେଇ ସାରିଲେଣି। କିମ୍ବଦନ୍ତୀ କ୍ରିକେଟର କପିଳ ଦେବ ୧୩୧ଟି ଟେଷ୍ଟ ଖେଳି ୫୨୪୮ ରନ ସହ ୪୩୪ ୱିକେଟ ନେଇଛନ୍ତି। ଅଶ୍ୱିନ ଟେଷ୍ଟ କ୍ରିକେଟରେ ୩୨୭୧ ରନ ଓ ୪୯୯ ୱିକେଟ ଦଖଲ କରିଛନ୍ତି।

# ଶତକରୁ ଅଳ୍ପକେ ବଞ୍ଚିତ ହେଲେ ଶୁବମନ ଗିଲ୍



**ନୂଆଦିଲ୍ଲୀ(ଏଜେନ୍ସି):** ଶତକରୁ ଅଳ୍ପକେ ବଞ୍ଚିତ ହେଲେ ଶୁବମନ ଗିଲ୍। ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ମଧ୍ୟ ଶୁବମନ ଆଉ ଏକ ଶତକ କରିବା ନେଇ ଆଶା କରାଯାଉଥିଲା। ହେଲେ ସେ ଅଳ୍ପ କିଛି ରନ୍ ବ୍ୟବଧାନରେ ଏଥିରୁ ବଞ୍ଚିତ ହୋଇଛନ୍ତି। ରାଜକୋଟରେ ଖେଳା ଯାଉଥିବା ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟର ଆଜି ଚତୁର୍ଥ ଦିନରେ ଦ୍ୱିତୀୟ ଇନିଂସ ଜାରି ରଖିଛି ଭାରତ। ଗତକାଲି ଷ୍ଟମ୍ପ୍ ଅପସାରଣ ସୁଦ୍ଧା ଭାରତ ୨ ୱିକେଟ ବିନିମୟରେ ୧୯୬ ରନ୍ କରିଥିଲା। ଯଶସ୍ୱୀ ଜୈସ୍ୱାଲ ୧୦୪ ରନ୍ କରି ରିଟାର୍ଡ ହର୍ଟ୍ ନେଇ ଯାଇଥିବା ବେଳେ ରୋହିତ ଶର୍ମା ୧୯ ରନ୍ କରି ଆଉଟ୍ ହୋଇଥିଲା। ରୋହିତଙ୍କ ଆଉଟ୍ ପରେ ଶୁବମନ ଗିଲ୍ ଜୈସ୍ୱାଲଙ୍କ ସାଥ୍ ଦେଇଥିଲେ। ଉଭୟ ସତର୍କତାର ସହ ପାଳିକୁ ଆଗେଇ ନେଇଥିଲେ। ଶତକ ପୂରଣ ପରେ ଜୈସ୍ୱାଲ ରିଟାର୍ଡ ହର୍ଟ୍ ନେଇ ଯାଇଥିଲେ। ତାଙ୍କ ପରେ ଆସିଥିବା ରଜତ ପଟିଦାର ୧୦ଟି ବଲ୍ ଖେଳି ଖାତା ଖୋଲି ପାରିନଥିଲେ। ଏହାପରେ ଶୁବମନଙ୍କ ସାଥ୍ ଦେଇଥିଲେ କୁଲଦୀପ ଯାଦବ। ଷ୍ଟମ୍ପ୍ ଅପସାରଣ ବେଳକୁ ଉଭୟ ଯଥାକ୍ରମେ ୬୫ ଓ ୩ ରନ୍ କରି ଅପରାଜିତ ରହିଥିଲେ। ଆଜି ପୁଣି ଉଭୟ ପାଳି ଆରମ୍ଭ କରିଥିଲେ। ପାଳି ଆରମ୍ଭରୁ ଶୁବମନ ଭଲ ପ୍ରଦର୍ଶନ କରିଥିଲେ। ସେ ଆଉ ଏକ ଶତକ ପୂରଣ କରିବା ନେଇ ଆଶା କରାଯାଉଥିଲା। ମାତ୍ର ୯୧ ରନ୍ କରିଥିବା ବେଳେ ରନ୍ ଆଉଟର ଶିକାର ହୋଇଥିଲେ ଗିଲ୍। ସେ ଆଉଟ୍ ହେବା ପରେ ଜୈସ୍ୱାଲ ପୁନର୍ବାର ବ୍ୟାଟିଂ ଆରମ୍ଭ କରିଛନ୍ତି। ରିପୋର୍ଟ ଲେଖା ହେବା ସୁଦ୍ଧା ଭାରତ ୩ ୱିକେଟରେ ୨୫୨ ରନ୍ କରିଥିଲା। ଏହାର ଅର୍ଥ ଭାରତ ଇଂଲଣ୍ଡ ଠାରୁ ୩୭୮ ରନରେ ଆଗୁଆ ରହିଛି।






# ଚିତ୍କାର କରି ଚେତା ଶୂନ୍ୟ ହୋଇଯାଉଛନ୍ତି ମହିଳା ଫୁଟବଲର, ସମସ୍ତେ ଚକିତ



**ଦେବଗଡ଼(ଏନ୍.ଏମ୍.):** ସାମ୍ନାକୁ ଆସିଛି ଆଶ୍ଚର୍ଯ୍ୟ କରିବା ଭଳି ଘଟଣା। ଫାଇନାଲ ଜିତିବା ପରେ ଅସ୍ୱାଭାବିକ ଆଚରଣ କରିବାରେ ଲାଗିଛନ୍ତି ଦେବଗଡ଼ ମହିଳା ଫୁଟବଲ ଟିମର ୫ ଜଣ ଖେଳାଳି। ସେମାନେ ଫାଇନାଲ ଜିତିବା ପରେ ଚିତ୍କାର କରିବା ସହ ଚେତାଶୂନ୍ୟ ହୋଇଯାଉଛନ୍ତି। ସେମାନଙ୍କର ଏପରି ଆଚରଣ ଦେଖି ସମସ୍ତେ ଚକିତ ହୋଇଯାଇଛନ୍ତି। ବୌଦ୍ଧ ଜିଲ୍ଲା କନ୍ଧମାଳରୁ ଫୁଟବଲ ଟୁର୍ଣ୍ଣାମେଣ୍ଟ ଖେଳି ଦେବଗଡ଼ରେ ପହଞ୍ଚିବା ପର ୫ ଜଣ ଝିଅଙ୍କ କ୍ଷେତ୍ରରେ ଏପରି ବ୍ୟତିକ୍ରମ ଦେଖିବାକୁ ମିଳିଛି। ସେମାନଙ୍କୁ କେହି ଗୁଣି କରି ଦେଇଥିବା ଗାଁ ଲୋକମାନେ ଆଶଙ୍କା କରୁଛନ୍ତି। ଏଥିପାଇଁ ଗାଁ ଲୋକମାନେ ୫ ଜଣ ଝିଅଙ୍କୁ ସ୍ଥାନୀୟ ଚର୍ଚ୍ଚକୁ ନେଇ ପ୍ରାର୍ଥନା ଆରମ୍ଭ କରିଛନ୍ତି। ଦେବଗଡ଼ ଫୁଟବଲ ଟିମର କୋଚ୍ କହିଛନ୍ତି, "ଆମେ ବୌଦ୍ଧର କନ୍ଧମାଳକୁ ଖେଳିବା ପାଇଁ ଯାଇଥିଲୁ। ମଙ୍ଗଳବାର ଆମେ ସେଠାରେ ସେମି ଓ ବୁଧବାର ଫାଇନାଲ ମ୍ୟାଚ୍ ଖେଳିଥିଲୁ। ଫାଇନାଲରେ ମଧ୍ୟ ଦେବଗଡ଼ ମହିଳା ଟିମ ବିଜୟୀ ହୋଇଥିଲା। ଫାଇନାଲ ଖେଳି ସାରିବା ପରେ ଜଣେ ଖେଳାଳି ଅସ୍ୱାଭାବିକ ଆଚରଣ କରିଥିଲେ। ସତେ ଯେମିତି ତାଙ୍କୁ ଭୂତ ଲାଗିଛି, ସେ ସେଭଳି ଆଚରଣ କରିଥିଲେ। ଏହା ଦେଖି ଆମେ ଡରି ଯିବା ସହ ସେଠାରେ ଜଣଙ୍କୁ ଦେଖାଇଥିଲୁ। ସେ ଝଡ଼ାଫୁଙ୍କା କରିବା ପରେ ସବୁ କିଛି ସ୍ୱାଭାବିକ ହୋଇଥିଲା। ତେବେ କିଛି ଘଣ୍ଟା ପରେ ସେ ପୁଣି ଅସ୍ୱାଭାବିକ ଆଚରଣ କରିଥିଲା। ରାତିରେ ଆଉ ଗୋଟିଏ ଝିଅ ମଧ୍ୟ ସମାନ ଆଚରଣ କରିଥିଲା। ସମୟ ବିତିବା ସହ ଆମେ ଦେବଗଡ଼ରେ ପହଞ୍ଚିଥିଲୁ। ଏଠାରେ ପହଞ୍ଚିବା ପରେ ଆଉ କିଛି ଝିଅ ଚିତ୍କାର କରିବା ସହ ବାରମ୍ବାର ଚେତାଶୂନ୍ୟ ହେବାରେ ଲାଗିଥିଲେ। ସମସ୍ତେ ଏହାକୁ ଦେଖି ଚକିତ ହୋଇଛନ୍ତି। ଏବେ ସେମାନଙ୍କୁ ପଥୁରାପାଲି ଚର୍ଚ୍ଚକୁ ନିଆଯାଉଛି। ସେଠାରେ ପ୍ରାର୍ଥନା କରି ସମସ୍ତଙ୍କ ଭଲ କରିବାକୁ ଚେଷ୍ଟା କରିବୁ। ମୁଁ ନିଜେ ଛୁଆ ମାନଙ୍କୁ ଖେଳାଉଥିଲି। ଏବେ ସେମାନେ ଅସୁସ୍ଥ ହୋଇ ପଡ଼ିଛନ୍ତି। ସେମାନଙ୍କୁ କେହି ଗୁଣି କରି ଦେଇଛି କିମ୍ବା ସେମାନଙ୍କ ଦେହରେ ଭୂତ ଲାଗିଛି। ମୁଁ ଖାଲି ଏତିକି ଚାହୁଁଛି ଯେ ସମସ୍ତେ ଶୀଘ୍ର ଭଲ ହୋଇଯାଆନ୍ତୁ।"

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ: ତପନ କୁମାର ସାହୁ